Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 169
Sunday, 24 August 2025
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୨୪ ଅଗଷ୍ଟ, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସୋମବାରଠୁ କାର୍ଯ୍ୟରେ ଯୋଗଦେବେ ଅମଲା : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୩/୦୮ (ଆ.ପ୍ର) : ସୋମବାରରେ କାର୍ଯ୍ୟରେ ଯୋଗ ଦେଇପାରନ୍ତି ଅମଲା କର୍ମଚାରୀ । ଅମଲା ସଂଘ ସହ ଆଲୋଚନା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବଡ ବୟାନ ଦେଇଛନ୍ତି । କିଛି ସଂଘର ନେତା ବିରୋଧୀଙ୍କ ଦ୍ୱାରା ପ୍ରେରିତ ହୋଇ ଆନ୍ଦୋଳନ କରୁଛନ୍ତି । ସେମାନେ ସମସ୍ୟାର ସମାଧାନ ଚାହୁଁ ନାହାନ୍ତି । ବିଭିନ୍ନ ମହଲରୁ ତଥ୍ୟ ଆସୁଛି । ଅମଲାଙ୍କୁ ଢାଲ କରି ସରକାର ବିରୋଧରେ ଆନ୍ଦୋଳନ କରିବା ଲକ୍ଷ୍ୟ । ଏଇଟା ମୋ ପରିବାରର ସମସ୍ୟା । ସମାଧାନ ପାଇଁ ସମୟ ଲାଗିବ । ବିଧି ବ୍ୟବସ୍ଥା ଭିତରେ ହେବ କ୍ୟାଡର ପୁନଃଗଠନ । ଏହି ପ୍ରକ୍ରିୟା ଶେଷ ସୋପାନରେ ଅଛି । ବିଗତ ସରକାର ଯେତେ ସମସ୍ୟା ଛାଡିକି ଯାଇଛନ୍ତି ଗୋଟିଏ ବି ସମସ୍ୟାର ସମାଧାନ କରିନାହାନ୍ତି । ଯେଉଁମାନେ ସଂଘକୁ ଭୁଲ ରାସ୍ତାରେ ନେଉଛନ୍ତି ସେମାନେ ତାଙ୍କୁ ଚିହ୍ନନ୍ତୁ । ସେମାନେ ମଙ୍ଗଳ ଚାହୁଁ ନାହାନ୍ତି । ଲୋକଙ୍କ ହଇରାଣ ନାପକେଇ କାର୍ଯ୍ୟରେ ଯୋଗ ଦିଅନ୍ତୁ । କିଛି ଲୋକ ଅଛନ୍ତି ସେମାନେ ଏବେ ବି ଭାବୁଛନ୍ତି ପୂର୍ବ ସରକାର ଚାଲିଛି । ସେମାନେ କେଉଁ କେଉଁ ନେତାଙ୍କୁ ଭେଟୁଛନ୍ତି ତାର ରିପୋର୍ଟ ବି ମୋ ପାଖେ ଅଛି । ୮ ହଜାର ଅମଲାଙ୍କୁ ଆନ୍ଦୋଳନକୁ ଓହ୍ଲାଇ ସେମାନେ ଭାବୁଛନ୍ତି ସରକାରକୁ ହଇରାଣ ପକେଇ ଦେବ । କ୍ଷମତାରୁ ବାହାରକୁ ଯିବାକୁ ସେମାନେ ହଜମ କରିପାରୁ ନାହାନ୍ତି । କେମିତି ଏଇ ସରକାର ଗଲେ ସେମାନେ ପୁଣି କ୍ଷମତାକୁ ପଳେଇ ଆସିବେ । ସେମାନଙ୍କୁ ଜଣାନାହିଁ, ଏ ସରକାର ଯିବାର ନାହିଁ । ବିଭିନ୍ନ ଜିଲ୍ଲାର ଅମଲା କର୍ମଚାରୀ ଆସିଥିଲେ ସେମାନେ କହୁଥିଲେ ସଂଘର ନେତା ଆମକୁ କିଛି କହୁନାହାନ୍ତି । ସୋମବାର ସେମାନେ କାର୍ଯ୍ୟରେ ଯୋଗ ଦେବାକୁ ରାଜି ହୋଇଛନ୍ତି । ଯେଉଁମାନେ କାର୍ଯ୍ୟରେ ଯୋଗ ଦେବେ ନାହିଁ ଏବେ ସରକାର ଅସ୍ତ୍ର ବ୍ୟବହାର କରୁନାହାନ୍ତି । ଯଦି ସେମାନେ ସୁଧୁରିବେ ନାହିଁ । ସରକାରକୁ ଅପଦସ୍ତ କରିବାକୁ ଚେଷ୍ଟା କରିବେ । ତାହେଲେ ରାଜସ୍ୱ ବିଭାଗ ପାଖରେ ବହୁତ ଅସ୍ତ୍ର ଅଛି ସେମାନେ ସମ୍ଭାଳି ପାରିବେ ନାହିଁ ।

ନବୀନ ପଟ୍ଟନାୟକଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ଭୁବନେଶ୍ୱର ୨୩/୦୮ (ଆ.ପ୍ର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ନିବାସ ପହଂଚି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହୋଇ ମେଡିକାଲରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଆଜି ତାଙ୍କ ପାଖରେ ପହଂଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ବୁଝିଛନ୍ତି । ତେବେ କେବଳ ମୁଖ୍ୟମନ୍ତ୍ରୀ ନୁହଁନ୍ତି, ଆଜି ଅନେକ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ପାରନ୍ତି ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ, ଡିହାଇଡ୍ରେସନ କାରଣରୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି ହୋଇଥିଲେ । ସୁସ୍ଥ ହେବା ପରେ ସେ ନବୀନ ନିବାସ ଫେରିଛନ୍ତି । ସେବେଠାରୁ ଦଳମତ ନିର୍ବିଶେଷରେ ଅନେକ ନେତା ଓ ସମର୍ଥକ ତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରୁଛନ୍ତି । ଏହି କ୍ରମରେ ଆଜି ମୁଖ୍ୟମନ୍ତ୍ରୀ ନିଜେ ଯାଇ ନବୀନଙ୍କୁ ଭେଟିଛନ୍ତି । ଗତ ନିର୍ବାଚନ ଫଳାଫଳ ଆସିବା ପରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ମଧ୍ୟ ନବୀନ ନିବାସ ଯାଇ ନବୀନଙ୍କୁ ଭେଟିଥିଲେ ମୋହନ ମାଝୀ । ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା । ସୂଚନା ଥାଉ, ଗତକାଲି (ଶୁକ୍ରବାର) ନବୀନ ନିବାସରେ ତାଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ଦୀର୍ଘ ଦିନ ପରେ ନବୀନ ନିବାସକୁ ଆସିଥିଲେ ନବୀନଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକ । ବିଜେଡି ସଭାପତି ନବୀନ ପଟ୍ଟନାୟକ ସୁସ୍ଥ ହୋଇ ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ତାଙ୍କୁ ଭେଟିବା ଲାଗି ବଡ଼ ଭାଇ ନବୀନ ନିବାସରେ ପହଂଚିଥିବା କୁହାଯାଉଛି । ତେବେ ପ୍ରେମଙ୍କ ହଠାତ ଓଡିଶା ଗସ୍ତ ନେଇ ରାଜନୈତିକ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଛି । ନବୀନଙ୍କ ଉତରାଧିକାରୀ ବାବଦରେ ଆଲୋଚନା ହୋଇଥିବା ମଧ୍ୟ ଅନେକ କହୁଛନ୍ତି ।

କଟକ ସିଟି ହସ୍ପିଟାଲର ବରିଷ୍ଠ ସହାୟକ କିଶୋର ସାହାଣୀ ଗିରଫ

କଟକ, ୨୩/୦୮ (ଆ.ପ୍ର) : କୋଟିପତି ସିନିୟର ଆସିଷ୍ଟାଂଟ ଗିରଫ । ଆୟଠୁ ଅଧିକ ସଂପତି ଠୁଳ ଅଭିଯୋଗରେ କଟକ ସିଟି ହସ୍ପିଟାଲର ବରିଷ୍ଠ ସହାୟକ କିଶୋର ସାହାଣୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ଆଜି ତାଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ କୋର୍ଟକୁ ଚାଲାଣ କରାଯିବ । ଭିଜିଲାନ୍ସ ରେଡ ବେଳେ ତାଙ୍କର ଦୁଇଟି ବିଲ୍ଡିଂ ଏବଂ ୧୯ ମୂଲ୍ୟବାନ ପ୍ଲଟ ଠାବ ହୋଇଛି । କଟକ ସହର ଓ ଏହାର ଆଖପାଖରେ ରହିଛି ସବୁ ପ୍ଲଟ । ଚୌଦ୍ୱାରର ପଳାଶିଆରେ ଅଢ଼େଇ ଏକର ଜମିରେ ବାବୁଙ୍କର ରହିଛି କୁକୁଡ଼ା ଫାର୍ମ । ସେହିପରି ନୂଆସାହିରେ ୨୫ଶହ ବର୍ଗଫୁଟରେ ଏକ ତିନି ମହଲା କୋଠା ରହିଛି । ବରିଷ୍ଠ ସହାୟକ କିଶୋର ସାହାଣୀଙ୍କ ଘରୁ ମିଳିଛି ନଗଦ ୩ ଲକ୍ଷ ୩୦ ହଜାର ଟଙ୍କା ଏବଂ ୧୩୫ ଗ୍ରାମ ସୁନା । ବିଭିନ୍ନ ବ୍ୟାଙ୍କ ଏବଂ ପୋଷ୍ଟାଲରେ ୫୫ ଲକ୍ଷ ୪୮ ହଜାର ଟଙ୍କା ଜମା ରହିଛି । ବାବୁଙ୍କର ଗୋଟିଏ ଚାରି ଚକିଆ ଓ ୩ଟି ଦୁଇ ଚକିଆ ଯାନ ଅଛି । ତାଙ୍କ ନାଁରେ ୧ କୋଟି ୨୪ ଲକ୍ଷ ଟଙ୍କାର ସରକାରୀ ଅର୍ଥ ହେରଫେର ଅଭିଯୋଗ ଥିଲା । ଆୟ ବହିର୍ଭୂତ ସଂପୃତି ଠୁଳ ଅଭିଯୋଗରେ କିଶୋରଙ୍କ ଲିଙ୍କ୍ ରେ ଏକକାଳୀନ ୫ଟି ସ୍ଥାନରେ ରେଡ୍ କରିଥିଲା ଭିଜିଲାନ୍ସ । ତେବେ ଏତେ ସଂପତି କିପରି କମାଇଲେ ସେ ବାବଦରେ ବରିଷ୍ଠ ସହାୟକ କିଶୋର ସାହାଣୀ ଭିଜିଲାନସ ଅଧିକାରୀଙ୍କୁ କୌଣସି ସନ୍ତୋଷଜନକ ଉତର ଦେଇପାରିନଥିଲେ ।

ମହାକାଶରେ ମାଇଲଖୁଂଟ ସ୍ଥାପନ କରିବା ଏବେ ଆମର ସ୍ୱଭାବ ହୋଇଛି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩/୦୮ (ନ୍ୟୁ.ଏ) : ମହାକାଶ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ନୂଆ ଉପଲବ୍ଧି ହାସଲ କରିବା, ଭାରତ ଓ ଭାରତୀୟ ବୈଜ୍ଞାନିକଙ୍କ ଅଭ୍ୟାସରେ ପରିଣତ ହୋଇଛି । ଆଜି ମହାକାଶ ପ୍ରଯୁକ୍ତି ଭାରତୀୟ ପ୍ରଶାସନର ଅଂଶ ହୋଇଛି । ଜାତୀୟ ମହାକାଶ ଦିବସ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ କାର୍ଯ୍ୟକ୍ରମକୁ ଭର୍ଚୁଆଲ୍ ମୋଡରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସମେତ ଗଗନଯାନ ମିଶନରେ ଯିବାକୁ ଥିବା ଅନ୍ୟ ମହାକାଶଚାରୀ ମଧ୍ୟ ଉପସ୍ଥିତ ରହିଥିଲେ । ଏହାସହ କେନ୍ଦ୍ରୀୟ ପୃଥ୍ୱୀ ବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂହ ଓ ଇସ୍ରୋ ଅଧକ୍ଷ ଭି ନାରାୟଣନ ମଧ୍ୟ ଉପସ୍ଥିତ ରହିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଚଳିତ ବର୍ଷ ମହାକାଶ ଦିବସର ଥିମ୍ ଆର୍ଯ୍ୟଭଟ୍ଟରୁ ଗଗନଯାନ ଯାଏ ରହିଛି । ଏଥିରେ ଅତୀତର ଆତ୍ମବିଶ୍ୱାସ ବି ଅଛି ଓ ଭବିଷ୍ୟତର କଳ୍ପନା ମଧ୍ୟ । କମ ସମୟ ଭିତରେ ହିଁ ଜାତୀୟ ମହାକାଶ ଦିବସ ଆମ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଓ ଆକର୍ଷଣର ବିଷୟ ହୋଇଛି । ଏହା ଦେଶ ପାଇଁ ଗୌରବର ବିଷୟ । ପ୍ରଧାନମନ୍ତ୍ରୀ କହିଥିଲେ, ମହାକାଶ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ନୂଆ ଉପଲବ୍ଧି ହାସଲ କରିବା, ଭାରତ ଓ ଭାରତୀୟ ବୈଜ୍ଞାନିକଙ୍କ ସ୍ୱଭାବ ହୋଇଛି । ଦୁଇ ବର୍ଷ ପୂର୍ବେ ଭାରତ ଏପରି ଦେଶ ପାଲଟିଥିଲା, ଯିଏ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଂଚିବାରେ ଇତିହାସ ରଚିଥିଲା । ଆମେ ସେହି ଦେଶ ମଧ୍ୟରେ ସାମିଲ ହୋଇଛୁ, ଯେଉଁମାନେ ମହାକାଶରେ ଡକିଂ ଓ ଅନଡକିଂର କ୍ଷମତା ହାସଲ କରିଛନ୍ତି । ପିଏମ୍ କହିଥିଲେ, ଶୁଭାଂଶୁ ଶୁକ୍ଳା ଇଂଟରନ୍ୟାସନାଲ୍ ସ୍ପେସ୍ ଷ୍ଟେସନରେ ତ୍ରିରଙ୍ଗା ପହଂଚାଇ ପ୍ରତିଟି ଭାରତୀୟଙ୍କୁ ଗର୍ବିତ କରିଥିଲେ । ମୋତେ ଯେତେବେଳେ ସେ ତ୍ରିରଙ୍ଗା ଦେଇଥିଲେ, ସେହି ମୁହୂର୍ତ୍ତ ଓ ଅନୁଭୂତିର ଶବ୍ଦରେ ବର୍ଣ୍ଣନା ନାହିଁ । ଆଜି ଭାରତ ସେମି କ୍ରାୟୋଜେନିକ ଇଞ୍ଜିନ ଓ ଇଲେକ୍ଟ୍ରିକ୍ ପ୍ରୋପଲ୍ସନ ପରି ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ଦିଗରେ ଆଗକୁ ବଢ଼ୁଛି । ଆଗାମୀ ଦିନରେ ଭାରତର ନିଜର ସ୍ପେସ୍ ଷ୍ଟେସନ ନିର୍ମାଣ କରିବ । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ମୁଁ ଲାଲକିଲ୍ଲାରୁ କହିଥିଲି ଯେ ଆମର ରାସ୍ତା ରିଫର୍ମ, ପରଫର୍ମ ଓ ଟ୍ରାନ୍ସଫର୍ମର ରାସ୍ତା ଅଟେ । ଏଥିପାଇଁ ଗତ ୧୧ ବର୍ଷରେ ଦେଶ ସ୍ପେସ୍ ସେକ୍ଟରରେ ଗୋଟିଏ ପରେ ଗୋଟିଏ ବଡ଼ ସଂସ୍କାର କରିଛି । ଆଜି ମହାକାଶ ପ୍ରଯୁକ୍ତି ଭାରତୀୟ ପ୍ରଶାସନର ଅଂଶ ହୋଇଛି । ଫସଲ ବୀମା ଯୋଜନାରେ ସାଟେଲାଇଟ୍ ସାହାଯ୍ୟରେ ଆକଳନ କରାଯାଉଛି । ମତ୍ସ୍ୟଜୀବୀଙ୍କୁ ସାଟେଲାଇଟ୍ ସାହାଯ୍ୟରେ ସୂଚନା ଓ ସୁରକ୍ଷା ଦିଆଯାଉଛି । ବିପର୍ଯ୍ୟୟ ପରିଚାଳନା ହେଉ ଅବା ପିଏମ୍ ଗତି ଶକ୍ତିରେ ସବୁ ମହାକାଶ ପ୍ରଯୁକ୍ତିକୁ ବ୍ୟବହାର କରାଯାଉଛି । ଆଜି ମହାକାଶ କ୍ଷେତ୍ରରେ ଭାରତର ପ୍ରଗତି ନାଗରିକଙ୍କ ଜୀବନରେ ସୁବିଧା ଆଣିଛି ।

ଶ୍ରୀମନ୍ଦିର ପରିସରରେ ହେବ ସ୍ତନ୍ୟପାନ ଗୃହ

ପୁରୀ, ୨୩/୦୮ (ଆ.ପ୍ର) : ମନ୍ଦିର ପରିସରରେ ହେବ ସ୍ତନ୍ୟପାନ ଗୃହ । ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁଙ୍କ ପାଇଁ ବ୍ୟବସ୍ଥା କରାଯିବ । ସ୍ୱତନ୍ତ୍ର ଗୃହ ପାଇଁ ସ୍ଥାନ ନିରୂପଣ କରାଯାଇଥିବା ସୂଚନା ମିଳିଛି । ଶ୍ରୀମନ୍ଦିର ପରିସର ଶାଖା କାର୍ଯ୍ୟାଳୟ ନିକଟରେ ଗୃହ ପାଇଁ ନିଷ୍ପତି ହୋଇଛି । ସ୍ତନ୍ୟପାନ ଗୃହ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ରହିବେ । ତୁରନ୍ତ କାର୍ଯ୍ୟକାରୀ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ଦିନ ଧରି ଏ ଦାବି ହୋଇଆସୁଥିବା ବେଳେ ଏବେ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇଛି । ଶ୍ରୀମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଆସୁଥିବା ବେଳେ ଅନେକ ମହିଳା ନିଜ ଛୋଟ ଶିଶୁଙ୍କୁ ନେଇ ଆସିଥାନ୍ତି । ସେମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ, ବିଦାୟୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ବରିଷ୍ଠ ସୁପରଭାଇଜର୍ ବର୍ଷି ପ୍ରତିହାରୀ, ସହକାରୀ ପ୍ରଶାସିକା ଶୁଭଶ୍ରୀ ସୁଚିସ୍ମିତା ଏବଂ ଅନ୍ୟ ଅଧିକାରୀ ଏ ସମ୍ବନ୍ଧରେ ଆଲୋଚନା କରି ଏହି ସ୍ୱତନ୍ତ୍ର ଗୃହ ସ୍ଥାପନ ପାଇଁ ସ୍ଥାନ ନିରୂପଣ କରିଛନ୍ତି । ଶ୍ରୀମନ୍ଦିର ପରିସରରେ ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତି ହୋଇଛି । ସମ୍ପୃକ୍ତ ଗୃହରେ ଗୋପନୀୟତା ଏବଂ ପରିମଳ ଉପରେ ଦୃଷ୍ଟି ଦିଆଯିବ । ଏହି ଗୃହ ପାଇଁ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ । ଦୀର୍ଘ ଦିନ ଧରି ଏନେଇ ଦାବି ହୋଇ ଆସୁଥିବା ବେଳେ ଭକ୍ତ ଶ୍ରଦ୍ଧାଳୁ, ବିଶେଷ କରି ମହିଳାଙ୍କ ପ୍ରତି ଉତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ ହେବ ବୋଲି କହିଛନ୍ତି ପୁରୀ ଜିଲ୍ଲାପାଳ ।

ବୁଲା କୁକୁରଙ୍କୁ ବଳକା ମାଂସ ନଦେବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩/୦୮ (ଆ.ପ୍ର) : କୁକୁର ମାନଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ସଂଶୋଧିତ ରାୟ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ମନ୍ତ୍ରୀ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କଡାକଡି ପାଳନ କରିବ ବିଭାଗ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କରିବ ବୁଲା କୁକୁରଙ୍କ ଗଣନା । ବିଭାଗ ପକ୍ଷରୁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ, ଗଣନା ଏବଂ ଟିକାକରଣ କରାଯିବ । ଏହାସହ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରି ଅଣାଯାଇଥିବା ସ୍ଥାନରେ ଛାଡି ଦିଆଯିବ । ଯେଉଁମାନେ ହିଂସ୍ର ଓ ଜଳାତଙ୍କ ରୋଗରେ ପୀଡିତ ଥିବେ ଆଶ୍ରୟ ସ୍ଥଳରେ ରଖାଯିବ । ରାଜ୍ୟରେ ଅଛନ୍ତି ୭ ଲକ୍ଷ ବୁଲା କୁକୁର ଏବଂ ପୋଷା କୁକୁର ଅଛନ୍ତି ୬୪ ହଜାର । ଏଣିକି ବୁଲା କୁକୁରଙ୍କୁ ରାସ୍ତାକଡରେ ଖାଇବାକୁ ନଦେବାକୁ ସଚେତନ କରିବ ମ୍ୟୁନିସିପାଲିଟି । ଏହାସହ ପ୍ରତି ମ୍ୟୁନିସିପାଲିଟି ଅଂଚଳରେ ଚିକେନ-ମଟନ ଦୋକାନୀଙ୍କୁ ତଦାରଖ କରିବେ ମ୍ୟୁନିସିପାଲିଟି କର୍ମଚାରୀ । ଏଣେ ତେଣେ ପକାଇପାରିବେ ନାହିଁ କିମ୍ବା ବୁଲା କୁକୁରଙ୍କୁ ବଳକା ମାଂସ ନଦେବାକୁ ନିର୍ଦ୍ଦେଶ । ସେଥିପାଇଁ ସର୍ବସାଧାରଣ ସ୍ଥାନରେ ଚିକେନ-ମଟନ ନକାଟି ନିର୍ଦ୍ଦିଷ୍ଟ ସ୍ଥାନରେ କାଟିବେ ଦୋକାନୀ । ଏନେଇ ବିଭାଗ ପକ୍ଷରୁ ସମସ୍ତ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ । ନିର୍ଦ୍ଦିଷ୍ଟ ସ୍ଥାନରେ କୁକୁରଙ୍କୁ ଖାଇବାକୁ ଦିଆଯିବ । ସାମାଜିକ ସଂଗଠନ ଓ ଏନଜିଓମାନେ ବୁଲା କୁକୁରଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି ।

ଶିକ୍ଷକଙ୍କୁ ସମ୍ମାନର ସହ ଜୀବନ ବଂଚିବା ପାଇଁ ଆମ ସରକାର ବଦ୍ଧ ପରିକର : କେନ୍ଦ୍ରମନ୍ତ୍ରୀ



କଟକ, ୨୩/୦୮ (ଆ.ପ୍ର) : ଗୋଟିଏ ସମୟରେ କଟକକୁ ବନ୍ୟାଜଳରୁ ରକ୍ଷା କରିବା ପାଇଁ ବାଇମୁଣ୍ଡି କାଠଯୋଡିରେ ପଥର ବନ୍ଧ କରିଥିଲେ । ଆଜିର ସମୟରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅପପୁଷ୍ଟିରୁ ରକ୍ଷା କରିବା ପାଇଁ ସେମାନଙ୍କୁ ପୁଷ୍ଟିକର ଆହାର ଯୋଗଦେବା ଦିଗରେ କଟକବାସୀ ଆଗଭର ହେବା ସହ ଏ ଦିଗରେ ଦେଶରେ ଉଦାହରଣ ତିଆରି କରିବା ଉଚିତ୍ ବୋଲି ସହରବାସୀଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କଟକ ଠାରେ ରେଭେନ୍ସା କଲିଜିଏଟ୍ ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୩୬ରେ ଓଡ଼ିଶା ଭାଷା ଭିତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ୧୦୦ ବର୍ଷ ପୂରଣ କରିବ । ଏହି ସମୟ ମଧ୍ୟରେ ଆମର ଦୁଇଟି ଦାୟିତ୍ୱ ଅଛି, ଗୋଟିଏ ହେଲା ମାତୃଭାଷାରେ ଶିକ୍ଷା ଏବଂ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ପୋଷଣ । ଯେଉଁ କଟକରେ ବାଇମୁଣ୍ଡି କାଠଯୋଡ଼ିରେ ପଥର ବନ୍ଧ କରି ସହରକୁ ବନ୍ୟାଜଳରୁ ରକ୍ଷା କରିଥିଲେ, ସେହି କଟକରେ ଏକ ଦାୟିତ୍ୱବାନ ସମାଜ ଭାବରେ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ପୋଷଣର ଦାୟିତ୍ୱ ଆମେ କାହିଁକି ନେଇପାରିବା ନାହିଁ ? କେବଳ ସରକାର ନୁହେଁ ସମାଜ ମଧ୍ୟ ଏ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ରେଭେନ୍ସା କଲିଜିଏଟ ସ୍କୁଲ ସହ ମୋର ଅନେକ ଦିନର ସ୍ମୃତି ଜଡ଼ିତ । ଏହା ସବୁ ଓଡ଼ିଆଙ୍କ ପାଇଁ ଏକ ସର୍ବପୁରାତନ ହାଇସ୍କୁଲ ନୁହେଁ ବରଂ ଏକ ତୀର୍ଥକ୍ଷେତ୍ର ସହ ସମାନ । କାରଣ ଏହି ହାଇସ୍କୁଲ ମଣିଷ ତିଆରି କରେ ନାହିଁ ବରଂ ଜଣେ ଜଣେ ନେତୃତ୍ୱକୁ ତିଆରି କରେ । ଏହି ସ୍କୁଲ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ତିଆରି କରିଛି, ଯେଉଁମାନେ ଆମର ରାଷ୍ଟ୍ରର ଗୌରବ ବଢାଇଛନ୍ତି । ୬ ସେପ୍ଟମ୍ବର, ୨୦୧୯ରେ ଏହି ସ୍କୁଲକୁ ଆସିଥିବା ବେଳେ ଭାରତ ସରକାରଙ୍କ ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ ଏଚପିସିଏଲର ସିଏସଆର୍ ଫଣ୍ଡରୁ ପାଖାପାଖି ୨ କୋଟି ଟଙ୍କା ବ୍ୟୟରେ ନେତାଜୀ ବିଜ୍ଞାନ ପ୍ରୟୋଗଶାଳା ଏବଂ ପାଠାଗାର ଉଦଘାଟନ କରିବାର ସୁଯୋଗ ମିଳିଥିଲା । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଆସିବା ପରେ ଓଡ଼ିଆ ସମାଜ ସହ ଜଡ଼ିତ ଐତିହ୍ୟ ସମ୍ପନ୍ନ ବିଦ୍ୟାଳୟର ଜିର୍ଣ୍ଣୋଦ୍ଧାର କରିବା ପାଇଁ ନୀତି ଆଣିଛନ୍ତି । ଅବିଳମ୍ବେ ଜାତୀୟ ଶିକ୍ଷାନୀତି - ୨୦୨୦ର କ୍ରିୟାନ୍ୱୟନ ସହ ଏହାର ପରାମର୍ଶ ଅନୁସାରେ ସିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ଜଙ୍ଗଲ ଛାଡ଼ି ଏବେ ସହରରେ ପଶିଲା ଦନ୍ତା ହାତୀ

ଜି.ଉଦୟଗିରି, ୨୩।୦୮ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଂଚଳର ଜଙ୍ଗଲ ନିକଟ ବର୍ତ୍ତି ଗାଁ ଗୁଡ଼ିକରେ ଉପଦ୍ରବ କରି ୩ ମଣିଷ, ୧୦ରୁ ଊର୍ଦ୍ଧ୍ୱ ଗାଈ ମାରିଥିବା ବେଳେ ୨୨ ତାରିଖ ପ୍ରାୟ ରାତି ୨ଟା ହେବ ସ୍ଥାନୀୟ ଧବଳେଶ୍ୱର ମନ୍ଦିର ନିକଟରେ କିଛି ଖାଇବା ସହ ଗଛ, ପ୍ରାଚୀର ଭାଙ୍ଗି ଥିବା ନେଇ ମନ୍ଦିର ପୂଜକ ସନ୍ତୋଷ କୁମାର ମୁନିଙ୍କ ଠାରୁ ସୂଚନା ମିଳିଛି । ବନ ବିଭାଗର ସୂଚନା ଅନୁସାରେ ଦନ୍ତା ହାତୀ ଟି ଧବଳେଶ୍ୱର ମନ୍ଦିର ଠାରୁ ଚମ୍ପା ସାହି, କଚେରୀ ସାହି, ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଅଂଚଳ ଦେଇ ନିକଟସ୍ଥ ବିଲ ମାଳରେ ପଶି ଗାମୁଲି ଜଙ୍ଗଲକୁ ପଳେଇ ଯାଇଛି । ଉକ୍ତ ଦନ୍ତା ହାତୀକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବା ପ୍ରତିବାଦରେ ଗତ ୧୯ ତାରିଖରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ୨୦ ଖଣ୍ଡ ଗାଁର ହଜାର ହଜାର ମହିଳା ପୁରୁଷ ଜି.ଉଦୟଗିରି, କଳିଙ୍ଗା ବନ୍ଦ ଡାକରା ଦେଇ ବିଶାଳ ରାଲିରେ ଯାଇ ମାନ୍ୟବର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଓ ବିଡିଓଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ । ହାତୀ ଏବେ ସହର ମଝିରେ ପଶିବା ଖବର ପାଇ ସହର ବାସି ଭୟଭୀତ ଥିବା ଦେଖିବାକୁ ମିଳିଛି । ଦୀର୍ଘ ଦିନ ହେଲା ହାତୀ ଉପଦ୍ରବ ଯୋଗୁଁ ବହୁ ଲୋକଙ୍କ ଘର ଦ୍ୱାର ଫସଲ ନଷ୍ଟ କରିବା ସହ ମଣିଷ ଓ ଗୃହପାଳିତ ପଶୁ ଙ୍କୁ ହତ୍ୟା କରିଛି ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବନ କର୍ମଚାରୀ ପ୍ରତିଦିନ ହାତୀ ଘଉଡ଼ାଇବା କାମରେ ବ୍ୟସ୍ତ କିନ୍ତୁ ବନ ବିଭାଗର ଜିଲ୍ଲା ଅଧିକାରୀ ଓ ରାଜ୍ୟ ଅଧିକାରୀ କର୍ଣ୍ଣ ପାତ କରୁନାହାନ୍ତି କୌଣସି ଉଚିତ୍ ପଦକ୍ଷେପ ନେଇ ହାତୀ ସ୍ଥାନାନ୍ତର କରୁନଥିବା ନେଇ ଅଂଚଳରେ ଜନ ଅସନ୍ତୋଷ ଦେଖାଦେଇଛି ।

ଜଗନ୍ନାଥ ସେବା ସମିତି ପକ୍ଷରୁ ଅସହାୟ ମହିଳା ମାନଙ୍କୁ ନୂତନ ବସ୍ତ୍ର ବଂଟନ

ଧର୍ମଗଡ଼, ୨୩।୦୮ (ଆ.ପ୍ର) : ଧର୍ମଗଡ଼ ଜଗନ୍ନାଥ ସେବା ସମିତି ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଉଦ୍ୟମରେ ଆଜକୁ ଏକ ସପ୍ତାହ ହେବ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକର ଅନେକ ଉପାନ୍ତ ଅଂଚଳ ଗାଁ କୁ ଗାଁ ଯାଇ ଅସହାୟ ନିରିହ ମହିଳା ମାନଙ୍କୁ ନୂତନ ବସ୍ତ୍ର ତଥା ସାଢୀ, ଆଦି ପ୍ରଦାନ କରା ଯାଉଥିବା ଦେଖିବାକୁ ମିଳୁଛି । ଠିକ ସେହିପରି କୋକସରା ବ୍ଲକର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଂଚଳ ଯାହାକି ବିରି ମୁହାଣ, ଆନ୍ଦିଗରନ, ଚିର୍ଲିଆମ, ନୂଆଁ ଗାଁ, ପିଣାପଦର, ଝୁଲେଳ ବର ଭଳି ବଣ ପାହାଡ ଘେରା ଗାଁ ମାନଙ୍କରେ ଅସହାୟ ନିରିହ ମହିଳା ମାନଙ୍କୁ ଜଗନ୍ନାଥ ସେବା ସମିତିର ଉଦ୍ୟମରେ ବିଜେପିର କାର୍ଯ୍ୟ କର୍ତ୍ତା ସାମିଲ ହୋଇ ନୂତନ ବସ୍ତ୍ର ବଂଟନରେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା । ଏଥିରେ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ବରିଷ୍ଠ କାର୍ଯ୍ୟ କର୍ତ୍ତା, ସନ୍ତୋଷ ମାଝୀ, ଚକ୍ରଧର ଦେଶ୍ରୀ, ପୂର୍ବତନ ଆମପାଣି ମଣ୍ଡଳ ବିଜେପି ସଭାପତି ଅର୍ଜୁନ ଭାଟି, ଅରକ୍ଷିତ ଭଞ୍ଜ, ପାରେଶ୍ୱର, ଭୁବନେଶ୍ୱର, ବୈଷ୍ଣବ, ପ୍ରମୁଖ ସାମିଲ ସୋଇଥିଲେ । ବିଧାୟକ ପ୍ରତିନିଧି ଗାଁ ମାନଙ୍କରେ ବୁଲି ଗାଁ ଲୋକମାନଙ୍କ ସହ ବସି ଆଲୋଚନା କରିଥିଲେ । ଗାଁ ଲୋକେ ଦିର୍ଘ ଦିନରୁ ରହି ଆସୁଥିବା ବିଭିନ୍ନ ସମସ୍ୟା ଯଥା ରାସ୍ତାଘାଟ, ପୋଖରୀ, ଅତିରିକ୍ତ ସ୍କୁଲ ଶ୍ରେଣୀ ଗୃହ, ପାଟେରି, ଶିକ୍ଷକ ଅଭାବ, କଳଭଟ ଭଳି ଅନେକ ସମସ୍ୟାକୁ ଜଣାଇଥିଲେ । ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ । ଅପରପକ୍ଷରେ ଧର୍ମଗଡ଼ ଜଗନ୍ନାଥ ସେବା ସମିତିର ଏଭଳି ଏକ ମହାନ ପଦକ୍ଷେପ ସାଧାରଣରେ ବେଶ୍ ପ୍ରସଂଶନୀୟ ହୋଇଛି ।

ବାଞ୍ଜିବାହାଲ-ମହାଜନଗୁଡା ରାସ୍ତା ନିର୍ମାଣ ବିଳମ୍ବ, ଆନ୍ଦୋଳନ ଚେତାବନୀ ଦେଲା ଜଗନ୍ନାଥ ସେବା ସମିତି

କୋକସରା, ୨୩।୦୮ (ଆ.ପ୍ର) : ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କୋକସରା ବ୍ଲକ ବାଞ୍ଜିବାହାଲଠାରୁ ମହାଜନଗୁଡାକୁ ସଂଯୋଗ କରୁଥିବା ରାସ୍ତାର ମୁଟୁରା ନଦି ଉପରେ ନିର୍ମାଣ ସେତୁ ଓ ସଂଳଗ୍ନ ରାସ୍ତା ଅତ୍ୟନ୍ତ ନିମ୍ନମାନର ଏବଂ ନିର୍ମାଣରେ ବିଳମ୍ବ ହୋଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ରାସ୍ତା ନିର୍ମାଣର ଅଳ୍ପ ଦିନ ମଧ୍ୟରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ଫାଟି ଆଁ କରିଥିଲା । ଏନେଇ ଗତ କିଛିଦିନ ତଳେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ରାସ୍ତା ପରିଦର୍ଶନ କରି ନିମ୍ନମାନ କାର୍ଯ୍ୟ ଦେଖି କ୍ଷୋଭ ପ୍ରକାଶ କରି ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀ ମଧ୍ୟ ଗସ୍ତ କରି ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିବା ସହ ଉନ୍ନତ ମାନର ରାସ୍ତା ତିଆରି କରିବା ପାଇଁ କହିଲେ । ତେବେ ଉକ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ୨ମାସ ମଧ୍ୟରେ ସେତୁ ଉପର ସଂଳଗ୍ନ ରାସ୍ତା ମରାମତି କରିବା ସହ ଉନ୍ନତ ମାନର ଓ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଧର୍ମଗଡ଼ର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ଦାବି କରିଛି । ଏବଂ ଉକ୍ତ ସମୟ ସୀମା ମଧ୍ୟରେ ଯଦି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ସମ୍ପନ୍ନ କରା ନ ଗଲେ ଆଗାମୀ ଦିନରେ ଆମରଣ ଅନଶନରେ ବସି ଆନ୍ଦୋଳନ କରିବା ପାଇଁ ସମିତିର ସଭାପତି ସମେତ କର୍ମକର୍ତ୍ତା ମାନେ ଚେତାବନୀ ଦେଇଛନ୍ତି । ଏନେଇ ସେବା ସମିତି ପକ୍ଷରୁ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଇଥିବା ଜଗନ୍ନାଥ ସେବା ସମିତିର ସଭାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଅଧାରୁ ପାଠଛାଡ଼ି ଦେଇଥିବା ସୋନାଲିଙ୍କ ପୁନଃ ନାମଲେଖା

ବଣପଲ୍ଲୀ, ୨୩।୦୮ (ଆ.ପ୍ର) : ବଣପଲ୍ଲୀ ବ୍ଲକ କୁଲୁରୁକୁମ୍ପା ଗ୍ରାମ ପଂଚାୟତର ବିଡ଼ାପାଲୁ ଗ୍ରାମର ପ୍ରହଲ୍ଲାଦ ନାଏକଙ୍କ ସ୍ତ୍ରୀ ସବିତା ନାଏକ ଦୀର୍ଘଦିନ ଧରି କୀଡନି ରୋଗରେ ଆକ୍ରାନ୍ତ ଥିବା ଘଟଣା ସମସ୍ତ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ବଣପଲ୍ଲୀ ବ୍ଲକ ଟାକରା ଅଂଚଳରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରିୟବ୍ରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ନିହାର ରଞ୍ଜନ ମହାନ୍ତି,ସଭ୍ୟ ଚନ୍ଦନେଶ୍ୱର ଦାସ, ଚନ୍ଦ୍ର ଶେଖର ନାଏକ, ନାରାୟଣ ସାହୁ, ବିଦ୍ୟାଧର ମୁଦୁଲି ସବିତାଙ୍କ ଘରେ ପହଂଚିଥିଲେ । ତାଙ୍କୁ କିଛି ରାସନ ସାମଗ୍ରୀ ଓ ଆର୍ଥିକ ସହାୟତା କରିବା ସହ ସବିତାଙ୍କ ଝିଅ ସୋନାଲି ନାଏକ ୫ମ ଶ୍ରେଣୀରୁ ପାଠପଢ଼ାରେ ଡୋରୀ ବାନ୍ଧିଥିବା ସୋନାଲିଙ୍କୁ ପୁଣି ଥରେ ସ୍କୁଲରେ ନାମ ଲେଖାଇବାରେ ସାହାଯ୍ୟ କରିଥିଲେ । ସୂଚନା ଅନୁସାରେ ଟ୍ରଷ୍ଟ ପକ୍ଷରୁ ବଣପଲ୍ଲୀ ବିଇଓ ଭକ୍ତି ବିନୋଦ ସଲ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହିତ ସୋନାଲିଙ୍କ ନାମଲେଖା ସମ୍ପର୍କରେ ଆଲୋଚନା କରି ଆବଶ୍ୟକ ଡକ୍ୟୁମେଂଟ ପ୍ରସ୍ତୁତ କରି ବୁଗୁଡ଼ା ସ୍ଥିତ ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷୟତ୍ରୀ ନମିତା ସ୍ୱାଇଁଙ୍କ ସହିତ ସାକ୍ଷାତ କରି ସବିତାଙ୍କ ପରିବାରର ସମ୍ପର୍କରେ ଆଲୋଚନା କରି ସୋନାଲିଙ୍କ ନାମ ଲେଖାଇବାକୁ ଅନୁରୋଧ କରିଥିଲେ ଏବଂ ପରିଶେଷରେ ସବିତାଙ୍କ ଅଧାରୁ ପାଠଛାଡ଼ିଥିବା ଝିଅର ନାମ ବୁଗୁଡ଼ା କନ୍ୟାଶ୍ରମରେ ଷଷ୍ଠ ଶ୍ରେଣୀରେ ଲେଖାଯାଇଛି ।ପୂର୍ବରୁ ମଧ୍ୟ ସ୍ଥାନୀୟ ଅଂଚଳରେ ବହୁ ଜନମଙ୍ଗଳକାରୀ କାର୍ଯ୍ୟକରି ଉତ୍ସର୍ଗ ଫାଉଣ୍ଡେସନ ବେଶ ଲୋକପ୍ରିୟତା ହାସଲ କରିଥିବା ବେଳେ ଏ କଥା ଶୁଣି ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମସି)ର ଡେପୁଟି ମେୟର ମଞ୍ଜୁଲତା କହଁର ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟକୁ ପ୍ରଶଂସା କରିଛନ୍ତି ।

କାମରେ ଆସୁନି ଗୋଷ୍ଠୀ ଶୌଚାଳୟ

ଯାଜପୁର, ୨୩।୦୮ (ଆ.ପ୍ର) : ଯାଜପୁର ସହରରେ ବିଭିନ୍ନ ସ୍ଥାନରେ ଥିବା ଗୋଷ୍ଠୀ ଶୌଚାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ବିଗହରା ହେଉଛି ସ୍ୱଚ୍ଛ ଭାରତ ଅଭିଯାନ । କେନ୍ଦ୍ର ଓ ରାଜ୍ୟ ସର କାର ସ୍ୱଚ୍ଛ ଭାରତ ମିଶନ ଏବଂ ପଂଚାୟତରାଜ ବିଭାଗର ମିଳିତ ସହଯୋଗରେ ବାହ୍ୟମଳ ମୁକ୍ତ ରୋକିବା ସହ ଜନସାଧାରଣ ସୁସ୍ଥ ଆରୋଗ୍ୟ ରହିବା ପାଇଁ ସହରର ବିଭିନ୍ନ ସ୍ଥାନରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିଲା । ସହରର ମୁଖ୍ୟ ସ୍ଥାନ ଗାନ୍ଧୀ ଛକ ଠାରୁ ଆରମ୍ଭ କରି ବୈତରଣୀ ଶ୍ମଶାନ ଘାଟ ଆଦି ବିଭିନ୍ନ ସ୍ଥାନରେ ଏହି ଶୌଚାଳୟ ତିଆରି ହୋଇଥିଲା । ହେଲେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଶୌଚାଳୟ କେତେ ସ୍ଥାନରେ ପରିଚାଳନା ହେଉଥିବା ବେଳେ ଆଉ କେଉଁଠି ତାଲାବନ୍ଦ ଥିବା ଦେଖାଯାଏ । ବିଶେଷ କରି ସହରର ମୁଖ୍ୟ ଗାନ୍ଧୀ ଛକ ଠାରେ ଥିବା ଯାଜପୁର ପୌରପାଳିକା ଶୌଚାଳୟଟି ଯେତେବେଳେ ଦେଖିବେ ଚାବି ପଡ଼ିଛି । ଜିଲ୍ଲାର କୋର୍ଟକଚେରୀ ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସେଠାରେ ଥିବା ବେଳେ ମହିଳା ଓ ଯୁବତୀଙ୍କ ପାଇଁ ଏହା ଏକ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହେଉଛି । ଯାହା ଶୁଣିବାକୁ ମିଳେ ଆବଶ୍ୟକ ପାଣି ନ ଥିବାରୁ ତାଲା ଝୁଲୁଥିବା ବେଳେ ଅନ୍ୟ କେତେକ ଅଦ୍ୟାବଧି ଆରମ୍ଭରୁ ତାଲା ପଡିରହିଛି । ଏ ସମ୍ପର୍କରେ ସ୍ୱଚ୍ଛ ଭାରତ ମିଶନ ବିଭାଗ ଏବଂ ଯାଜପୁର ପୌରପାଳିକା ଅଧିକାରୀ ସହ ଜାଣିବାକୁ ଚେଷ୍ଟା କରୁଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିଲାନାହିଁ । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

କର୍କଶ ସ୍ୱରରେ ଚାଲୁଛି ମୋଟର ସାଇକେଲ, ପୋଲିସ ନିରବ

ବଣପଲ୍ଲୀ, ୨୩।୦୮ (ଆ.ପ୍ର) : ରାସ୍ତାରେ ଗାଡ଼ି ଚଳାଇବା ପାଇଁ କେତେ ଯେ ନିୟମ ଅଛି ତାହା ଗଣିବା କଷ୍ଟକର । ହେଲମେଟ ଠାରୁ ଆରମ୍ଭ କରି ଡ୍ରାଇଭିଂ ଲାଇସେନ୍ସ, ଗାଡିର ପଲ୍ୟୁସନ୍, ଇନସ୍ୟୁରାନ୍ସ ପାଇଁ ଅନେକ୍ ସମୟରେ ବାଟ ଘାଟରେ ମୋଟା ଅଙ୍କ ର ଦଣ୍ଡ ଗଣିବାକୁ ପଡୁଛି । ହେଲେ ବିଡମ୍ବନାର ବିଷୟ ହେଉଛି ବଣପଲ୍ଲୀରେ ଖୁବ୍ କମ୍ ବୟସର ଛାତ୍ର ଛାତ୍ରୀ ହାଇସ୍ପିଡ୍ ବାଇକ୍ ଧରି ପ୍ରତିଦିନ ସ୍କୁଲ, କଲେଜକୁ ଯାତାୟତ କରୁଛନ୍ତି ! ଏମିତିକି ବାଇକରେ ତିନି ତିନି ଜଣ ବସି ଆସୁଛନ୍ତି ! ମୋଟର ସାଇକେଲରୁ ସାଇଲେନ୍ସ ବାହାର କରି କର୍କଶ ଶବ୍ଦ ରେ ରାସ୍ତାରେ ଯିବା ଆସିବା କରୁଥିବାର ଦେଖାଯାଇଛି ।ଏଥିଯୋଗୁଁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ମାନ ବଢୁଛି । ମନେହେଉଛି ସତେ ଯେଉଭଳି ଏଥିପ୍ରତି ବଣପଲ୍ଲୀ ପୋଲିସର ସାମାନ୍ୟତମ ଅଂକୁଶ ରହୁନାହିଁ । ଦେଖି ନଦେଖିଲା ଭଳି ରହୁଛନ୍ତି । ପ୍ରଶାସନର ନଜର କେବେ ପଡ଼ିବ ? ପ୍ରତିଦିନ ହାଇସ୍ପିଡ୍ ବାଇକ ନାବାଳକଙ୍କ ଦ୍ୱାରା ବଣପଲ୍ଲୀ ସହର ମଧ୍ୟରେ ଯାତାୟତ କରୁଥିବା ବେଳେ ଏଥିପ୍ରତି ଅଭିଭାବକ ମାନେ କେବେ ସଚେତନ ହେବେ ଆଉ ପ୍ରଶାସନ ଏହା ଉପରେ ଅଂକୁଶ ଲଗାଇବ ତାହା ଦେଖିବାକୁ ବାକି ରହିଲା ।

ସିନାପାଲି କଲେଜରେ ନୂତନ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ



ସିନାପାଲି, ୨୩।୦୮ (ଆ.ପ୍ର) : ନୂଆପଡା ଜିଲ୍ଲା ସିନାପାଲି ମହାବିଦ୍ୟାଳୟରେ ଆଜି ଯୁକ୍ତ +୨ପ୍ରଥମ ବର୍ଷ ଓ ଯୁକ୍ତ +୩ର ପ୍ରଥମ ବର୍ଷ ନୂତନ ଛାତ୍ର ଛାତ୍ରୀ ଙ୍କୁ ଆଜି ସ୍ୱାଗତ ସମାରୋହରେ ଏ.ବି ଭୁଇଁ ଭୁଇଁ (ପ୍ରିନସିପାଳ)ଙ୍କ ନେତୃତ୍ୱରେ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପ ଜିଲ୍ଲାପାଳ ଶ୍ରୀମତୀ ସୁର୍ମୀ ଶୋରେନ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବ୍ରଜମୋହନ ଧାକଡ଼ (ଇତିହାସ ଅଧାପକ), ଟଙ୍କଧର ସାହୁ(ଉଦ୍ଭିଦ ବିଜ୍ଞାନ ଅଧାପକ), ଅଯୋଧାନାଥ ଦାସ (ଇଂରାଜି ଅଧାପକ), ହେମନାଥ ଭୋଇ(ରାସାୟନିକ ବିଜ୍ଞାନ ଅଧାପକ) ଯୋଗଦେଇଥିଲେ । ଆଜିର ଏହି ସ୍ୱାଗତ ସମାରୋହରେ କ୍ଷେତ୍ରମୋହନ ଦୁରିଆ (ଗଣିତ ଅଧାପକ) ସ୍ୱାଗତ ଭାଷଣ ଦେଇଥିଲେ ଏହି ସ୍ୱାଗତ ସମାରୋହରେ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । ଏହି ପରିପେକ୍ଷୀରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗୀ ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ସ୍ୱର୍ଣ୍ଣରାଣୀ ଦାସ (ଓଡ଼ିଆ ଅଧାପିକା) ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କେବେ ହେବ ଶିକ୍ଷା ବିଭାଗର କର୍ମଚାରୀଙ୍କ ବଦଳି ପକ୍ରିୟା

ବଣପଲ୍ଲୀ, ୨୩।୦୮ (ଆ.ପ୍ର) : ସରକାର ବଦଳିବାର ବର୍ଷେ ଅତିକ୍ରାନ୍ତ ହୋଇ ଯାଇଛି । ଯୋଜନା ପରେ ଯୋଜନା ମାନ ପ୍ରସ୍ତୁତ ହେଉଛି । ଶିକ୍ଷା ବିଭାଗ ପାଇଁ ମଧ୍ୟ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ହେଲେ ବଦଳି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପାରୁନି । ବଣପଲ୍ଲୀ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ (ବିଇଓ ଅଫିସ) ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ (ଡିଇଓ ଅଫିସ) ଏବେ କେତେକ କର୍ମଚାରୀ ବର୍ଷ ବର୍ଷ ଧରି ଗାଦି ମାଡି ବସିଛନ୍ତି । ପରିସ୍ଥିତି ଏଭଳି ହେଉଛି ଯେ, କୌଣସି ବିବାଦ ଉପୁଜିଲେ ନିକଟସ୍ଥ କୌଣସି ସ୍କୁଲକୁ ଯାଇ କିଛି ଦିନ କାର୍ଯ୍ୟକରି ପୁଣି କଳେ ବଳେ କୌଶଳେ ନିଜର ପୂର୍ବ ସ୍ଥାନକୁ ଫେରି ଆସିବାରେ ସକ୍ଷମ ହେଉଛନ୍ତି । ବିଭାଗୀୟ ସ୍ୱଚ୍ଛତା ପାଇଁ ବଦଳିର ଏକ ମୁଖ୍ୟ ଭୂମିକା ଥିବା ବେଳେ ଶିକ୍ଷା ବିଭାଗରେ ଗାଦି ମାଡ଼ି ବସିଥିବା କିଛି କର୍ମଚାରୀଙ୍କୁ କାହିଁକି ଗୋଟିଏ ଗୋଟିଏ ସ୍ଥାନରେ ଦୀର୍ଘ ଦିନ ଧରି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆ ଯାଉଛି, ତାକୁ ନେଇ ଶିକ୍ଷାବିତ୍ ତଥା ବୁଦ୍ଧିଜୀବୀ ମହଲରେ ଏବେ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ସୂଚନା ଯୋଗାଯେ ବଣପଲ୍ଲୀ ବ୍ଲକ ଅନ୍ତର୍ଗତ ଦୁଡ଼ା ପଂଚାୟତର ଗାଡ଼ିଆ ପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କହଁର ଦୀର୍ଘ ୧୮ ବର୍ଷ ଧରି ଏହି ବିଦ୍ୟାଳୟରେ ଗାଦି ମାଡି ବସିଛନ୍ତି । ନିୟମିତ ବିଦ୍ୟାଳୟକୁ ଆସୁନଥିବା, ଅଭିଭାବକ ଓ ଛାତ୍ର ଛାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲଙ୍କ ନିକଟରେ ଗ୍ରାମବାସୀ ମାନେ ଅଭିଯୋଗ କରିବା ସହିତ ପ୍ରଧାନ ଶିକ୍ଷକଙ୍କୁ ସେହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରି ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି କରିବା ପାଇଁ ଦାବୀ କରିଥିଲେ ।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ; ୧୭ ବର୍ଷ ପରେ ମଧ୍ୟ ସାର୍ବଜନୀନ ହେଉନି ତଦନ୍ତ ରିପୋର୍ଟ

କନ୍ଧମାଳ, ୨୩।୦୮ (ଆ.ପ୍ର) : ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡକୁ ୧୭ବର୍ଷ ପୂରଣ ହୋଇଛି । ୨୦୦୮, ଅଗଷ୍ଟ ୨୩ରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ପାଇଁ ସ୍ୱାମୀଜୀ କନ୍ଧମାଳର ଜଲେଶପଟା ଆଶ୍ରମକୁ ଯାଇଥିବା ସମୟରେ ପ୍ରାୟ ୪୦ରୁ ଅଧିକ ଆତତାୟୀ ଗୁଳି ବର୍ଷଣ କରିବା ଫଳରେ ସ୍ୱାମୀଜୀଙ୍କ ସମେତ ତାଙ୍କର ଚାରିଜଣ ଅନୁଗାମୀଙ୍କ ମୃତ୍ୟୁ ଘଟିଥିଲା । ପରବର୍ତ୍ତୀ ସାମ୍ପ୍ରଦାୟିକ ହିଂସାରେ ୩୫ ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା ଓ ଶତାଧିକ ବାସଗୃହ ନିଆଁରେ ପାଉଁଶ ହୋଇଯାଇଥିଲା । କିନ୍ତୁ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ଏହି ଲୋମହର୍ଷଣକାରୀ ଘଟଣାରେ ଏ ପର୍ଯ୍ୟନ୍ତ ସ୍ୱାମୀଜୀଙ୍କୁ ନ୍ୟାୟ ମିଳିପାରି ନାହିଁ । ଜଘନ୍ୟ ହତ୍ୟାକାଣ୍ଡର ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇପାରି ନାହିଁ । ଆସନ୍ତା ୧୮ ତାରିଖରେ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବାବେଳେ ୨୦୧୫ ମସିହାରୁ ରାଜ୍ୟ ଆଇନ ବିଭାଗରେ ପଡ଼ି ରହିଥିବା ତଦନ୍ତ ରିପୋର୍ଟ ଗୃହରେ ଉପସ୍ଥାପନ ହେବ କି ନାହିଁ, ତାହା ଉପରେ ସାରା ରାଜ୍ୟର ନଜର ରହିଛି । ବିରୋଧୀ ଆସନରେ ବସିଥିବା ବେଳେ ଏହି ରିପୋର୍ଟ ବିଧାନସଭାରେ ଉପସ୍ଥାପନ ପାଇଁ ବିଜେପି କ୍ରମାଗତ ଭାବେ ଦାବି କରି ଆସୁଥିଲା । କିନ୍ତୁ କ୍ଷମତାକୁ ଆସିବାର ଇତିମଧ୍ୟରେ ବର୍ଷେରୁ ଅଧିକ ସମୟ ବିତିଯାଇ ଥିବା ବେଳେ ସ୍ୱାମୀଜୀଙ୍କ ହତ୍ୟାକାଣ୍ଡ ରିପୋର୍ଟ ସାର୍ବଜନୀନ ହୋଇପାରି ନାହିଁ । କମିସନଙ୍କ ତଦନ୍ତ ରିପୋର୍ଟର ତର୍ଜମା ଚାଲିଛି ବୋଲି କହି ସରକାର ସମୟ ଗଡ଼ାଇ ଚାଲିଥିବା ଆଲୋଚନା ହେଉଛି । ଏହି ରିପୋର୍ଟ ବିଧାନସଭାକୁ କେବେ ଆସିବ ଆଉ ଘଟଣାର ସତ୍ୟତା ଓଡ଼ିଶାବାସୀ ଜାଣିବେ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ । ଅଗଷ୍ଟ ୧୬ ରେ ସ୍ୱାମୀଜୀଙ୍କ ସ୍ମରଣରେ ଭୁବନେଶ୍ୱରରେ ଆୟୋଜିତ ରଣଦୌଡ଼ରେ ଅଂଶଗ୍ରହଣ କରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଥିଲେ ଯେ, ଆଇନ ବିଭାଗ ପକ୍ଷରୁ ତଦନ୍ତ ରିପୋର୍ଟର ତର୍ଜମା କରାଯାଉଛି । ଉପଯୁକ୍ତ ସମୟରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏପରିକି ସେହି ଦିନ ରଣଦୌଡ଼ ଆୟୋଜନ କରିଥିବା ସାଧୁସନ୍ଥ ସମାଜ ପକ୍ଷରୁ ସ୍ୱାମୀଜୀଙ୍କ ହତ୍ୟାକାରୀଙ୍କୁ ଖୋଜି ବାହାର କରିବା ଲାଗି ସରକାରଙ୍କୁ ଆହ୍ୱାନ କରିଥିଲେ । ଜନ୍ମାଷ୍ଟମୀ ଦିନ କନ୍ଧମାଳ ଜଲେଶପଟା ଓ ଚକାପାଦ ଆଶ୍ରମରେ ଆୟୋଜିତ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ଅନ୍ତେବାସୀ ଏବଂ ଶ୍ରଦ୍ଧାଳୁମାନେ ତଦନ୍ତ ରିପୋର୍ଟ ଅଦ୍ୟାବଧି ସାର୍ବଜନୀନ ହୋଇପାରି ନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ତେଣୁ ତର୍ଜମା ନାମରେ ରିପୋର୍ଟ ସାର୍ବଜନୀନ ନ ହେବାକୁ ଅନେକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ବିଶେଷକରି ସେ ସମୟରେ ସ୍ୱାମୀଜୀଙ୍କୁ ନ୍ୟାୟ ଦେବା ନିମନ୍ତେ ଆନ୍ଦୋଳନ କରି ବିଜେଡି ସରକାରଙ୍କ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିବା ସମର୍ଥକମାନେ ବିଜେପିର ଡବଲ ଇଞ୍ଜିନ ସରକାର କେବେ ନ୍ୟାୟ ଦେବ ବୋଲି ପ୍ରଶ୍ନ ଉଠାଇଛନ୍ତି ।

ରାମନାଗୁଡ଼ା ବ୍ଲକ୍ ପାଲୁପାଇ ହାଟ ମଣ୍ଡପ ଠାରେ କଳାକାର ସମ୍ମିଳନୀ ବୈଠକ ଅନୁଷ୍ଠିତ

ରାୟଗଡା, ୨୩।୦୮ (ଆ.ପ୍ର) : ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ପାଲୁପାଇ ହାଟ ମଣ୍ଡପ ଠାରେ ଜିଲ୍ଲା କଳାକାର ମହସଂଘ ରାୟଗଡ଼ା ପକ୍ଷରୁ କଳାକାର ସମ୍ମିଳନୀ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଏଥିରେ ଲୋକକଳା କଳାକାର ବିହ୍ୱଟ ପ୍ରକ୍ରିୟା ସହ ଆଂଚଳିକ ଭାଷା ଲୋକକଳା ସଂସ୍କୃତିର ପ୍ରଚାର ପ୍ରସାର ପୁନରୁଦ୍ଧାର ଏବଂ କଳାକାରଙ୍କ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା । ଗତ ସରକାର ଥିବା ସମୟରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଭତା ପାଇଁ ଆବେଦନ କରିବାକୁ ଚିଠି ହୋଇଥଲା ଏବଂ ସେହି ସମୟରେ ଅନେକ କଳାକାର ଆବେଦନ ମଧ୍ୟ କରିଥିଲେ କିନ୍ତୁ ବର୍ତ୍ତମାନ ନୂତନ ସରକାର ହୋଇ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଧା ଏ ପର୍ଯ୍ୟନ୍ତ ଏଇ ପ୍ରକ୍ରିୟା ଆରମ୍ଭ ହେଇ ନ ଥିବାରୁ ଏହାକୁ ନେଇ ଆଗାମୀ ଦିନରେ ଏହାକୁ ନେଇ ମହା ସଂଘ ପକ୍ଷରୁ ଦାବୀ ରଖାଯିବ ବୋଲି ନିଷ୍ପତି ନିଆ ଯାଇଥିଲା । ଏହା ସହ ଆଂଚଳିକ ଭାଷା କଳା ସଂସ୍କୃତିର ପ୍ରଚାର୍ ପ୍ରସାର ପାଇଁ କଳାକାର ଙ୍କ ନିଜସ୍ୱ ଉଦ୍ୟମରେ ଜିଲ୍ଲା କଳାକାର ମହସଂଘ ରାୟଗଡ଼ା ଆନୁକୁଲ୍ୟରେ ଚଳିତ ବର୍ଷ ସେପଟେମ୍ବର ୧୪ ତାରିଖରେ ରାମନାଗୁଡ଼ା କଳାକାର ମହୋତ୍ସବ ଆୟୋଜନ କରିବା ପାଇଁ ନିଷ୍ପତି ନିଆଗଲା । ଏହି ସମ୍ମିଳନୀ ବୈଠକ ରେ ଜଣାଶୁଣା କଳାକାର ତଥା ଜିଲ୍ଲା କଳାକାର ମହାସଂଘ ରାୟଗଡ଼ା ଜିଲ୍ଲା ସଭାପତି ସନ୍ତୋଷ କୁମାର ବଛା, ରାମନାଗୁଡ଼ା ବ୍ଲକ୍ କଳା ସଂସ୍କୃତି ସଂଘ ଉପ ସଭାପତି ତଥା କୁଜେନ୍ଦ୍ରି ସରପଂଚ ରମେଶ ଶବର, ରାମନାଗୁଡ଼ା ବ୍ଲକ୍ ଜିଲ୍ଲା କଳାକାର ମହାସଂଘ ସଭାପତି କୃଷ୍ଣଚନ୍ଦ୍ର ଶବର ଏବଂ ସମ୍ପାଦକ ଧର୍ମାରାଓ ମୁଟିକା ,ବରିଷ୍ଠ କଳାକାର ବେପାରି କଣ୍ଡାଗରି, ଧନଞ୍ଜୟ କୌଟିତ, ସୁନିଲ୍ ସେଠି, ଲକ୍ଷ୍ମଣ ଶବର, ଶ୍ରୀଧର କାଡ୍ରାକା, ଭାଗିରଥି ଶବର, ପଦ୍ମାବତୀ ପାତିକା, ନୀଳକଣ୍ଠ ବିଡ଼ିକା ସୁକଦେବ ମାଣ୍ଡଙ୍ଗି ଏବଂ ଦୁଇ ଶହରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକକଳା କଳାକାର ଉପସ୍ଥିତ ରହିଥିଲେ ।

ନୂତନ ଜିଲ୍ଲାପାଳଙ୍କ କଲ୍ୟାଣସିଂହପୁର ବ୍ଲକ୍ ଗସ୍ତ, ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ପରିଦର୍ଶନ

ରାୟଗଡ଼ା କଲ୍ୟାଣସିଂହପୁର, ୨୩।୦୮ (ଆ.ପ୍ର) : ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକକୁ ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିବା ଦେଖିବାକୁ ମିଳିଛି । ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ପ୍ରଥମେ ଶିକରପାଇ ପଂଚାୟତର କୃଷ୍ଣ ନଗର ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନେ କରିଥିବା ହଳଦୀ ଚାଷ ପରିଦର୍ଶନ କରି ସମସ୍ୟା ବୁଝି ଥିଲେ । କ୍ରିଡାଲପାଡୁ ନିକଟରେ ହେଉଥିବା ମେଗା ପ୍ରଜେକ୍ଟ ପରିଦର୍ଶନ କରିଥିଲେ । ଶିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସମସ୍ୟା ରହିଥିବା ଖବର ବାରମ୍ବାର ପ୍ରକାଶ ପାଇବା ପରେ ପରିଦର୍ଶନ କରି ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ପରିବେଶ ଦେଖି ଖୁସି ହେବା ସହ ସାମାନ୍ୟ କାମ ରହିଥିବା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସହ ଆଲୋଚନା କରିଥିଲେ । ଶିକରପାଇ ରେ ମହାବିଦ୍ୟାଳୟ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଲିଖିତ ପ୍ରଦାନ କରିଥିଲେ । ଅଲଣ୍ଡା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ପରେ କ୍ରିଷ୍ଣାପାତ୍ରଗୁଡା ରେ ହେଉଥିବା ମେଘାପ୍ରଜେକ୍ଟ ପରିଦର୍ଶନ କରିବା ସହ ନଭେମ୍ବର ମାସ ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଠିକାଦାର ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ସିରିଗୁର ଏସ ଏସ ଡି ବାଳିକା ବିଦ୍ୟାଳୟ ସମ୍ପୂର୍ଣ୍ଣ ପରିଦର୍ଶନ କରିଥିଲେ । ବିଦ୍ୟାଳୟ ଶୌଚାଳୟ, ଶ୍ରେଣୀ ଗୃହ, ପାଣି ସମସ୍ୟା ଦେଖି ଥିଲେ । ଜିଲ୍ଲା ସେବାଶ୍ରମ ରେ ଝାଡାବାନ୍ତି, ମ୍ୟାଲେରିଆ ରେ ଛାତ୍ର ଛାତ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରିଥିଲେ । ବ୍ଲକରେ ରିଭିୟୁ ବୈଠକ କରିଥିଲେ । ଏହାପରେ ପାର୍ଷାଲି ପଂଚାୟତର ନିୟମଗିରି ପାହାଡ଼କୁ ଗସ୍ତ କରିଥିଲେ । ସେହିସମୟରେ ଘାଗୁଡ଼ିମାଳ ଗ୍ରାମର ମହିଳାପୁରୁଷ ଏକତ୍ରିତ ହୋଇ ରାସ୍ତା ସମସ୍ୟାକୁ ନେଇ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ନିୟମଗିରି ପାହାଡ଼ରେ ଥିବା କାଡ୍ରାକାବଣଲୀ ଗ୍ରାମକୁ ଯାଇ ଡ଼ଙ୍ଗରିଆ ମହିଳା ଓ ପୁରୁଷ ଙ୍କ ସହ ଆଲୋଚନା କରିଥିଲେ । ପାନୀୟ ଜଳ, ବିଦ୍ୟୁତ ଓ ରାସ୍ତା ସମସ୍ୟା ସମାଧାନ କରିଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଜନମନ ଯୋଜନା ରେ ହୋଇଥିବା ଘର ଗୁଡ଼ିକ ପରିଦର୍ଶନ କରିଥିଲେ । ଏହାପରେ ସାନଡେଙ୍ଗିଲେଲି ଓ ଫାକେରି ରାସ୍ତା ପରିଦର୍ଶନ କରିବା ପରେ ଶେଷରେ ବ୍ଲକର କାର୍ଯ୍ୟାଳୟ ଆସି ଫେରିଥିଲେ । ଜିଲାପାଳ ଗସ୍ତ ସମୟରେ ବିଡ଼ିଓ ମନୀଷା ଦାସ, ପାନୀୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ରମେଶ ମିଞ୍ଜ,କନିଷ୍ଠ ଯନ୍ତ୍ରୀ ନୀଳିମା ପ୍ରିୟଦର୍ଶିନୀ ଦାସ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଚନ୍ଦନ ନାୟକ, ବ୍ଲକ କନିଷ୍ଠ ଯନ୍ତ୍ରୀ ଶିବଶଙ୍କର ହିମ୍ରମ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି, ଆରଡ଼ି ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ରମେଶ ନାୟକ ସମେତ ବ୍ଲକ ଅଧିକାରୀ ପ୍ରମୁଖ ଗସ୍ତ କରିଥିଲେ ।

କନିଷ୍ଠ ଶିକ୍ଷକଙ୍କ ସମସ୍ୟାର ସମାଧାନ ବାବଦରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିବାର ପ୍ରତିଶ୍ରୁତି ଦେଲେ ବସ୍ତା ବିଧାୟିକା

ବାଲିଆପାଳ, ୨୩/୦୮ (ଆ.ପ୍ର) : ବାଲିଆପାଳ ଓ ବସ୍ତା ବ୍ଲକର ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନେ ଶୁକ୍ରବାର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ତାଙ୍କ ଲଙ୍ଗଳେଶ୍ୱର ସ୍ଥିତ ବାସଭବନରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଧାୟିକା ଜେନା କନିଷ୍ଠ ଶିକ୍ଷକମାନଙ୍କର ସମସ୍ୟା ବାବଦରେ ସରକାରଙ୍କ ସହ ଆଲୋଚନା କରିବା ସହିତ ତାହାର ସମାଧାନ ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟ ଦାବି ଗୁଡିକ ହେଉଛି ବିଦ୍ୟାଳୟ ଗୁଡିକରେ ନିୟମିତ ଶିକ୍ଷକ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଯୋଜନା ଭିତିକ ଶିକ୍ଷକ ନିଯୁକ୍ତିର କଳା ପ୍ରଥାକୁ ଉଚ୍ଛେଦ କରାଯିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ବିଧାନ ସଭା କମିଟିର ସୁପାରିଶ ଓ ଚିଠିକୁ କାର୍ଯ୍ୟକାରୀ କରିବା । ଗୌରାଙ୍ଗ ସାହୁ, ମଦନ ମୋହନ ନାୟକ, ରବି ନାରାୟଣ ମିଶ୍ର, ଧନଞ୍ଜୟ ଦାସ, ଏକକେ ରାହୁଲ୍, ସଂଚିତା ରାଉତ, ଫତେମା ଖାତୁନ, ବୈଶାଖୀ ସାହୁ, ସ୍ୱାଗତିକା ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ

ନୀଳଗିରି, ୨୩/୦୮ (ଆ.ପ୍ର) : ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତିନି ଦିନ ଧରି ଚାଲିବାକୁ ଥିବା ବିଭାଗ ଓ ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍ଘାଟିତ ହୋଇଯାଇଛି । ଏହି ଜ୍ଞାନ ବିଜ୍ଞାନ ମେଳାରେ ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱରର ମୋଟ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ର/ଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ବିଜ୍ଞାନ, ଗଣିତ ବିଭାଗରେ ୬୫ ଗୋଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଛି । ଏହି ବିଜ୍ଞାନ ମେଳା ନିମନ୍ତେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ରୁଦ୍ରନାରାୟଣ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ସୋନମ ଦାସ, ଡ. ଲକ୍ଷ୍ମୀକାନ୍ତ ମହାରଣା, କିରଣ କୁମାର ମହାରଣା, ନିରୀକ୍ଷକ ବିଜନ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ବାରିକ ସଭାପତିତ୍ୱ କରିଥିବା ବେଳେ, ହୃଷିକେଶ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ବିଦ୍ୟାଳୟର ରଶ୍ମିରେଖା ବାରିକ, ପ୍ରଭାମଞ୍ଜରୀ ନାୟକ, ସୁଶାନ୍ତ କୁମାର ପାତ୍ର, ଶ୍ରୀଧର ପାତ୍ର, ବନିତା ମହାପାତ୍ର,ସମର୍ପିତା କାନୁନଗୋ, ରୋଜାଲିନ ଦାଶ, ସୁଚେତା ରାଉଳ, ଭବେନ୍ଦ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଭିନ୍ନକ୍ଷମ ଶ୍ରୀଦେବୀଙ୍କୁ ମିଳିନି ୫ମାସର ଭତା, ମିଳୁନି ଅନଲାଇନ ପ୍ରମାଣପତ୍ର

ଲଙ୍ଗଳେଶ୍ୱର, ୨୩/୦୮ (ଆ.ପ୍ର) : ସରକାରଙ୍କ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ନୀତି ନକଲି ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚିହ୍ନଟ କରୁଥିବା ବେଳେ ବହୁ ପ୍ରକୃତ ଭିନ୍ନକ୍ଷମ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ବଳି ପଡିଯାଉଛନ୍ତି । ଗୋଟିଏ ପଟେ ଭିନ୍ନକ୍ଷମ ଭତା ପାଇବାକୁ ହେଲେ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ଜରୁରୀର ନିର୍ଦ୍ଦେଶ ଏବଂ ଅନ୍ୟପଟେ ଜିଲ୍ଲା ପ୍ରଶାସନର ଅପାରଗତା ଯୋଗୁଁ ଅନଲାଇନ ପ୍ରମାଣପତ୍ର ନମିଳିବା ପ୍ରକୃତ ଭିନ୍ନକ୍ଷମଙ୍କ ମୁହଁରେ ହସ ଛଡାଇ ନେଇଛି । କାରଣ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ହେଉ ଅବା ଜିଲ୍ଲା ଚିକିତ୍ସାଳୟରେ ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟା ସବୁ ଆଡ଼େ ଭିନ୍ନକ୍ଷମ ବ୍ୟକ୍ତି ମାନେ ଚିହ୍ନଟ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଆଜି ପର୍ଯ୍ୟନ୍ତ ଅନଲାଇନ ପ୍ରମାଣପତ୍ର ପାଇ ପାରୁ ନାହାନ୍ତି । ଯାହା ଫଳରେ ସେମାନେ ଏବେ ଭିନ୍ନକ୍ଷମ ଭତା ପାଇବାରୁ ବଂଚିତ ଅଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ବଣିଆଡିହା ପଂଚାୟତର ଲଙ୍ଗଳେଶ୍ୱର ଗ୍ରାମରେ । ସୂଚନାରୁ ପ୍ରକାଶ ଏହି ଗ୍ରାମର ମହିଳା ଶ୍ରୀଦେବୀ ମୁଖି, ପିତା- ଭାନୁ ଚରଣ ମୁଖି ଜନ୍ମରୁ ପୋଲିଓ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ଶୋଇ ରହୁଛନ୍ତି । ଆଜି ପର୍ଯ୍ୟନ୍ତ ସେ ନିଜେ ଖାଇପାରୁନାହିଁ, ଚାଲିପାରୁନାହିଁ ଏବଂ କଥା ମଧ ହୋଇପାରୁନାହିଁ । ଚେୟାରରେ ବସି ଦେଲେ ବସୁଛି ଏବଂ ଖୁଆଇ ଦେଲେ ଖାଉଛି । ପୂର୍ବରୁ ଶ୍ରୀଦେବୀ ଜିଲ୍ଲା ଚିକିତ୍ସାଳୟ ତରଫରୁ ୯୦ପ୍ରତିଶତ ସ୍ଥାୟୀ ଭିନ୍ନକ୍ଷମ ହାତଲେଖା ପ୍ରମାଣପତ୍ର ପାଇବା ସହ ସରକାରଙ୍କ ତରଫରୁ ୧୨୦୦ ଟଙ୍କାର ଭିନ୍ନକ୍ଷମ ଭତା ପାଉଥିଲେ । ମାତ୍ର ବ୍ଲକ ପ୍ରଶାସନର ନିର୍ଦ୍ଦେଶ ପରେ ଗତ ଏପ୍ରିଲ ମାସ ଠାରୁ ଆଜି ପର୍ଯ୍ୟନ୍ତ ପାଂଚ ମାସ ହେଲା ଶ୍ରୀଦେବୀ ଭତା ପାଇ ନାହାନ୍ତି । ଶ୍ରୀଦେବୀର ବାପା ଜଣେ ଦିନ ମଜୁରିଆ ତେଣୁ ଭିନ୍ନକ୍ଷମ ଝିଅର ମେଡ଼ିସିନ ଓ ଖାଦ୍ୟ ଯୋଗାଇବାରେ ସେ ଅସମର୍ଥ ହେଉଛନ୍ତି । ଏ ବିଷୟରେ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ବାଲିଆପାଳ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ପାର୍ଥ ସାରଥୀ ସାହୁଙ୍କୁ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିନାହିଁ । ଅନ୍ୟପଟେ ଶ୍ରୀଦେବୀର ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବା ହେତୁ ଭତା ବନ୍ଦ ହୋଇଛି ବୋଲି ଶ୍ରୀ ସାହୁ କହିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଜନ୍ମରୁ ଭିନ୍ନକ୍ଷମ ଥିବା ଶ୍ରୀଦେବୀଙ୍କୁ ପୂର୍ବରୁ ଜିଲ୍ଲା ଚିକିତ୍ସାଳୟ ଦେଇଥିବା ସ୍ଥାୟୀ ୯୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ରରେ କଣ ତ୍ରୁଟି ରହିଲା ? ତିନି ମାସ ହେବ ପୁଣି ଜିଲ୍ଲା ଚିକିତ୍ସାଳୟରେ ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟାରେ ଭାଗ ନେବା ସତ୍ୱେ କଣ ପାଇଁ ଆଜି ପର୍ଯ୍ୟନ୍ତ ଶ୍ରୀଦେବୀଙ୍କୁ ଅନଲାଇନ ପ୍ରମାଣପତ୍ର ମିଳିପାରିନାହିଁ ? କେଉଁ ସରକାରୀ ନିର୍ଦ୍ଦେଶ ମୂଳେ ପ୍ରକୃତ ଭିନ୍ନକ୍ଷମ ଥିବା ଶ୍ରୀଦେବୀଙ୍କ ହାତରୁ ପ୍ରଶାସନ ଭତା ଟଙ୍କା ଛଡାଇ ନେଇଛି ? ଗତ ପାଂଚ ମାସ ହେବ ଭତା ନପାଇ ଭିନ୍ନକ୍ଷମ ମହିଳା ମାନସିକ ନିର୍ଯାତନାର ଶିକାର ହେବା ପାଇଁ ପ୍ରକୃତରେ ଦାୟୀ କିଏ ? ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଣ ପାଇଁ ହେଉନାହିଁ ? ତେବେ ପ୍ରକୃତ ଭିନ୍ନକ୍ଷମ ମହିଳା ଶ୍ରୀଦେବୀର ଦୁଃଖକୁ ବୁଝି ପିଛିଲା ପାଂଚ ମାସର ଭତା ଟଙ୍କା ସହ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମାନେ ସରକାର ଏବଂ ପ୍ରଶାସନ ନିକଟରେ ଦାବୀ ରଖିଛନ୍ତି ।

ଛାତ୍ରୀ କୃତିଦିପା ରାଉତଙ୍କ ସମ୍ମାନାର୍ଥେ ସାମ୍ବାଦିକ ସମ୍ମିଳନୀ

ଖଇରା, ୨୩/୦୮ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ପରିସରରେ ଥିବା ଶିକ୍ଷକ ଭବନ ସଭା ଗୃହ ମଧ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଇଆଇଟି ହାଇଦ୍ରାବାଦରୁ ଜୀବ ବିଜ୍ଞାନରେ ଟପ୍ପର ହୋଇଥିବା ଖଇରା ମାଟିର ଗୌରବମୟ ଛାତ୍ରୀ କୃତିଦିପା ରାଉତଙ୍କ ସମ୍ମାନାର୍ଥେ ପରିବାର ତରଫରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବାପା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କବି ସୁଦାମ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ ପିତାମ୍ବର ପତି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ବେହେରା, ମାଆ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା କବୟିତ୍ରୀ କୁନ୍ତଳା ମହାରଥୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସୁଶ୍ରୀ କୃତିଦିପାଙ୍କ ଘର ଖଇରା ବ୍ଲକ ଗୋବିନ୍ଦପୁର ପଂଚାୟତ ପଳାଶପୁର ଗ୍ରାମରେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲା ଦିନରୁ ଜଣା ପଡିଥିଲା ପ୍ରତିଭା ତାଙ୍କର । ସେ ବର୍ତ୍ତମାନ ଆଇଆଇଟି ହାଇଦ୍ରାବାଦରେ ଟପ୍ପର ହୋଇ ନିଜକୁ ତଥା ଜନ୍ମମାଟି ଖଇରା ବ୍ଲକକୁ ଧନ୍ୟ କରିଥିବାରୁ ତାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ପ୍ରକାଶ ଥାଉକି କୃତିଦିପା ପଳାଶପୁର ହାଇସ୍କୁଲରେ ଟପ୍ପର, ଯୁକ୍ତ ଦୁଇ(+୨)ବିଜ୍ଞାନ ରମାଦେବୀ ମହିଳା ବିଦ୍ୟାଳୟ, ଭୁବନେଶ୍ୱର ଟପ୍ପର, ଯୁକ୍ତତିନି(+୩)ବିଜ୍ଞାନ ରାଜଧାନୀ ମହାବିଦ୍ୟାଳୟ ଟପ୍ପର, ବିହାର ସ୍ଥିତ ଗୟା ଏମଏସସି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଟପ୍ପର ପରେ ଆଇଆଇଟି ହାଇଦ୍ରାବାଦରେ ଜୀବ ବିଜ୍ଞାନରେ ଗବେଷଣା କରି ଟପ୍ପର ହୋଇଛନ୍ତି । ଗାଇଡ୍ ପ୍ରଫେସର ଥିଲେ ଡକ୍ଟର ଗୌରବ ଶର୍ମା । ବର୍ତ୍ତମାନ ରାଉତ ତୁଳସୀ ଜେନୋମିକସ୍ ଉପରେ ରିସର୍ଚ୍ଚ କରୁଛନ୍ତି । ପିଲା ଦିନରୁ ଝିଅକୁ ବାପାମାଆ ଏମିତି ଗଠନ କରିଛନ୍ତି ଯାହାକି ଆଜି ଖଇରା ମାଟିକୁ ଧନ୍ୟ କରିଛନ୍ତି । ଆଗାମୀ ଦିନରେ ସାରା ଦେଶରେ କିପରି ସୁନାମ ଅର୍ଜନ କରିବି ସେଥିପାଇଁ କୃତିଦିପା ଲକ୍ଷ୍ୟ ରଖିଛନ୍ତି । ବର୍ତ୍ତମାନ କୃତିଦିପା ଜୀବ ବିଜ୍ଞାନ ଉପରେ ଗବେଷଣା ଜାରି ରଖିଛନ୍ତି । ଆଗାମୀ ଦିନରେ ଭଲ ବୈଜ୍ଞାନିକଟିଏ ହୋଇ ଦେଶରେ ନାଁ ରଖିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ଆଜି କିପରି ଏ ସ୍ଥାନରେ ପହଂଚିଛନ୍ତି ସେଥିପାଇଁ ବାପାମାଆ, ଶିକ୍ଷକ ଓ ପରିବାର ଶ୍ରେୟ ଦେଉଛନ୍ତି । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସୁଶ୍ରୀ କୃତିଦିପାଙ୍କ ଭାଉଜ କୁଞ୍ଜଲତା ମାହୁନ୍ତ । ପରିବାର ତରଫରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ତରଫରୁ ସୁଶ୍ରୀ କୃତିଦିପା ରାଉତଙ୍କୁ ଜ୍ୟୋତିଷ୍ମାନ କର୍ମଦୀପନା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉପସ୍ଥିତ ଥିଲେ ସଭାପତି କୁଞ୍ଜଲତା ମାହୁନ୍ତ,ସମ୍ପାଦକ ନରେନ୍ଦ୍ର ପ୍ରସାଦ ବେହେରା ଓ ସଭ୍ୟ ଜଗବନ୍ଧୁ ଉପସ୍ଥିତ ଥିଲେ । ପରିଶେଷରେ ପରିବାର ତରଫରୁ ମୋ ଅନୁଷ୍ଠାନ ସଭ୍ୟ ଜଗବନ୍ଧୁ ବାରିକଙ୍କୁ ଉତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଳିତ ହେଲା ଜାତୀୟ ଅନ୍ତରୀକ୍ଷ ଦିବସ

ବାଲେଶ୍ୱର/ନୀଳଗିରି, ୨୩/୦୮ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ଅନ୍ତରୀକ୍ଷ ଦିବସ ପାଳିତ ହୋଇଯାଇଛି । ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ଅନ୍ତରୀକ୍ଷ ଗବେଷଣାର ଯାତ୍ରା ଓ ଭବିଷ୍ୟତ ଯୋଜନା ଉପରେ ଆଲୋଚନା ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସ୍ପେସ୍ ସାଇନ୍ସର ଆଧୁନିକ ଯୁଗରେ ପ୍ରାସଙ୍ଗିକତାକୁ ବ୍ୟାଖ୍ୟା କରିଥିଲେ । ସେ, ଅନ୍ତରୀକ୍ଷ ଗବେଷଣାକୁ ପରିବେଶ, ପରିବର୍ତ୍ତନଶୀଳ ଜଳବାୟୁ ଓ ପ୍ରଯୁକ୍ତିଗତ ସ୍ୱାଧୀନତା ସହିତ ସଂଲଗ୍ନ ବ୍ୟବହାରିକ ବିଜ୍ଞାନଭିତିକ ଦିଗରେ ଗବେଷଣା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅତିଥି ବକ୍ତା ଭାବେ କୋଲକାତା ଭିଇସିସିର ବୈଜ୍ଞାନିକ (ଜି) ଡ଼କ୍ଟର ଯଯାତି କେଶରୀ ନାୟକ ଓ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଆଇଟିଆର୍, ଡିଆରଡିଓର ବୈଜ୍ଞାନିକ (ଏଫ) ଡ଼କ୍ଟର ପ୍ରଭାକର ମଲ୍ଲିକଙ୍କୁ ଆମନ୍ତ୍ରଣ କରାଯାଇଥିଲା । ସେମାନେ ଆର୍ଯ୍ୟଭଟ୍ଟରୁ ଆରମ୍ଭ କରି ଚନ୍ଦ୍ରଯାନ-୩, ଆଦିତ୍ୟ ଏଲ-୧ ଓ ଆସନ୍ତା ଗଗନଯାନ ପର୍ଯ୍ୟନ୍ତ ଭାରତର ଅନ୍ତରୀକ୍ଷ ଯାତ୍ରାକୁ ସ୍ମରଣ କରାଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟରେ ଗବେଷଣାତ୍ମକ ଚର୍ଚ୍ଚା ହୋଇଥିଲା, ଯଥା- ସ୍ୟାଟେଲାଇଟ ମାଧ୍ୟମରେ ପରିବେଶ ଓ ପର୍ଯ୍ୟାବରଣ ନିରୀକ୍ଷଣ, ନୂତନ ପ୍ରଯୁକ୍ତିରେ ସ୍ପେସ କମ୍ୟୁନିକେଶନ ଓ ନେଭିଗେଶନ, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ଭୂମିକା, ଅନ୍ତରୀକ୍ଷ ପ୍ରଯୁକ୍ତିର ସାମାଜିକ ଓ ଆର୍ଥିକ ପ୍ରଭାବ ଇତ୍ୟାଦି । କାର୍ଯ୍ୟକ୍ରମର ଆରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ଦେଇଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ । ଡ଼କ୍ଟର ରାଜୀବ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ଓ ମଂଚ ପରିଚାଳନା ଡ଼କ୍ଟର ବିବେକାନନ୍ଦ ନାୟକ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପୁନର୍ବାର ବିଜ୍ଞାନଚେତନା, ଗବେଷଣା ଓ ଅନୁଶାସନମୂଳକ ଶିକ୍ଷାକୁ ଉତ୍ସାହିତ କରିବାରେ ନିଜ ସଂକଳ୍ପକୁ ଦୃଢୀଭୂତ କରିପାରିଛି ।

ଜ୍ୟୋତିଷ ବିଶାରଦଙ୍କ ଫାଶୀ ଦେଇ ଆତ୍ମହତ୍ୟା

ବାଲିଆପାଳ, ୨୩/୦୮ (ଆ.ପ୍ର) : ବାଲିଆପାଳ ଥାନା ଖଗଡାପାଳ ଗ୍ରାମରେ ପ୍ରବୀଣ ଜ୍ୟୋତିଷ ସନ୍ତୋଷ କୁମାର ଆଚାର୍ଯ୍ୟ(୬୫)। ଆଜି ଭୋର ସମୟରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି । ସ୍ୱର୍ଗତ ଆଚାର୍ଯ୍ୟ ବାଲିଆପାଳ ଅଂଚଳରେ ଜଣେ ବିଶିଷ୍ଟ ଜ୍ୟୋତିଷ ବିଶାରଦ ଥିଲେ । ସେ ଦୀର୍ଘ ଦିନ ଧରି ହୃଦରୋଗରେ ଆକ୍ରାନ୍ତ ଥାଇ ସବୁ ସମୟରେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ । ଆଜି ସକାଳେ ତାଙ୍କ ମୃତ ଦେହ ଘର ବାରଣ୍ଡାରେ ଝୁଲୁଥିବାର ଦେଖିବାକୁ ପାଇଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଖବର ପାଇଁ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ତାଙ୍କ ମୃତ୍ୟୁ ଖବର ପାଇ ଗ୍ରାମର ମୁଖ୍ୟ ମଧୁସୂଦନ ସାହୁ, ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମୁରଲୀମୋହନ ସାହୁ, ପ୍ରଫୁଲ କୁମାର ସାହୁ, ଝାଡେଶ୍ୱର ପ୍ରଧାନ, ସୁଜୟ ପରିଡା ପ୍ରମୁଖ ପହଂଚି ଶେଷ ଦର୍ଶନ କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପରିବାର ସମସ୍ତ ସଦସ୍ୟ ଓ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟସଂପନ୍ନ ହୋଇଥିଲା ।

ପାଣିରେ ପଡ଼ି ଶିଶୁ କନ୍ୟା ମୃତ

ବାଲିଆପାଳ, ୨୩/୦୮ (ଆ.ପ୍ର) : ବାଲିଆପାଳ ବ୍ଲକ ଦେଉଳା ପଂଚାୟତର ଦେଉଳା ଗ୍ରାମରେ ପଦ୍ମ ଲୋଚନ ପାତ୍ରଙ୍କ ଛୋଟ ଝିଅ ଭାଗ୍ୟ ଲକ୍ଷ୍ମୀ (୯) ଶୁକ୍ରବାର ଦିନ ସନ୍ଧ୍ୟାରେ ନିକଟସ୍ଥ ନାଳୁଣ୍ଡିଆ ପୋଖରୀକୁ ଗୋଡ ଧୋଇବା ପାଇଁ ଯାଇଥିବା ସମୟରେ ପାଣିରେ ପଡିଯାଇଥିଲେ । ତୋଡା ଦେଖି ପରିବାର ଲୋକ ଓ ଗ୍ରାମବାସୀମାନେ ଖୋଜାଖୋଜି କରିବା ପରେ ପାଣିରୁ ଝିଅଟିର ମୃତ ଦେହ ଉଦ୍ଧାର କରାଯାଇଥିଲା । ଏନେଇ ବାଲିଆପାଳ ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶନିବାର ମୃତ ଦେହ ବ୍ୟବଚ୍ଛେଦ କରାଯାଇଛି ।

ଆଧୁନିକ ସାହିତ୍ୟ ଉତ୍ସର୍ଗ ବଦଳରେ ଉପଭୋଗକୁ ଗୁରୁତ୍ୱ ଦେଇଛି : କବି ଦିଲ୍ଲୀପ ସ୍ୱାଇଁ



ନୀଳଗିରି, ୨୩/୦୮ (ଆ.ପ୍ର) : ପାଠକ ଓଡିଆ କବିତାର ଅସ୍ଥି ମଜ୍ଜାକୁ ଦେଖିପାରେ । କବିତାର ଅପରାହ୍ନ ନାହିଁ, ତାହା ସର୍ବଦା ଚଳଚଂଚଳ । ସ୍ୱାଧୀନତା ପରେ ଗୋଷ୍ଠୀ ଭାବନାକୁ ନେଇ କବିତାରେ ପୂର୍ଣ୍ଣଛେଦ ପଡ଼ିଲା । ସ୍ଥିତିବାଦୀ ଚେତନା ଭାରତୀୟ ସମାଜ ପାଇଁ ସମ୍ପୂର୍ଣ୍ଣ ନୂଆ । ସ୍ଥିତିବାଦ କୁହେ ମୁଁ ସବୁଠୁ ସୁଖରେ ରହିବି । ନିବିଡ ଶୂନ୍ୟତା ଓ ରାଜକୀୟ ନିଃସଙ୍ଗତା ଏକାକଥା ନୁହେଁ । କବିତାର ମୂଳକଥା ଉପଭୋଗ । ଉପଭୋଗରୁ ପାପବୋଧର ଜନ୍ମ । ପାଶ୍ଚାତ୍ୟର ସୁନାକୁ ମୁଦିକରି ପିନ୍ଧିବା ପାଇଁ ଓଡିଆ ମାଟି ମନାକରିଛି । ସ୍ଥିତିବାଦ କବିତାର ମୂଳକଥା । ସ୍ଥିତିବାଦର ମୃତ୍ୟୁ ନାହିଁ । ଅବସୋସ ଓ ଅନୁଶୋଚନା ସ୍ଥିତିବାଦ ଚେତନାରେ ନିହିତ । ଆଧୁନିକ କବିତାରେ କବି ପ୍ରତୀକ, ଚିତ୍ରକଳ୍ପ ଓ ମିଥ୍ ରୂପକ ଅଳଙ୍କାର ପିନ୍ଧାଇଛି । ସମସ୍ୟାରୁ ଆଧୁନିକତାର ଜନ୍ମ । ଓଡିଆର ସ୍ୱତନ୍ତ୍ର ଭିତର ଆଧୁନିକତା ଅଛି । ଅନୁଭବର ଭିତରଣ ହିଁ ଭିତର ଆଧୁନିକତା । ଆଜି କଳଙ୍କ କଳାକାଇରେ ବଦଳି ଯାଇଛି । ଆଜି ଜଗତୀକରଣ ଦୁଃଖ ଦେଇଛି । ଜୀବନ ଖୋଜେ ମୁଁ, ଆଜି ଆଧୁନିକ ସାହିତ୍ୟ ମୁଁ କୁ ଗୁରୁତ୍ୱ ଦେଇଛି । ଆଜି ଦାମ୍ପତ୍ୟ ଶୂନ୍ୟତାରେ ଜୀଉଛି । କାରୁଣ୍ୟ ଓଡିଆ କବିତାର ସୌନ୍ଦର୍ଯ୍ୟ । ପାଶ୍ଚାତ୍ୟ ଚେତନା ଓଡିଆକରଣ ହୋଇଛି । ନାରୀବାଦ ନୁହେଁ ନାରୀ ଅସ୍ମିତା ସାହିତ୍ୟରେ ପ୍ରଚଳିତ ହେଉ । ସର୍ଜନାତ୍ମକ ଚେତନାରେ କ୍ଲାନ୍ତି ନାହିଁ । ସର୍ବୋପରି ସର୍ଜନଶୀଳ ଲେଖକ ନିର୍ଭୀକ ହେବା ଦରକାରବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୬୫ତମ ଆଭାସୀ ଆଲୋଚନାଚକ୍ରରେ ଆଲୋଚକ ଆଲୋଚକ କବି ଦିଲ୍ଲୀପ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସ୍ଥିତିପ୍ରଜ୍ଞା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଜଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରଗତି ଜେନା ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ସମଗ୍ର ଓଡିଶାର ଶତାଧିକ ଛାତ୍ରଛାତ୍ରୀଙ୍କ ସହ ପ୍ରଫେସର ନଟବର ଶତପଥୀ, ପ୍ରଫେସର ବାସନ୍ତୀ ମହାନ୍ତି, କବି କାଳୀପଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

ଲୋକପ୍ରିୟ ଜଗନ୍ନାଥ ଜୀଙ୍କ ସହଧର୍ମିଣୀ ଲକ୍ଷ୍ମୀପ୍ରିୟା ଆଉ ନାହାଁନ୍ତି

ବାଲେଶ୍ୱର, ୨୩/୦୮ (ଆ.ପ୍ର) : ସ୍ୱନାମଧନ୍ୟ ସମାଜସେବୀ ଜଗନ୍ନାଥ ଜୀଙ୍କ ଦେହାନ୍ତର ୩ ବର୍ଷ ନପୂରୁଣୁ ତାଙ୍କ ସହଧର୍ମିଣୀ ଲକ୍ଷ୍ମୀପ୍ରିୟା ଜୀ ରସାନପୁର ବାସଭବନରେ ଗତ ୨୧ ତାରିଖ ଗୁରୁବାର ମଧ୍ୟରାତ୍ର ୨ ଘଟିକା ସମୟରେ ଦୀର୍ଘ ୮୧ବର୍ଷରେ ଇହଲୀଳା ସମ୍ବରଣ କରିଛନ୍ତି । ଦୀର୍ଘଦିନ ଧରି ବାର୍ଦ୍ଧକ୍ୟରୋଗ ଅସୁସ୍ଥତାରେ ପୀଡ଼ିତା ସ୍ୱର୍ଗୀୟା ଲକ୍ଷ୍ମୀପ୍ରିୟା ପରିବାରବର୍ଗଙ୍କୁ ନିରାଶ କରି ଶେଷରେ ଆଖି ବୁଜି ଦେଇଥିଲେ । ଏକ ବିଶାଳ ପରିବାରର କର୍ମତତ୍ପର ଆଦର୍ଶ ମୁରବୀ ଭାବରେ ଅଂଚଳବାସୀଙ୍କ ପ୍ରିୟଭାଜନ ହେବା ସହ ସେ ଜଣେ ଆଦର୍ଶନାରୀ ରୂପେ ଚିରସ୍ମରଣୀୟ ହୋଇ ରହିବାର ସୂଚନା ପ୍ରଦାନ କରିଛନ୍ତି । ତାଙ୍କର ଦେହାବସାନ ବେଳକୁ ସ୍ୱର୍ଗୀଶ୍ରୟୀ ଲକ୍ଷ୍ମୀପ୍ରିୟାଙ୍କ ବଡ଼ଝିଅ ସରୋଜିନୀ, ବଡ଼ପୁଅ ଅଶୋକ, ସରୋଜ, ମନୋଜ, ବିନୋଦ, ଆଲୋକ, ସାନଝିଅ ମନ୍ଦାକିନୀ, ବଡ଼ଭଣଜା ଶିବାଜୀ, ଭାଣିଜୀ ସୁଭାଷିନୀ, ଭଣଜା ଶ୍ରୀଦେବ, ଭଣଜାବୋହୂ ବିପାଶା, ପ୍ରଭାତ, ପୁତୁରା ତରୁଣ, ତପନ, ରତନ, ସଂଜୟ, ଶରତ, ସୁପ୍ରଶାନ୍ତ, ଝିଆରୀ ମିଲୁ, ରିଲୁ, ଜ୍ୱାଇଁ ସୁକାନ୍ତ, ବସନ୍ତ, ପ୍ରଶାନ୍ତ, ବୋହୂ ବିନୋଦିନୀ, ସଂଗୀତା, ସରୋଜକାନ୍ତି, ସ୍ୱାତିକା, ଶର୍ମିଳା, ନାତୀ-ନାତୁଣୀ ସୌମ୍ୟା, ସ୍ୱରାଜ, ଅଭୀପ୍ସା, ସାନ୍ତ୍ୱୀ, ଆକାଂକ୍ଷା, ବିବେକ, ଅନିଶା, ଅମୀଶା, ବୈଶାଖୀ, ବର୍ଷା, ପ୍ରଭାତୀ, ଗୌତମୀ ଏବଂ ପ୍ରାକ୍ତନ ସଦର ବିଧାୟକ ସ୍ୱରୂପ ଦାସ, ପ୍ରାକ୍ତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ରେମୁଣା ବିଧାୟକ ସୁଦାମ ପରିଡ଼ା, ସର୍ବୋପରି ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର, ପ୍ରାକ୍ତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ ତଥା ସାହିପଡ଼ୋଶୀ ସମାଜସେବୀ ସ୍ମୃ. ଶତ୍ରୁଘ୍ନ ମଲ୍ଲିକ, ଗଂଗାଧର ବେହେରା, ଶୁଭେନ୍ଦୁ ମଙ୍ଗରାଜ, ଶାନ୍ତନୁ ଦାସ, ଇନ୍ଦ୍ରଜିତ୍ ପରିଡ଼ା, ରିଭିକ୍ ଜୀ, ଜ୍ଞାନରଂଜନ ବେହେରା, ଶ୍ରୀମତୀ ଅନସୂୟା ନାୟକ, ରଂଜନ ବାଗ୍, ଗୋବିନ୍ଦ ରାଠି, ଅନିରୁଦ୍ଧ ପ୍ରସାଦ ଦାସ, ଚିରାଗ ଚୌହାନ୍, ତାନଂକ୍ ବାରିକ, ଇନ୍ଦ୍ରଜିତ୍ ପରିଡ଼ା, ଡା. ସତ୍ୟନାରାୟଣ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଗଣପତି ମଲ୍ଲିକ, ଅମୂଲ୍ୟ ଜୀ, ଯୁଗଳ ମହଲ, ସୌମେନ୍ଦ୍ର ମହାପାତ୍ର, ରମାନାଥ ବେହେରା, ଲକ୍ଷ୍ମଣ ପ୍ରଧାନ ଓ ଯଦୁନାଥ ମହାବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପକ-ଅଧ୍ୟାପିକା ସହକାରୀ ବୃନ୍ଦ ଉପସ୍ଥିତ ରହି ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶବଧାରରେ ଜ୍ୱଳନ୍ତ ବତୀ ପ୍ରଦର୍ଶନ କରିଥିଲେ ।

ଷଷ୍ଠ ଦିନରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ

ନୀଳଗିରି, ୨୩/୦୮ (ଆ.ପ୍ର) : ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦୀର୍ଘ ବର୍ଷ ହେବ ସଂଘର ସଭାପତି ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ଉପାୟରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିଆସୁଅଛି । ହେଲେ ସରକାର ଦାବି ପୂରଣ କରୁନଥିବାରୁ ନୀଳଗିରି ଖଣ୍ଡରେ ନୀଳଗିରି ମହାବିଦ୍ୟାଳୟ, ନୀଳଗିରି, ସ୍ୱର୍ଣ୍ଣଚୂଡ ମହାବିଦ୍ୟାଳୟ, ମିତ୍ରପୁର ଏବଂ ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ହେଲେ ରାଜ୍ୟ ସରକାର ଏମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିନାହାନ୍ତି । ବିଜେପି ସରକାର ଆସିବା ଦିନଠାରୁ ଆଜି ପର୍ଯ୍ୟନ୍ତ ୧୩ ମାସ ମଧ୍ୟରେ ସଂଘ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀକୁ ୧୨ ଥର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବିପତ୍ର ଦେଇଥିଲେ ବି କିଛି ସୁଫଳ ମିଳିନାହିଁ । ଫଳରେ ଦସ୍ତଖତ ଅଭିଯାନ ମାଧ୍ୟମରେ ଦେଢ଼ ଲକ୍ଷ ସାଧାରଣ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ମଧ୍ୟ ପ୍ରଦାନ କରାଯାଇଛି । ମତ ମନ୍ତବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ୩୧୪ ବ୍ଲକର ବୁଦ୍ଧିଜୀବୀ ମାନଙ୍କର ମନ୍ତବ୍ୟକୁ ସରକାରଙ୍କ ନିକଟରେ ଉପସ୍ଥାପିତ କରାଯାଇଛି । ଅନଲାଇନ ଜନଶୁଣାଣୀ, ୩୦ ଜିଲ୍ଲାର ଜିଲ୍ଲାପାଳଙ୍କ ସମ୍ମୁଖରେ ଧାରଣା ଦିଆଯାଇଛି, ହେଲେ ଫଳ କିଛି ମିଳିଲା ନାହିଁ । ଗତ ୧୬.୦୮.୨୫ ରେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗ ରେ ସଂଘ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ସୁଦ୍ଧା ବିକ୍ଷୋଭ ସ୍ଥଳରୁ ସଂଘର ପ୍ରତିନିଧି ଦଳକୁ ଡାକି ମୁଖ୍ୟମନ୍ତ୍ରୀ କୌଣସି ଆଲୋଚନା କଲେ ନାହିଁ । ଏଣୁ ୧୮.୦୮.୨୦୨୫ ରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁରହିଛି । ଗୋଟିଏ ମାତ୍ର ଦାବି ଯଥାଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରାଯାଉ । ଯେତେ ପର୍ଯ୍ୟନ୍ତ ସରକାର ଦାବି ପୂରଣ କରି ନାହାଁନ୍ତି ସେତେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନ କରୁଥିବା ଏହି ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ମାନେ ପ୍ରକାଶ କରଛନ୍ତି । ନୀଳଗିରିର ସମସ୍ତ ମହାବିଦ୍ୟାଳୟ ଗୁଡିକରେ ମଧ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ଧାରଣାରେ ବସିଛନ୍ତି । ଫଳରେ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ଅସୁବିଧା ଉପୁଜିଥିବା ବେଳେ ସରକାରୀ ଶିକ୍ଷକ ମାନେ ଏବେ କମ୍ପୁଟର ସହ ଅଫିସ କାର୍ଯ୍ୟ ପରିଚାଳନା କରୁଥିବାର ଦେଖିବାକୁ ମିଳିଛି ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଅହଂଭାବ

କୌଣସି ସାମାଜିକ ମାନ୍ୟତାରେ କିଛି ପରିବର୍ତ୍ତନ ଅନୁଭବ କରିବାରେ ନିଜ ତଳେ ରହିଥିବା ମଣିଷଙ୍କ ପାଖରେ ଅହଂଭାବ ପ୍ରଦର୍ଶନ କରିବା ସାଧାରଣ ମଣିଷର ଗୋଟିଏ ଜନ୍ମଗତ ଚରିତ୍ର । ସେହି ଅହଂଭାବ ଜଣେ ମଣିଷକୁ ଉପରକୁ ନେଇଥାଏ ନା ନୀଚ କରିଦିଏ ବୁଝିବା କ୍ଷମତା ବହିର୍ଭୂତ ମଣିଷର ବାସ୍ତବତା କ'ଣ..? । ଅହଂଭାବ ରଖିବା ଅର୍ଥାତ ନିଜକୁ ନିଜେ ଠକିବା । କେମିତି... ? ଉତ୍ତର ବିହୀନ ମଣିଷ ଆଲେଖ୍ୟଟି ସହଜରେ ହଜମ ନକରିପାରିଲେ ମଧ୍ୟ ନିଜର ଦୃଷ୍ଟିକୋଣ ପରିବର୍ତ୍ତନ କରି ଦେଖିଲେ ହୁଏତ କିଛି ସଚେତନତା ସୃଷ୍ଟି ହୋଇପାରେ ମନରେ ଯାହା ନିଜର ଭାବଧାରାକୁ ଆଂଶିକ ପ୍ରଭାବିତ କରି ଚରିତ୍ରିକ ସୁଧାର ଆଣିପାରିବ ବୋଲି ଆମର ଆଶା । ଷଡ଼ରିପୁ ଗୁଡିକ ମଣିଷକୁ ବିଭିନ୍ନ ଦିଗରେ ମାନବୀୟତାରୁ ଦୁରେଇ ରଖି ନିଜର ଚରିତ୍ର ସଂହାରରେ ସହାୟକ ହେଉଥିବା ବେଳେ ଅହଂଭାବ ଏମିତି ଏକ ଚରିତ୍ର ଯାହା ମଣିଷର ଦୂରଦୃଷ୍ଟିକୁ କ୍ଷୀଣ କରି ଗୋଟିଏ ସୀମାରେଖା ମଧ୍ୟରେ ରଖିଦିଏ । କାରଣ କୌଣସି ପ୍ରାପ୍ତ ବସ୍ତୁ ହେଉକି ବିଷୟକୁ ନେଇ ମଣିଷ ମନରେ ଯଦି ଅହଂଭାବ ସୃଷ୍ଟି ହୋଇଥାଏ ସେହି ନିର୍ଦ୍ଦିଷ୍ଟତା ମଧ୍ୟରେ ସୀମିତ ରହିଯାଏ ତାହାର ଦୂରଦୃଷ୍ଟି । ଅଧିକ ଆଉ ଉପରକୁ ଯିବାପାଇଁ ଅଭାଡ଼ ନହୋଇ କେବଳ ସୀମିତ ପରିଧି ମଧ୍ୟରେ ସମ୍ପୃକ୍ତ ମଣିଷର ଭାବଧାରା ଘୂରିବୁଲୁଥାଏ ଯାହା ତା'ର ଦୂରଦୃଷ୍ଟିକୁ ବାଧିତ କରିଥାଏ । ନିଜର କ୍ଷମତା ପରିସରକୁ ହିଁ ସର୍ବଶ୍ରେଷ୍ଠ ମନେକରି ନିମ୍ନସ୍ଥଙ୍କୁ ଦୁର୍ବ୍ୟବହାର କରି ପଛରେ ସେମାନଙ୍କ ଦ୍ୱାରା ଘୃଣିତ ହେଉଥିବା ଆକଳନ ବହିର୍ଭୂତ ହୋଇଥାଏ ସମ୍ପୃକ୍ତ ଅହଂକାରିଙ୍କର । କଥାରେ ଅଛି ଦରିଦ୍ର ଯେବେ ଧନ ପାଇ, ପ୍ରାଣଠୁ ବଳି ସାଇତଇ । ଅର୍ଥାତ ଦରିଦ୍ର ଲୋକଟିଏ ଧନ ପ୍ରତି ଯେତେ ପ୍ରଗାଢ଼ ଆସକ୍ତି ରଖିଥାଏ, ଯଦି କୌଣସି ସୂତ୍ରରୁ ପ୍ରାପ୍ତ ହୁଏ ତାହେଲେ ସେହି ଧନକୁ ନିଜ ପ୍ରାଣଠାରୁ ବଳି ଭଲ ପାଏ ଏବଂ ତାହାର ସୁରକ୍ଷା କରେ । ଅନୁରୂପ ଅଜ୍ଞଜନ କୌଣସି ବିଷୟରେ ବାହ୍ୟ ଅନୁଭୂତି ପାଇବା ପରେ ନପରଖୀ ସେଇଟାହିଁ ସଂସାରର ସର୍ବଶ୍ରେଷ୍ଠ ବୋଲି ବିଚାରି ଅନ୍ୟକୁ ପ୍ରଦର୍ଶନ କରିଥାଏ ଯାହାର ପ୍ରତିଫଳନ ସ୍ୱରୂପ ଅହଂଭାବ ସୃଷ୍ଟି ହୋଇଥାଏ ତାହା ମନରେ । ପୁନର୍ବାର ସେହି ଅହଂଭାବ ସମ୍ପୃକ୍ତ ମଣିଷର ହିତାହିତ ଜ୍ଞାନ ଶୂନ୍ୟ କରି ସମାଜରେ କୌଣସି ପ୍ରତିଷ୍ଠା ସୃଷ୍ଟି କରିବାରେ ସହାୟକ ହୋଇନଥାଏ । କାରଣ ନିଜସ୍ୱ ସୃଜନଶୀଳତାରେ ପରୀକ୍ଷିତ ବିଷୟକୁ ଉପସ୍ଥାପନା କରିବା ଏବଂ କୌଣସି ଉତ୍ସରୁ ଆହରଣ କରିଥିବା ଅନୁଭୂତି ମଧ୍ୟରେ ରହିଥିବା ପ୍ରଭେଦକୁ ଆକଳନ କରିବା କ୍ଷମତା ନଥାଏ ଅହଂକାରିଙ୍କର । ତେଣୁ ଅଜ୍ଞଜନ ବାହ୍ୟ ଉତ୍ସରୁ ଆହରଣ କରିଥିବା ଅନୁଭୂତିର ସତ୍ୟାସତ୍ୟ ବୁଝିବା କ୍ଷମତା ରଖିନଥା'ନ୍ତି । ଇତି ମଧ୍ୟରେ ସମ୍ପୃକ୍ତ ଅନୁଭୂତି କୌଣସି ସତ୍ୟ ଉପରେ ଆଧାରିତ କିମ୍ବା ଅସତ୍ୟ ତାକୁ ପରଖି ଗ୍ରହଣ କରିବା ବିପରୀତେ ଅନ୍ଧ ଭଳି ତା'କୁହିଁ ସତ୍ୟ ବୋଲି ମାନିନେଉଥିବା ମଣିଷର ଭାବଧାରରେ ଅହଂକାର ଜାଗ୍ରତ ହେଉଥିବା ଗୋଟିଏ ସାଧାରଣ ଲକ୍ଷଣ । ତେଣୁ ଅହଂକାରୀ ନିଜକୁ ନିଜେ ଠକେ କେମିତି ପରଖି ଦେଖିଲେ ଜାଣିହେବ ଯେ କାହାଦ୍ୱାରା ଲଖିତ ପୁସ୍ତକ ହେଉ କିମ୍ବା କୌଣସି ପ୍ରଦତ୍ତ ସୂଚନାରେ କେତେଦୂର ସତ୍ୟାସତ୍ୟ ରହିଥାଏ ଏବଂ ସେଗୁଡ଼ିକ କେତେଦୂର ସତ୍ୟ ଉପରେ ଆଧାରିତ ସେସବୁ ତର୍ଜମା / ଅନୁଶୀଳନ କରି ଗ୍ରହଣ କରିବା ମଣିଷ, ଖୋଜିଲେ ମିଳିବେକି ନାହିଁ ସନ୍ଦେହ । ଏହା ସତ୍ୟଯେ ପ୍ରାୟତଃ ସମସ୍ତ ମଣିଷ ସମାଜରେ ପ୍ରଚଳିତ ଭାବଧାରା ଗୁଡିକୁ ଅନୁକରଣ କରି ନିଜର ଅନୁଭୂତି ବୃଦ୍ଧି କରିଥା'ନ୍ତି । ପୁସ୍ତକରୁ ଯେଉଁସବୁ ଜ୍ଞାନ ମିଳିଥାଏ ତାହାଠାରୁ ଯଥେଷ୍ଟ ଅଧିକ ନିର୍ଭର କରିଥା'ନ୍ତି ସାମାଜିକ ଅନୁଭୂତି ପ୍ରବାହ ମାଧ୍ୟମ ଗୁଡିକ ଉପରେ । ଏବଂ ବିଭିନ୍ନ ମାଧ୍ୟମରୁ ସଂଗୃହିତ ଅନୁଭୂତିକୁ ସତ୍ୟ ଏବଂ ନିଶ୍ଚିତ ବୋଲି ଧରିନେଇଥା'ନ୍ତି ସାଧାରଣ ସବୁ ମଣିଷ । ଅଜ୍ଞଜନଙ୍କ ବ୍ୟକ୍ତିଗତ ବିଚାରଶୀଳତା ଅଭାବରୁ ନିଜକୁ ଦେଖାଣିଆ ଭାବ ବହନ କରି କିଛି ଜାଣିନଥାଇ ସବୁ ଜାଣିଲା ଭଳି ଅଭିନୟ କରିଥା'ନ୍ତି । ତେଣୁ ସାଧାରଣ ଲୋକଙ୍କ ସେହି ଅଜ୍ଞଜନତାର ସୁଯୋଗ ନେଇ ଆଜିସମୟରେ ଆଶାତୀତ ମିଥ୍ୟା, ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଦେବାରେ କୌଣସି ବାଧକତା ନଥାଇ ବରଂ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ କେବଳ ଅହଂଭାବ ପ୍ରଦର୍ଶନ ପୂର୍ବକ ନିଜକୁ ବ୍ୟାପକ ଅମାନବୀୟତାରେ ଜୀବନ ବଂଚୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଯେତେବେଳ ପର୍ଯ୍ୟନ୍ତ ସତ୍ୟର ଉନ୍ମୋଚନ କରିବା ଶିଖିନାହିଁ ମଣିଷ ସେତେବେଳ ଯାଏଁ କେବଳ ମିଥ୍ୟା ଜ୍ଞାନକୁ ଅନୁସରଣ, ଅନୁକରଣ କରି ନିଜକୁ ନିଜେ ସତ୍ୟରୁ ବାଦଦେଇ ଠକାମିର ଶିକାର ହେଉଥିବାରୁ କେହି ଉଦ୍ଧାର କରିପାରିବେ ନାହିଁ । ତେଣୁ ଆଜିସମୟର ଯେକୌଣସି ମତବାଦ ଗୁଡିକୁ ଅତିରେ ଗ୍ରହଣ ନକରି ଭିନ୍ନ ଏକ ଦୃଷ୍ଟିରେ ତର୍ଜମା କରିବା ଅହଂଭାବରୁ ଦୁରେଇ ରହିପାରିବା ।

'ଦେଖ ଗୋ ରାଧା ମାଧବ ଚାଲି..., ମଣିବିମାନ ଆସେ ଝୁଲିଝୁଲି...'

॥ ପୁଷ୍ପମିତ୍ର ମହାପାତ୍ର ॥

'ମଣି ବିମାନେ ଗୋବିନ୍ଦ...., ଚଉପାଶେ ଘେରିଛନ୍ତି ସହଚରୀବୃନ୍ଦ... । ଦେଖ ଗୋ ରାଧା ମାଧବ ଚାଲି...., ମଣିବିମାନ ଆସେ ଝୁଲିଝୁଲି... ।' ବଡ଼ଦାଣ୍ଡରୁ ସଂଚରି ଆସୁଥାଏ ଏହି ମଧୁମୟ ସଂଗୀତ । ମଣି ବିମାନରେ ଝୁଲି ଝୁଲି ଚନ୍ଦନ ମଉଜ ପାଇଁ ନରେନ୍ଦ୍ରକୁ ଛୁଟି ଆସନ୍ତି ପ୍ରଭୁ ମଦନମୋହନ । ଏଣେ ମହାପ୍ରଭୁଙ୍କୁ ସରୋବରରେ ବାହି ନେବାକୁ ଆତୁର ନେତ୍ରରେ ଚାହିଁ ରହିଥାନ୍ତି ନନ୍ଦା, ଭଦ୍ରା । ମହାପ୍ରଭୁ ନରେନ୍ଦ୍ରର ଯେତିକି ନିକଟ ହେଉଥାନ୍ତି ଜନରାଶି ସେତେ ଉଛୁଳୁଥାଏ । ଏହି ଲୀଳା ସଂଦର୍ଶନ କରିବାକୁ ଅପେକ୍ଷା କରି ରହିଥାନ୍ତି ଭକ୍ତଗଣ ।

ଏକୋଇଶ ଦିନିଆ ଯାତ୍ରାର ପ୍ରଥମ ଦିନ ହେଉଛି ନରେନ୍ଦ୍ର ପୁଷ୍କରିଣୀକୁ ମାନବୀୟ ଲୀଳା ପାଇଁ ଯାତ୍ରା । କାହାଳି ବାଜିବା ପରେ ଘଣ୍ଟ, ଛତା ପଟୁଆରରେ ମହାପ୍ରଭୁ ସ୍ୱତନ୍ତ୍ର ମଣି ବିମାନରେ ଶ୍ରୀମନ୍ଦିରରୁ ବାହାରି ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପହଂଚିବା ପରେ ଆରମ୍ଭ ହୋଇଥାଏ । ମାନବୀୟ ଲୀଳା । ଶ୍ରୀମଦନମୋହନ, ଭୂଦେବୀ, ଶ୍ରୀଦେବୀ ମଣି ବିମାନରେ ବିଜେ କରିଥାନ୍ତି । ମହାପ୍ରଭୁଙ୍କ ସହ ରାମ-କୃଷ୍ଣ ସୁସଜ୍ଜିତ ପାଲିଙ୍କିରେ ବିଜେ କରି ଥାନ୍ତି । ଛଡି, ଭଜନ ଓ ସଂକୀର୍ତ୍ତନର ଅପୂର୍ବ ସମାବେଶରେ ପଂଚ ପାଣ୍ଡବ ତଥା ପଂଚ ମହାଦେବ ଶ୍ରୀଯମେଶ୍ୱର, ଶ୍ରୀମାର୍କଣ୍ଡେୟ, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠଙ୍କ ବିଜେ ପ୍ରତିମା ସ୍ୱବିମାନରେ ଏହି ଯାତ୍ରରେ ସାମିଲ ହେବାର ପରମ୍ପରା ରହିଛି । ଚାପଖେଳ ପରେ ମହାପ୍ରଭୁ ନରେନ୍ଦ୍ର ଚକଡ଼ାରେ ଚନ୍ଦନ କୁଣ୍ଡର ଶୀତଳ ଜଳରେ ସ୍ନାନ କରିଥାନ୍ତି । ବିଧି ବ୍ୟବସ୍ଥା ଅନୁଯାୟୀ ସ୍ନାନ ପରେ ମାଣ୍ଡୁଅ ଓ କେଳି ଭୋଗ ଲାଗି ହୋଇଥାଏ । ସର୍ବପ୍ରଥମେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ପରେ ଚନ୍ଦନଯାତ୍ରା ନୀତିକାନ୍ତି ଆରମ୍ଭ ହୋଇଥାଏ । ମଙ୍ଗଳ ଆଳତି, ସକାଳଧୂପ ଓ ଯାତ୍ରାଙ୍ଗି ମହାସ୍ନାନ ନୀତି ସମ୍ପନ୍ନ ହୋଇଥାଏ । ପୂର୍ବ ଦିନରୁ ଅଧିବାସ ହୋଇ ରହିଥିବା ଚନ୍ଦନକୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର, ମୁଦିରସ୍ତ ଓ ତିନି ପାଳିଆ ପୁଷ୍ପାଳକ ସେବକମାନେ ଭୋଗ ମଣ୍ଡପ ଘରଠୁ ବେଢ଼ାକୁ ଚନ୍ଦନ ଆଣିଥାନ୍ତି । ଚନ୍ଦନ ପିଙ୍ଗଣ ଓ ପରିଖଗୁଡ଼ିକ ଘଂଟ, ଛତା, କାହାଳି ଆଦି ତିନିଥର ବଡ଼ ଦେଉଳକୁ ପ୍ରଦକ୍ଷିଣ କରାଇ ଭିତର ସିଂହାସନ ଉପରେ ତିନି ବାଡ଼ରେ ସଜାଇ ରଖାଯାଏ । ବେରା ନପଡ଼ି ଶୀତଳ ଭୋଗ ବଢ଼ାଯିବାର ପରମ୍ପରା ରହିଛି । ଭୋଗ ସରିବା ପରେ ମଣିମା ଡାକପୂର୍ବକ ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥାଏ । ପରେ ଅଳକା, ଚଉସରା, ଗୁଣା, ଝୁମ୍ପା, ଚୂଳ ଓ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥାଏ । ମଦନମୋହନ ଓ ରାମକୃଷ୍ଣ ସିଂହାସନକୁ ବିଜେ କରିବା ପରେ ତିନି ବାଡ଼ରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥାଏ ।

ଯାହା ପରମ୍ପରା ରହିଛି ସର୍ବପ୍ରଥମେ ବିଜେ ପ୍ରତିମା ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଓ ବିମାନକୁ ବିଜେ କରନ୍ତି । ଶ୍ରୀ ମନ୍ଦିରରୁ ବାହାରି ରଥଖଳାରେ ପହଂଚ, ସେଠାରେ ନିଜ ରଥ କାର୍ଯ୍ୟ ଶୁଭାରମ୍ଭ ଦେଖିବା ପରେ ନରେନ୍ଦ୍ର ଅଭିମୁଖେ ଯାତ୍ରା କରିଥାନ୍ତି । ସନ୍ଧ୍ୟାରେ ନରେନ୍ଦ୍ର ଚକଡ଼ାରେ ପହଂଚନ୍ତି । ସେଠାରେ ଦୁଇଟି ନାବ ଯୋଡ଼ାଯାଇ ଶୋଭନୀୟ ଭାସମାନ ବିମାନ ନିର୍ମିତ ହୋଇଥାଏ । ଚନ୍ଦନ ଚକଡ଼ା ଅପୂର୍ବ ପୁଷ୍ପ ବିମଣ୍ଡିତ ହୋଇଥାଏ । ଏସବୁ ଭିତରେ ଚନ୍ଦନ ମଣ୍ଡପ ମଧ୍ୟ ଶୋଭାବର୍ଦ୍ଧନ କରୁଥାଏ । ପ୍ରଥମେ ରାମକୃଷ୍ଣ ଭଦ୍ରାରେ ବିଜେ କରିଥାନ୍ତି । ଶେଷରେ ପଂଚ ମହାଦେବ ଭଦ୍ରାରେ ବିଜେ କରନ୍ତି । ବିଜେ କାର୍ଯ୍ୟ ଶେଷ ପରେ ନୌବିହାର ତଥା ଦିନ ଚାପ ଆରମ୍ଭ ହୋଇଥାଏ । ପ୍ରଥମେ ବୈଜୟନ୍ତୀ, ପରେ ଭଦ୍ରା ଓ ଶେଷରେ ନନ୍ଦା ଚନ୍ଦନ ଠାକୁରଙ୍କୁ ଧରି ନୌବିହାର କରିବାର ପରମ୍ପରା ରହିଛି ।

ସେହିପରି ଆବହମାନ ସମୟରୁ ରହି ଆସିଥିବା ନୀତିକାନ୍ତି ଅନୁଯାୟୀ ଦିନ ଚାପ ପରେ ବିଜେପ୍ରତିମା ଚନ୍ଦନ ମଣ୍ଡପକୁ ବିଜେ ହୋଇ ଚନ୍ଦନ କୁଣ୍ଡରେ ବୁଡ଼ିଥାନ୍ତି । ନରେନ୍ଦ୍ର ଚକଡ଼ା ରୋଷରେ ପ୍ରସ୍ତୁତ ମାଣ୍ଡୁଅ ଭୋଗ ଲାଗିହୋଇଥାଏ ଏବଂ ବିଡ଼ିଆ ମଣୋହି ଅର୍ପଣର ପରମ୍ପରା ରହିଛି । ରାତି ଚାପ ଅନୁଷ୍ଠିତ ହେବା ପରେ ଚନ୍ଦନ ଠାକୁର ଓ ପଂଚ ମହାଦେବଙ୍କ ବାହୁଡ଼ା ବିଜେ ହୋଇଥାଏ । ମହାପ୍ରଭୁଙ୍କ ଏହି ବାହାର ଚନ୍ଦନ ଯାତ୍ରା ତଥା ଚାପ ଖେଳ ୨୧ ଦିନ ଧରି ଚାଲିବାକୁ ଥିଲେ ହିଁ ୨୦ ଦିନ ନୌବିହାର କରିଥାନ୍ତି । ୨୧ତମ ଦିନ ହଳଦୀ ପାଣି ଅନୁଷ୍ଠିତ ହୋଇଥାଏ । ସେ ଦିନ କେବଳ ବିଜେ ପ୍ରତିମା ନୌକାକୁ ଯାଇ ପାଦ ପ୍ରକ୍ଷାଳନ କରି ଫେରିବାର ପରମ୍ପରା ରହିଛି । ବାହାର ଚାପ ପରେ ଶ୍ରୀମନ୍ଦିର ଭିତରେ ୨୧ ଦିନର ଭିତର ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ
ମୋ : ୯୪୩୭୨୨୫୬୮୯

ବାସ୍ତୁ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଗୃହଭିଟାର ନାମ ବାସ୍ତୁ । ମାନବ ବସତିରେ ସୁସ୍ଥ ସାମାଜିକ ଜୀବନ ପାଇଁ କେମିତି ଗୃହଭିଟା ରହିଲେ ବାସିନ୍ଦା ସର୍ବମଙ୍ଗଳ ହୋଇପାରିବ ତାହା ପାଇଁ ଆଦାବ କାଇଦା ନିୟମ ରହିଛି । ସହରରେ ଲୋକେ ଖୁନ୍ଦି ଖୁନ୍ଦି ହୋଇ ଗୃହ ନିର୍ମାଣ କରିଚାଲିଛନ୍ତି । ଗୃହ ନିର୍ମାଣ ପାଇଁ ଭୂମି ଚୟନ ଧାରାକୁ ପଛକୁ ପକାଇ ଯେନତେନ ପ୍ରକାରରେ ଖଣ୍ଡିଏ ଜମି ହାସଲ କରି ନେବା ଓ ତହିଁରେ ଗୃହ ନିର୍ମାଣ କରି ମୁଣ୍ଡ ଗୁଞ୍ଜିବା ଏବେ ଏକ ବଡ଼ କାର୍ଯ୍ୟ ହୋଇଗଲାଣି । ଅନେକ ଜମି କିଣି ଘର କରିବାକୁ ସମୟ ସୁବିଧା ପାଉନାହାଁନ୍ତି କୌଣସି କମ୍ପାନୀର ନିର୍ମିତ ଆପାର୍ଟମେଂଟର ଭାଡ଼ିଘରରୁ ଏକ ଅଂଶ କୌଣସି ଥାକରୁ କିଣି ବସତି କରୁଛନ୍ତି । କିଏବା ଜମି ଛୋଟିଆ ଖଣ୍ଡିଏ ସ୍ୱ ବଜେଟ ଅନୁଯାଇ କିଣି ଘରଟିଏ କରୁଛନ୍ତି ମାତ୍ର ଜମିକୁ ଚଳପ୍ରଚଳ ରାସ୍ତା ପ୍ରଶସ୍ତ ନାହିଁ କି ଜମିରୁ ଜଳ ନିଷ୍କାସନରେ ମାର୍ଗ ନାହିଁ । ଘରକୁ ବ୍ୟାପକ ପବନ ସୂର୍ଯ୍ୟ କିରଣ ଆସିବା ଉପାୟ ନାହିଁ । ଘରକୁ ଲାଗି ବିଧର୍ମୀ ଦୁଷ୍ଟଲୋକ ଦୁଷ୍ଟଚରିତ୍ରଙ୍କର ଘର । ଘର ପାଖରେ ଜୋର ଶବ୍ଦ ହେଉଥିବା କଳକାରଖାନା କମାରଶାଳ କଂସାରୀ ଶାଳ, କୁମ୍ଭାରଶାଳ, ଶ୍ମଶାନ ପାଖ, ନଦୀର ଅତିନିକଟ, ରେଳରାସ୍ତାର ଅତିନିକଟ ଏସବୁ ସ୍ଥାନ ଠିକ ନବାଛି ଘରକଲେ ପରେ ପ୍ରମାଦ ନିଶ୍ଚେ ଆସିବ ।

ଗ୍ରାମବନ୍ଧା ଯାଇଥିଲା ସାହି ବନ୍ଧା ଯାଇଥିଲା ଏଥିରେ ପରସ୍ପରକୁ ଆପଦ ବିପଦରେ ସହାୟ ହେବାପାଇଁ । ବନ୍ଧୁବନ୍ଧାଯାଏ ବଡ଼ ବଡ଼ ସମସ୍ୟାରେ ସହାୟତା ପାଇଁ । ଜାତିଆଣ ପ୍ରଥା ଏକ ବିଶେଷ ଗୋଷ୍ଠୀ ସହାୟକ ବ୍ୟବସ୍ଥା, ଜଙ୍ଗଲରେ ହିଂସ୍ରପଶୁ, ଏମାନେ ଆକ୍ରମଣ କରିପାରନ୍ତି । ଏ ପାଇଁ ଗୋଷ୍ଠୀଗତ ବାସରେ ମନୁଷ୍ୟ ସେ ଆକ୍ରମଣ ପ୍ରତିହତ କରୁଥିଲେ । ସାମା ଅଂଚଳବାସ ବି ଏମିତି ବହିଃଶତ୍ରୁ ଆକ୍ରମଣକୁ ମୁକାବିଲା ପାଇଁ ଗୋଷ୍ଠୀଗତ ଚେଷ୍ଟା ପାଇଁ ସଙ୍ଗତବନ୍ଧା ବାସ ଥିଲା । କିନ୍ତୁ ସମୟ ପରିବର୍ତ୍ତନ ଏମିତି ହେଲା ପିତାମାତା ଭାଇ ଭଉଣୀ ସମ୍ପର୍କ ଛାଡ଼ି ଲୋକେ ଅଲଗା ବାସ କରିବାକୁ ପସନ୍ଦ କଲେଣି । ନିଜର ବଂଶ ପରମ୍ପରା ଗୃହର ଦିଅଁ ଦେବତା ପର୍ବାଦିକୁ ପଛକୁ ପକାଇ ମନୋଜ୍ଞ ଦିଅଁ ପୂଜା ପାର୍ବଣ ଆପଣେଇ ନେଲେଣି । କାନୁନ ବି ସେପରି ହୋଇଗଲା । ଯୌଥ ପରିବାର ପାଇଁ ସରକାର କୌଣସି ଭଲ ନିୟମ କରୁନାହାଁନ୍ତି କେବଳ ପୁରୁଷଟିଏ ନାରୀ ଟିଏ ଓ ସେମାନଙ୍କର ପିଲା ଏହାକୁ ବାଦ ସେମାନଙ୍କର ବାପା ମାଆ ଭାଇ ଭଉଣୀ ପରିବାରକୁ ସରକାର ନେଉନାହାଁନ୍ତି । ଦରିଦ୍ର ସୀମା ରେଖାରେ ଥିବା ଲୋକଙ୍କୁ ସାହାଯ୍ୟ ଧାରା ବଳବତର ବେଳେ ଗୃହ ଯୋଗାଣ ଅନ୍ନ ଯୋଗାଣ ଗ୍ୟାସ ଯୋଗାଣ ପାଇଁ ସରକାରୀ ବ୍ୟବସ୍ଥା ବଡ଼ ଯୌଥ ପରିବାର ପାଇଁ କରାଯାଉନାହିଁ ।

ପୂର୍ବେ ଥିଲା କେହି ମରିଗଲେ ତାର ଶବକୁ କେବଳ ତାହାରି ଜ୍ଞାନ ପରିଜନ ଜାତି ହିଁ ଶ୍ମଶାନରେ ସଂସ୍କାର କରିବାକୁ ନେବେ ଏବେ ଏ ଧାରା ବଦଳି ଗଲାଣି । ଲୋକ ମରି ପଡ଼ିଛି କେତେ ଦୁଃଖ ଶୋକ ସେ ପରିବାରରେ ଡାକ୍ତାର ମରିବା ଲୋକ ଯେ ମରିଛି ଓ କେମିତି ମଲା ଏପାଇଁ ଡେଥ ସାର୍ଟିଫିକେଟ ଡାକ୍ତର ବା ଡାକ୍ତରଖାନାରୁ ସଂଗ୍ରହ ନକଲେ ଶବ ସଂସ୍କାର ହୋଇପାରୁନାହିଁ । ମଲା ଶବ ଠାରୁ ବି ପଇସା ଆଦାୟ ଧନ୍ଦା ହୋଇଗଲାଣି । ଡାକ୍ତରଖାନାରେ ରୋଗୀ ମରିଗଲା ପରେ ବି ମୃତ ଶରୀର ଡାକ୍ତରଖାନା କର୍ତ୍ତୃପକ୍ଷ ଶବକୁ ପାଇସା ପାଇଁ ଛାଡୁ ନାହାଁନ୍ତି । ମୃତ୍ୟୁ ବି ଅପମୃତ୍ୟୁ ହୋଇପାରେ ହତ୍ୟା ହୋଇପାରେ ଏବି ଆଇନର ଦୋହାଇ ହୋଇଗଲାଣି । ଏସବୁ ସମସ୍ୟା ଆହୁରୀ ଆଗକୁ ଆଗକୁ ନୂଆ ନୂଆ ପର୍ଯ୍ୟାୟ ଯୋଡ଼ିବ । ଏସବୁର ଭ୍ରମ ସବୁ ବସ୍ତୁ ଭିଟାର ପ୍ରମାଦ ଯୋଗୁ ସର୍ବତ୍ର ଘଟୁଛି । ଏହାକୁ ପର୍ଯ୍ୟାୟ କ୍ରମରେ ବିଶ୍ଳେଷଣ କଲେ ଏକ ଏକ ସ୍ପଷ୍ଟ ହୋଇଯିବ । ପ୍ରତି ସ୍ଥାନର ଭିଟାମାଟି କି ପ୍ରକାର ନିର୍ମାଣ ରହିଲେ ଥାନା, ଡାକ୍ତରଖାନା, ସରକାରୀ ଅଫିସ, ଲୋକଙ୍କ ବାସଗୃହ, ଶିକ୍ଷାୟତନ ରାସ୍ତା, ରାସ୍ତାର ଦିଗ ପରିବର୍ତ୍ତନ ବାଙ୍କ, ନଦୀ ନାଳର ଧାରରୁ କେଉଁପଟ ସରଳ ଜଟିଳ ବାସଭୂମି ହେବ । ସବୁ ନିୟମର ପକାଇ ବାସ କଲେ ଅନେକ ଜଟିଳତା ଶାନ୍ତି ହୋଇଯିବ । ଥାନା ପୋଲିସଙ୍କର କାର୍ଯ୍ୟାଳୟ, ଯାହା ମଙ୍ଗଳ ଗ୍ରହର କତୃତ୍ୱରେ । ସ୍ଥାନର ଦକ୍ଷିଣ ଅଗ୍ନି କୋଣରେ ଥାନା ରଖାଗଲେ ସ୍ଥାନର ସମସ୍ୟା କମିଯିବ । ପ୍ରତି ସ୍ଥାନରେ ଜଳ ଉତ୍ସ ଉତରପୂର୍ବରେ ସ୍ଥାନକୁ ଜଳ ପ୍ରବେଶ ଏହି କୋଣରୁ କରାଗଲେ ଲୋକେ ସୁସ୍ଥ ରହିପାରିବେ । ନଦୀ ନାଳର ଜଳ ସ୍ଥାନର ପଶ୍ଚିମରୁ ପୂର୍ବକୁ ବା ଦକ୍ଷିଣରୁ ଉତରକୁ ବହୁଥିଲେ ସେ ସ୍ଥାନର ଉନ୍ନତି ସର୍ବଦା ରହିଥାଏ । କଟକ ସହରରେ ଦେଖନ୍ତୁ ପଶ୍ଚିମରୁ ପୂର୍ବକୁ ଦକ୍ଷିଣରୁ ଉତରକୁ ନଦୀ ବହୁଛି । ଗଙ୍ଗା ପଶ୍ଚିମରୁ ପୂର୍ବକୁ ମହାନଦୀ ପଶ୍ଚିମରୁ ପୂର୍ବକୁ ବହୁଛି ମାତ୍ର ଯେଉଁଠାରେ ନଦୀର ଜଳଧାରା ଦିଗ ବଦଳାଉଛନ୍ତି ସେଠାରେ ସମସ୍ୟାମାନ ଉତ୍ଥାପିତ ହେଉଛି । ସିନ୍ଧୁ ଇଶାନରୁ ନୈଋତକୁ ବହୁଛି ଏହା ଭାରତ ପାକିସ୍ଥାନ ମଧ୍ୟରେ ବିବାଦ କରାଉଛି । ଏପରି ଅନେକ ସ୍ଥାନ ବହୁ ସ୍ଥାନରେ ଅଛି ।

ସ୍ରୋତସ୍ୱିନୀ ଜଳଧାରା ବିଦ୍ୟୁତ ଗ୍ୟାସ ପାଇପ ପ୍ରତି ଗୃହକୁ କେଉଁ ଦିଗରୁ ପ୍ରବେଶ କରିଲେ ଭଲ ହେବ ଏହାକୁ ଜାଣିବା ଦରକାର । ଜଳ ବାସ୍ତୁରେ ଇଶାନ ବିଦ୍ୟୁତ ଅଗ୍ନିକୋଣ ଗ୍ୟାସର କ୍ରିୟା ରୋଷେଇ ଘର ବା ଫର୍ଣ୍ଣେସରେ କରାଯିବା ଯୋଗୁ ତାକୁ ବି ଅଗ୍ନି କୋଣରେ କରାଯିବା ଯୋଗୁ ତାକୁ ବି ଅଗ୍ନିକୋଣରେ କରାଯିବା ଆବଶ୍ୟକ ୱାୟରିଂ ବେଳେ ପଶ୍ଚିମରୁ ପୂର୍ବକୁ ଦକ୍ଷିଣରୁ ଉତରକୁ ବିଦ୍ୟୁତ ପ୍ରବାହର ଉତ୍ସ ରଖାଯିବା ଆବଶ୍ୟକ ଏହା ନକଲେ ଘରେ ବିଦ୍ୟୁତଜନିତ ଅସୁବିଧା ମଧ୍ୟରେ ମଧ୍ୟରେ ଦେଖାଯିବ ।

ବରେଣ୍ୟ ବାଣୀ' ପିପି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ମୋ: ୯୪୩୭୦୩୧୨୫୩

ଯମନାଲାଲ ବଜାଜ

॥ ତପନ କୁମାର ପାଳ ॥

ଯମନଲାଲ ବଜାଜ ଭାରତର ଜଣେ ଉଦ୍ୟୋଗପତି ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ମହାତ୍ମା ଗାନ୍ଧୀଙ୍କ ବହୁତ ନିକଟତର ଥିଲେ । ଗାନ୍ଧୀ ତାଙ୍କୁ ପୋଷ୍ୟ ପୁତ୍ରଭାବେ ଗ୍ରହଣ କରିଥିଲେ । ସେ ୧୯୨୬ ମସିହାରେ ବଜାଜ ଗ୍ରୁପ୍ ଅଫ କମ୍ପାନୀ ପ୍ରତିଷ୍ଠା କରିଥିଲେ । ଏବେ ଏହି ଗ୍ରୁପର ୨୪ଟି କମ୍ପାନୀ ରହିଛି । ବଜାଜ ଇଲେକ୍ଟ୍ରିକାଲ, ବଜାଜ ଅଟୋ ଓ ବଜାଜ ହିନ୍ଦୁସ୍ଥାନ ଲିମିଟେଡ ଆଦି ତାଙ୍କର ପ୍ରସିଦ୍ଧ କମ୍ପାନୀ ଅଟେ । ତାଙ୍କ ନାମରେ ଭାରତରେ ମଧ୍ୟ କେତେକ ଶିକ୍ଷାନୁଷ୍ଠାନର ନାମକରଣ ହୋଇଛି । ଏହା ବ୍ୟତୀତ ୧୯୭୮ ମସିହାରେ ତାଙ୍କ ନାମରେ ଯମନାଲାଲ ବଜାଜ ଆୱାର୍ଡ଼ ମଧ୍ୟ ଘୋଷଣା କରାଯାଇଛି । ଏହା ପ୍ରତିବର୍ଷ ତାଙ୍କ ଜନ୍ମ ଦିବସରେ ଦିଆଯାଏ । ଯମନାଲାଲ ୧୮୮୯ ମସିହା ନଭେମ୍ବର ୪ ତାରିଖରେ ଏକ ଗରିବ ମାରୱାଡ଼ି ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ପରେ ତାଙ୍କୁ ସେଠ ବଛରାଜ ଓ ତାଙ୍କ ପତ୍ନୀ ସାଦବାଇ ବଛରାଜ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ । ସେଠ୍ ବଛରାଜ ଇଂରେଜ ଶାସନ କାଳରେ ଜଣେ ପ୍ରସିଦ୍ଧ ବ୍ୟବସାୟୀ ଥିଲେ । ଯମନାଲାଲ ବଡ଼ ହେବାପରେ ତାଙ୍କ ପିତାଙ୍କ ବ୍ୟବସାୟକୁ ଆଗକୁ ବଢ଼ାଇଥିଲେ । ମହାତ୍ମା ଗାନ୍ଧୀ ସାଉଥ ଆଫ୍ରିକାରୁ ଫେରିବା ପରେ ସେ ତାଙ୍କ ଜୀବନଶୈଳୀରେ ଖୁବ୍ ପ୍ରଭାବିତ ହୋଇଥିଲେ । ତେଣୁ ସେ ତାଙ୍କ ସ୍ତ୍ରୀ ଓ ପିଲାଙ୍କ ସହ ଆସି ସାବରମତୀ ଆଶ୍ରମରେ ରହିଥିଲେ । ୧୯୨୧ ମସିହାରେ ସେ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ । ସ୍ୱାଧୀନତା ଆନ୍ଦୋଳନ ବ୍ୟତୀତ ଦେଶରେ ସାମାଜିକ ସଂସ୍କାର ଆଣିବାକୁ ସେ ସର୍ବଦା ଚେଷ୍ଟାରତ ଥିଲେ । ଦେଶରେ ଅଛୁଆଁ ଭେଦଭାବ ଦୂର କରିବା ପାଇଁ ସେ ଚେଷ୍ଟା ଜାରି ରଖିଥିଲେ ଓ ଖଦି ବସ୍ତ୍ର ପିନ୍ଧିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ସେ ଭାବୁଥିଲେ ଯେ, ହିନ୍ଦୀଭାଷା ଭାରତୀୟଙ୍କୁ ଏକତ୍ରିକରଣ କରିବାରେ ସହାୟ ହେବ । ତେଣୁ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ସେ ବହୁ ଗୁଡ଼ିଏ ହିନ୍ଦୀ ପୁସ୍ତକ ଓ ମାଗାଜିନ୍ ପ୍ରକାଶ କରିଥିଲେ ଓ ଗାନ୍ଧି ହିନ୍ଦୀ ପୁସ୍ତକ ଭଣ୍ଡାର ସ୍ଥାପନ କରିଥିଲେ । ସେ ସି.ରାଜ ଗୋପାଳଚାରୀଙ୍କ ସହ ମିଶି ଦକ୍ଷିଣ ଭାରତ ପ୍ରଚାର ସଭା ପ୍ରତିଷ୍ଠା କରିଥିଲେ । ଯମନାଲାଲ ତାଙ୍କର ବହୁ ଧନ ସମ୍ପତ୍ତି ଗରିବଙ୍କୁ ଦାନ କରିଥିଲେ । ତାଙ୍କର ୧୯୪୨ ମସିହା ଫେବୃଆରୀ ୧୧ରେ ମୃତ୍ୟୁ ଘଟିଥିଲା ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ

ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଂଟାଲିଟିର ଅନ୍ତହୀନ ପ୍ରବଣତା

॥ ଡାକ୍ତର ସମ୍ରାଟ କର ॥

ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପ ଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା । ଏହି ସିରିଜ କେବଳ ଭାରତୀୟ ଦର୍ଶକ ମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାନେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି । ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତ୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ବର୍ଣ୍ଣାଇ ଥିଲି । ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତେଜିତ ହେଉଥିଲି ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥିଲୁ କିନ୍ତୁ ସେ ସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି । ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି । ବର୍ତ୍ତମାନ ଇଂଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି । ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଈବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତ୍ତରେ ଉଭେଇ ଯାଏ ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା ଠାରୁ ଅଧିକ ଜଲଦି ଚାଲି ଯାଏ । ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ । ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି । ଏକଥା ମନସ୍ତତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି । ସେମାନଙ୍କ ସହ ସମାଜବିତ ଓ ଶିକ୍ଷାବିତମାନେ ମଧ୍ୟ ଏକମତ । କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତ୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଲାନ୍ତି । ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି । ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କଂଟେଂଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ । ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ । ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଂଡଟି ପ୍ରତିସ୍ଥାପିତ ହୋଇପାରେ । ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ । କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ । ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଂଟ ଦେଖି ଖୁସି ହେଉଛନ୍ତି । କଳ୍ପିତ ଲାଇକ କି କମେଂଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ପୁଣି ଟ୍ରେଣ୍ଡ ଅନୁସରଣ ନକଲେ ଫୋମୋ (ଫିଅର ଅଫ ମିସିଂ ଆଉଟ)ର ଶିକାର ହେଉଛନ୍ତି । ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି । ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି । ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ୍ୟ ଅନେକ ସମୟରେ ଶୁଣିବାକୁ ପଡୁଛି । ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି । ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି । ନୂଆ ପିଢ଼ି ମଧ୍ୟରେ ହର୍ଡ଼ ମେଂଟାଲିଟି ବିକଶିତ ହେଉଛି । ମନସ୍ତାତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧ୍ୟରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି । ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଛିନ୍ନ କରିଦେଉଛନ୍ତି । ଲାଇକ, କମେଂଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି । ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା । ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଇଛି ଯେ ସେଥିରୁ ବର୍ତ୍ତିବା ସହଜେ ସମ୍ଭବ ହେଉନାହିଁ । ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ । ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି । ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ । ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟି କୁ ନଜରରୁ ରକ୍ଷା କରିଥାଏ । ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି । ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ ମାନଙ୍କୁ ଜଣାଇଥାଏ । ତେବେ ଘଂଟା ଘଂଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡୁଛି । ଖାଇବା, ପିଇବା, ବସିବା-ଉଠିବା, ଅନ୍ୟ ମାନଙ୍କ ସହ ଯୋଡ଼ି ହେବା ଓ ନିଜର ଡମାମର ଧରାବନ୍ଧା ରୁଟିନ ମଧ୍ୟ ବାଧା ପ୍ରାପ୍ତ ହେଉଛି । ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଂଟ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି । ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ । କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଷାଦ ଓ ଅବସାଦର କାରଣ ହୋଇଥାଏ । ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଂଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ । ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩

୨୫ କଥନିକା : ଅଜୟ ପ୍ରଧାନ

କବିତାର ଆଶ୍ରମ

କବିତା ଆଖି ପରି ଦେଖିପାରେ, ପାଦ ପରି ଚାଲିପାରେ, ହାତ ପରି ଛୁଇଁପାରେ, ପାଟି ପରି କହିପାରେ, ନାକ ପରି ବାରିପାରେ ନଖ ପରି ବିନ୍ଧି ପାରେ; ତେଣୁ ସେ ଜୀବିତା। ଲତା ଓ ବନିତା ସଂ ତୁଳନା କରି ଆଶ୍ରିତା ବୋଲି ଧରାଯାଉଛି। ସେ କିନ୍ତୁ ନିଆଁ ପରି ଜାଳିପାରେ, ବର୍ଷା ପରି ଭିଜେଇ ପାରେ, ଶୀତ ପରି ଥରେଇ ପାରେ। କେତେ କଣ କରିପାରେ। ତଥାପି ସେ ଆଶ୍ରିତା ? ମଣିଷ ନହ କି ଉଭିଦ, ଯାହାର ଜୀବନ ଅଛି, ସିଏ ବିନା ଆଶ୍ରାରେ କ'ଣ ଜିଇଁ ପାରେ ?

ବସ୍ତୁତଃ, ସବୁ ଓ ସମସ୍ତେ ଆଶ୍ରଭ, ଲାଳନପାଳନ ଓ ଯତ୍ନ ଲୋଡ଼ନ୍ତି। ମାଟି ପଥର ପତର ଯାହା ବି ହେଉ ସମସ୍ତେ ଆଉ ଜଣଙ୍କୁ ଖୋଜନ୍ତି। କସ୍ତୁରୀ ଭେଳି କାହୁଆ ବୁଲନ୍ତି; ସୃଷ୍ଟି ଅନୁଯାୟୀ ଆବଶ୍ୟକତା ଆସେ ଓ ଆବଶ୍ୟକତାକୁ ଚାହିଁ ଅଙ୍ଗ ଖୋଜାହୁଏ ବା ତିଆରି ହୁଏ। ଠଙ୍କଟି ତାପରେ ତାହାରେ। ଜଗତର ସକଳ ସମ୍ଭାର ଅଲିଖିତ ଚୁକ୍ତିରେ ପରିଚାଳିତ। ଜଣକ ବିନା ଆନର ମୂଲ ନାହିଁ। କବିତା, ଦେଖିବାକୁ ଗଲେ, ଅନ୍ୟ ପାଇଁ ଏକ ଆଶ୍ରୟ-ଶାଳା ! କବିତା ତେଣୁ ଲତା କି ବନିତା ନୁହେଁ; ବରଂ ସିଏ ମୋହିତା। ସିଏ ଯେମିତି ଚାହେଁ, ତାକୁ ସେମିତି ମିଳିଯାଏ ! ସିଏ ଏକା ରହି ପାରିବନି ବୋଲି ଆଉ ଜାଣକୁ ଖୋଜିଲା ବେଳକୁ, ତା ଖୋଳ ଖୋଜି ତାକୁ ଲୋଡ଼ନ୍ତି ! କବିତା କେବେ ରହିନି କି ରହିବାର ନାହିଁ ଏକା। ଏଇଟା ତାର କବାଟ ଭିତରର କେଉଁର କଥା। ସାଥୀ ନ ପାଇଲେ 'ଏକ୍ଲା ଚଲୋରେ' କହୁଥିବା କବି ସାଥିରେ ସେ ହିଁ ଚାଲିଥିଲା ନା ନାହିଁ ? କବିତା ଦୁଃଖୀର ସାଥୀ ! କାହା ଅଶ୍ରୁ କାହା ବେଦନା କାହା କଷ୍ଟ ସହିପାରେନି, ସେ ବିଗଳିତ ବିଚଳିତ ହେଇଯାଏ। ସେ ସହିତା ତ !

ଗୋଟିଏ ସମାଜ, ଗୋଟିଏ ଦେଶ, ଗୋଟିଏ ଭୂଖଣ୍ଡରେ ପରସ୍ପର ପରସ୍ପରର ଆଶ୍ରୟ ଓ ଆଶ୍ରିତ। ଜଣେ ଜଣକୁ ଛାଡ଼ି ରହିବା ଅସମ୍ଭବ।

କେବଳ ଜଣେ ନିଜକୁ ନେଇ ଭାବିବ କେମିତି ? ଜଣକୁ ତ ତାର ଦୈନନ୍ଦିନ ନିତ୍ୟକର୍ମ ହେଉ ବା ଜୀବନ ଧାରଣ ପାଇଁ ହେଉ, ଯାହା କିଛି ତାର ବ୍ୟବହାର୍ଯ୍ୟ ବସ୍ତୁ, ତା ଉପରେ ସେ ନିର୍ଭରଶୀଳ। ବସ୍ତୁ ହେଉ, ଯନ୍ତ୍ର ହେଉ, ମଣିଷ ହେଉ - ସବୁକିଛି ପାଇଁ ଜଣେ ଅନ୍ୟ ଉପରେ ନିର୍ଭର କରେ। ପ୍ରତ୍ୟକ୍ଷ ଭାବେ ନ ହେଲେ ବି ପରୋକ୍ଷରେ ସେ ଆଶ୍ରିତ। ଯିଏ ଆଶ୍ରୟ ଦେଉଛି ସେ ବି ଆଶ୍ରିତ ପାଖରେ ସମର୍ପିତ, ଆଶ୍ରିତ। ଅର୍ଥାତ୍ କବି ଓ କବିତା ପରି ପରସ୍ପରର ଆଶ୍ରୟ। କବିତା ଯେ କବିର ରୋଜଗାର ତା ନୁହେଁ ଅବେ। କବିତା ବି କବିକୁ ଆଶ୍ରୟ ଦେଇ ତାର ଭଲମନ୍ଦ ବୁଝେ, ଶୁଣେ। ପାଠକ ଓ ଶ୍ରୋତାମାନେ କବିଙ୍କୁ ଆଦର କରନ୍ତି, ମୁଣ୍ଡରେ ବସାନ୍ତି। କବିର ଚିତ୍ରଟ ପଠନେ ତା କବିତାକୁ କରନ୍ତି। ଆଗ କବିତା ବୁଝେ, ବୋଲେ- ତାପରେ ଚିତ୍ରଟ ପାକି କବିର ପଡ଼େ। କବିର ନାଁ ସବୁବେଳେ ବି ମନେ ନ ପଡ଼ିପାରେ କିନ୍ତୁ କବିତା ତା କମାଲ୍ ଦେଖେଇବା କଥା ଯାହା ଦେଖାଏ।

ଆଜି, ଏଇ ସାଧାରଣ କଥାଟିକୁ ସମସ୍ତେ ଅନୁଭବ କରୁଥିବେ ଓ ଭବିଷ୍ୟତରେ ବି ଏମିତି ଅନୁଭବ ଆସିବ।

ଅନେକ କବିଙ୍କୁ ଯେ କବିତା ନିରାଶ୍ରୟ କରିଦେଇଛି ସେ କାହାଣୀ କଣ ଆମ ପାଖରେ ଅଭାବ ? ଆମ ଜାଣିବାରେ କବିତା ଲେଖିନପାରି ଚୁପ୍‌ଚାପ୍ ଖସି ରହି ଯାଇଥିବା କବିଙ୍କୁ କ'ଣ ଜାଣିନାହୁଁ ଶୁଣିନାହୁଁ ?

ମନେ ପକାନ୍ତୁ ଆଶୁତୋଷ ପରିଡ଼ା, ହରପ୍ରସାଦ ଦାସ, ଗିରିଜା କୁମାର ବଳିଆର ସିଂହ ଓ ଏବେ, ପ୍ରାୟ ତିନିଦଶନ୍ଧି ପରେ କବି ଗୌତମ ଜେନାଙ୍କୁ, ଯିଏ ବିଷାଦର ବିଶାଳ ବାଷ୍ପ ଭିତରୁ ମୁକୁଳି ମାଟିମନସ୍କ ହେଇ ଫେରି ପାରିଛନ୍ତି। କମ୍ ଗୌରବର କଥା ନୁହେଁ କଏ ! ସମସ୍ତଙ୍କ ପାଇଁ ଦିନେ ଲୋଡ଼ାପଡ଼େ ମାଟି। ମାଟିକୁ ସମସ୍ତେ ଫେରିବା କରୁରୀ। ଏକଥା ଛାଡ଼ନ୍ତୁ, କହନ୍ତୁ ତ, କାହିଁକି ମନେପଡ଼ୁନାହାନ୍ତି ପ୍ରଚାରାଜ ସତ୍ୟ ନାରାୟଣ ନନ୍ଦ କି ଦେବୀ ଦାସ ମିଶ୍ର !! (ଆହା ନାହାନ୍ତି, ଚାଲିଗଲେ କବି ପ୍ରହରାଜ !)

ସମୟର କଥା ନୁହେଁ, ଭଏ କବିତାର କଥା।

କବିତା ଏମିତିରେ କୋଉ ଲତା କି ବନିତା ? ହେଇଥିଲେ ତ ଘଡ଼ିଏ ଦି'ଘଡ଼ି ଭିତରେ ଖୋଜାଲୋଡ଼ା କରି କିଏ ହାଜର୍ ହେଇଯାନ୍ତେ !

> କବିତା ଏମିତିରେ କୋଉ ଲତା କି ବନିତା ? ହେଇଥିଲେ ତ ଘଡ଼ିଏ ଦି'ଘଡ଼ି ଭିତରେ ଖୋଜାଲୋଡ଼ା କରି କିଏ ହାଜର୍ ହେଇଯାନ୍ତେ !

କବିତା ବି ସାଧାରଣ ଲୋକଟିଏ ପରି ବିଶ୍ୱସ୍ତ ଲୋକଟିଏ ଖୋଜେ। ସବୁଠି। ଯେହେତୁ କବିତା ସବୁଠି ଥାଏ। ଜଳ ସ୍ଥଳ ଆକାଶ ପାତାଳ ସବୁଠି; କବିର ଅଜ୍ଞାତ ସେ ସ୍ଥାନରେ ବି ! ଖୋଜିବା, ଖୋଜି ପାଇବା ବି କବିର କାମ, ବଡ଼ କାମ। କାରଣ କବିତାର କିଛି ବେଣ୍ ନେଣ୍ ନାହିଁ; ଯାହା ଅଛି ତା' କବିର, କବି ପାଇଁ। କବି ଯଦି କବିତାର ଆଶ୍ରୟଦାତା ହେଇଥାନ୍ତା ତେବେ ତ ସିଏ ଘଡ଼ିରେ ଆଲମିରା ଖୋଲି ସାର୍ଟ ଶାଢ଼ି କାଢ଼ିଲା ପରି କାଢ଼ି ଫଟାଫଟ୍ ପିନ୍ଧି, ପାଉଡର୍ ଘାଉଡର୍ ମୁହଁବେଳରେ ବୋଳି ବାହାରି ପଡ଼ନ୍ତା ! ଏତେ କଷ୍ଟ କାହିଁକି ସେ ଭୋଗନ୍ତା ! କବିତାର ନିରଙ୍କୁଶ ସାମ୍ରାଜ୍ୟରେ କବି ଜଣେ କରଦ ରାଜା ମାତ୍ର ! କବିତାର ଆଶ୍ରମରେ କବି ଜଣେ ଶବ୍ଦ-ତପସ୍ୱୀ

ଧୀରେଧୀରେ ଆଶ୍ରମରେ ରହୁଥିବା ଆଶ୍ରମୀ ଯେମିତି ଶୃଙ୍ଖଳା ମାନି ଚଳନ୍ତି; ପୂଜା, ଧ୍ୟାନ, ପାଠ ପଢ଼ାପଢ଼ି, ଜପତପ ବା ଅଭ୍ୟାସ କରନ୍ତି ଓ ପାଖାପାଖି ସଂଙ୍କର ଭଲମନ୍ଦ ଜାଣନ୍ତି; ସେମିତି କବି ଜଣେ ଶିକ୍ଷା ସଫଳ ହୁଏ। ଆଶ୍ରମର ମୁରବୀ ଠୁ ସମ୍ପାସୁତୁରା ଯାଏଁ ସବୁ ଦାୟିତ୍ୱ ତାର ହାତରେ ପଡ଼େ। ଉପଯୁକ୍ତ ଭାବରେ ଯିଏ କରେ ତା'ରି ଉପରେ ଆଶ୍ରମ ଆସ୍ଥା ରଖେ ଓ ଧୀରେ ସେହି ଆସ୍ଥା ପରିବର୍ତ୍ତିତ ହେଇଯାଏ ଆଶ୍ରୟାରେ !

ଆଶ୍ରୟୀ ହେଇଯାଏ ଆଶ୍ରମ ! ଏହା ହିଁ ପ୍ରାକୃତିକ ନିୟମ।

♥ ବଡ଼ଡାପଡ଼ା ସାହି, ପୁରୀ-୧
ଫୋନ:୭୯୭୮୪୮୦୯୧

୬୦ ଧାରାବାହିକ ଆଲୋଚନା

କଥାକାରଙ୍କ କଥା : ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

କଥାକାର ରାଜେନ୍ଦ୍ର ରାଉଳ

"ଅନ୍ୟର ସ୍ୱାଧୀନତା ଉପରେ ହସ୍ତକ୍ଷେପ ନକରି ନିଜର ସ୍ୱାଧୀନତାକୁ ଉପଭୋଗ କରିବା କଣ ଅପରାଧ ! ଅନ୍ୟ ଲୋକକୁ ଖୁସି କରିବା ପାଇଁ ନିଜର ଇଚ୍ଛାକୁ ଜାଣିଶୁଣି ହତ୍ୟା କରିବା କଣ ହିପୋକ୍ରାସୀ ନୁହେଁ !" (କଥାକାର ରାଜେନ୍ଦ୍ର ରାଉଳ)

ମାନବୀୟ ଚିନ୍ତା ଚେତନା, ସ୍ୱପ୍ନ, ଉଦ୍‌ବେଗ, ଯାତନା, ବେଦନା, ଆଲୋଡ଼ନ, ବିଦ୍ରୋହ, ବିଭୋର ପଣକୁ ବ୍ୟବଚ୍ଛେଦ ପୂର୍ବକ ନୂତନ ଶୈଳୀର କଥାସାହିତ୍ୟ ସୃଷ୍ଟି କରି ପାରୁଥିବା କଥାକାର ରାଜେନ୍ଦ୍ର ରାଉଳ ଏବଂ ଜଣେ ସୁନାମଧନ୍ୟ ସାହିତ୍ୟିକ। ଯାହାଙ୍କ ଲେଖନୀକୁ ଛୁଇଁ ପାରେନି କୌଣସି ବାଦ, ଧର୍ମ, ତତ୍ତ୍ୱ କି ଦର୍ଶନ। ନିଜସ୍ୱ ଭିତରେ ନିଜେ ବିଭୋର ହୋଇ ସାଉଁଟି ନିଅନ୍ତି ଜୀବନର ବହୁବିଧ ଅନୁଭୂତି। ଆଉ ପରେ ପରେ ତାହା ହୋଇଯାଏ ଏକ ନୂଆ ଗଳ୍ପ, ନହେଲେ ନୂତନ ଚିନ୍ତାଧାରାର ଏକ ଅନନ୍ୟ ଉପନ୍ୟାସ। ଏଇ ଗଳ୍ପ-ଉପନ୍ୟାସର ଚରିତ୍ର କେବେ ପ୍ରେମକୁ ନେଇ ପ୍ରେମିକ ହୋଇଯାନ୍ତି ତ ଆଉ କେବେ ବିରହର ଛୁଟୁ ଛୁଟୁ ବ୍ୟଥାକୁ ନେଇ ଯନ୍ତ୍ରଣାବିଦ୍ଧ ହୋଇ କ୍ଷତାକ୍ତ ହୋଇପଡ଼ନ୍ତି। ଆଉ ପୁଣି କେବେ ବିଦ୍ରୋହର ମାନସିକଧାରୀ ହେବା ବେଳେ, ହୋଇପଡ଼ନ୍ତି କେବେ ବିଭିନ୍ନ ବ୍ରୀଡ଼ିରେ ରଞ୍ଜା ନଥାଇ ବି ସାଲିସ୍ କରୁଥିବା ସ୍ୱାଭିମାନୀ ମଣିଷ।

ସତ୍ୟକୁ ସାମ୍ନା କରିବାକୁ ସାମର୍ଥ୍ୟ ଦିଏ ତାଙ୍କ 'ଭାଇରସ୍' ଉପନ୍ୟାସର ନାୟକ ଶେଖର। ହିପୋକ୍ରାସୀକୁ ନେଇ ନୁହେଁ ବରଂ ସେ ବଞ୍ଚେ ବେପରୁଆ ମନୋଭାବକୁ ନେଇ। ଏକ ବେପରୁଆ, ଦେହ ସର୍ବସ୍ୱ, ମସ୍ତିଷ୍କ ପ୍ରଧାନ, ଖ୍ୟାଲି ଅସ୍ତିତ୍ୱବାଦୀ ପ୍ରୋଟୋଟାଇପ୍ ମଣିଷ। ଏଭଳି ନୂତନ ଶୈଳୀର କଥା କାହାଣୀ ଓ ଚରିତ୍ର ଏ ଉପନ୍ୟାସକୁ କରିଛି ସଫଳ। ଈଶ୍ୱରଙ୍କୁ ନେଇ ଓ ଶାସ୍ତ୍ର ମାର୍ଗୀୟ ହୋଇଛି ଏହାର ପରିସମାପ୍ତି। ସେଇଥିପାଇଁ ତ ବିଶିଷ୍ଟ କବି, ସମାଲୋଚକ ହରପ୍ରସାଦ କୁହନ୍ତି: "ଈଶ୍ୱର ସହାନ ଭଳି ଭୂମିମାର୍ଗୀ ବିଷୟକୁ ବେପରୁଆ ହୋଇ ଖେଳେଇଛନ୍ତି ଓ ଖେଳେଇ ଖେଳେଇ ଶେଷରେ ସେଇ ବୃତ୍ତିକୁ ହିଁ ଆଗ୍ନେୟାସ୍ତ୍ର ତାହାର କରି ଈଶ୍ୱରଙ୍କୁ ସୁଟ୍ କରିଛନ୍ତି।"

ଉପନ୍ୟାସର ନାୟକ ଶେଖର ନିଜକୁ ମୁକ୍ତ କରିବା ପ୍ରୟାସରେ ଅଧିକରୁ ଅଧିକ ଅସାମାଜିକ ହୋଇଯାଇଛି। ତାନିଆକୁ ପ୍ରେମ କରିଛି ସତ, ହେଲେ ନିଜର ଆତ୍ମାର କଥା କହିପାରିନି। କେବେ ମିଛ କହି ପାରେନି, ଛଳ କରି ଜାଣେନି। କଥାକାରଙ୍କ ଭାଷାରେ: "ତାର ଅଫିସ୍ ଆସିବାକୁ ଡେରି ହେଲା, କାରଣ ତା ପ୍ରେମିକାର ଦେହ ଭଲ ନଥିଲା।"

ଉପନ୍ୟାସର ସମାପ୍ତିରେ ଏଭଳି ଜଣେ ବେପରୁଆ ମଣିଷର ମୃତ୍ୟୁ ହୋଇଛି। କାହିଁକି କାଣନ୍ତି !

ଲେଖକଙ୍କ ବର୍ଣ୍ଣନାରେ: "ଆମେ ବଞ୍ଚୁଥିବା ସମାଜ କଣ ସତରେ ସେତିକି ଉଦାର ଯାହା ସହଜରେ ବରଦାସ୍ତ କରିପାରିବ ଏଭଳି ନିଷ୍କପଟ ସଚ୍ଚୋଟପଣିଆ ସବୁକୁ। ସେଥିଲାଗି ତ ଶେଖର ମରିବାକୁ ବାଧ୍ୟ। ଯେଉଁ ସମାଜର ମଣିଷମାନେ ଛଳନାକୁ ଛତା କରି ମୁଣ୍ଡ ଉପରେ ଟେକି ଧରିଛନ୍ତି- କପଟତାର ମୁଖା ଦେଇ ଓଠରେ ଆତ୍ମୀୟତାର ହସ ଖେଳାଉଛନ୍ତି - ସେ ସମାଜରେ ତା ସ୍ଥିତି ଅବା କେତେ !"

ସତରେ ଆଜିର ସମାଜ ହିଁ ଏମିତି। ଏଇଠି ଆମେ ରହିଛେ ସଂସ୍କାରଭୀରୁ ସମାଜରେ । ଯେଉଁଠି ରହିଛି ଈଶ୍ୱରୀୟ ହିପୋକ୍ରାସୀର ଭାଇରସ୍। ବୋଧହୁଏ ସେଇଥିପାଇଁ କଥାକାର ତାଙ୍କ ଉପନ୍ୟାସର ପ୍ରାରମ୍ଭରୁ ଆଲବର୍ଟ କାମ୍ୟୁଙ୍କ ଏ ଉକ୍ତିକୁ ନେଇଛନ୍ତି: "Alas, after a certain age every man is responsible for his face." (Albert Camus)

ଶେଖର ପରି ଏତେ ବେପରୁଆ ମଣିଷ ହୋଇ ଏଭଳି ବଞ୍ଚିବା ଜମାରୁ ସହଜ ନୁହେଁ। କଥାକାର ରାଜେନ୍ଦ୍ରଙ୍କ ଚିନ୍ତା ଚେତନା ନିଶ୍ଚିତ ଭାବରେ ଅନନ୍ୟ।

ରାଜେନ୍ଦ୍ରଙ୍କ ଅନ୍ୟ ଏକ ନିଆରା ସୃଷ୍ଟି ହେଉଛି 'ହତ୍ୟାକାରୀ' ଗଳ୍ପ ସଂକଳନ। ସାମାଜିକ ବିଘଟନ, ବିବେକର ବିଚ୍ୟୁତି ଆଉ ମାନସିକ ଅବକ୍ଷୟର କାହାଣୀ ରହିଛି ଏହାର ପ୍ରତିଟି ଗଳ୍ପରେ। ବାସ୍ତବରେ କହିବାକୁ ଗଲେ କଥାଶିଳ୍ପୀ ରାଜେନ୍ଦ୍ର ବିଷୟବସ୍ତୁ ଚୟନରେ ଯେତିକି ଖୋଲମଖୋଲା, ତାର ପ୍ରାରମ୍ଭ, ପ୍ରବାହ ଓ ପରିସମାପ୍ତିରେ ସେତିକି ଗମ୍ଭୀର ଓ ଯତ୍ନଶୀଳ।

ଜୀବନାନୁଶୀଳନ ଓ ଜୀବନ ପ୍ରତି ନିଖୁଣ ଦୃଷ୍ଟିଭଙ୍ଗୀରେ ତାଙ୍କ କଥା ସାହିତ୍ୟ ମୁଖରିତ। ଅନ୍ୟ ଭାବରେ କହିଲେ ଜୀବନର ବହୁ ପାର୍ଶ୍ୱକୁ ଛୁଇଁ ପାରୁଥିବା (Multidimensional) ଗଳ୍ପ ଓ ଉପନ୍ୟାସ। କେବେ କେବେ ଲାଗେ ତାଙ୍କ କଥା କାହାଣୀ ହେଉଛି ମୂଲ୍ୟବୋଧ ଓ ପ୍ରତି-ମୂଲ୍ୟବୋଧର ସଂଘର୍ଷ ଉପରେ ଆଧାରିତ ଏକ ଏକ ସୃଷ୍ଟି, ଯାହାକି ପାଠକକୁ ଆଗ୍ରହୀ କରାଇବାରେ ବେଶ୍ ସକ୍ଷମ ଓ ସମର୍ଥ।

ବାସ୍ତବିକ୍ କଥାକାର ରାଜେନ୍ଦ୍ରଙ୍କ କଥା ସାହିତ୍ୟ ଏକାଠ ଭାବରେ ଚଳନ୍ତି ଜୀବନର ପରିପକ୍ୱ ଅନୁଭବ, ଏକଥା ଅସ୍ୱୀକାର କରାଯାଇନପାରେ।

♥ ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଡକ୍ଟର ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର,
ଫୋନ: ୯୩୩୭୦୬୭୧୮୬

କବିତାର ଦୁଇ ଧାଡ଼ି ମଝିରେ ଥିବା ଖାଲିଜାଗାରେ ଥାଏ ମୋର କ୍ଷତ !

କ୍ଷତର ଖୋଳପା ତଳେ ଖୁସିର ଖରାମାନଙ୍କୁ ଖର୍କେଇ ନେଇ ଯିଏ ସାରାରାତି ବର୍ଷା ଭଳି ଝରେଇ ପକାନ୍ତି ବାତାୟନ ସେପାଖେ, ସେ ସରୋଜ ବଳ। ସକାଳର ସିନ୍ଦୂରା ଫାଟିବା ବେଳକୁ ସାମ୍ନାରେ ଚକାପାରି ବସିଥାଏ ବୋଉର ଗେହ୍ଲାପଣ। ଭଦ୍ରକର ଅଖ୍ୟାତ ଗାଁରୁ ଖସି ଆସି ରାଜଧାନୀର ରାଜରାସ୍ତାରେ ରାଜକୀୟ ଠାଣିରେ ଚାଲୁଥିବା ସୃଜନବାସୀ ସରୋଜ ସଲକ୍ଷ୍ମ ଛିଡ଼ା ହେବା ବେଳକୁ ଜୀବନ କହେ : "ଆ ମୋ ସହିତ। ଟାଇମ୍ ପାସ୍ କରିବା।" ବାସ୍, ତାପରଠୁ ଜୀବନ ଓ ସରୋଜ ଗୋଟିଏ ସରଳରେଖାର ଦୁଇଟି ବିନ୍ଦୁ। କେବେ ଜୀବନ ଆଗରେ ତ କେବେ ସରୋଜ। କେବେ ସରୋଜ ଆଗରେ ତ କେବେ ଜୀବନ। ଜୀବନଯୋଗରେ ହାରିଯାଇ ନଥିବା ଆମ ସମୟର ଜଣେ ଯୁବ ଲେଖକ ସରୋଜ ବଳ, ଯିଏ ସାହିତ୍ୟ, ସଂଗୀତ, ସଂଗଠନ, ସମ୍ପାଦନା, ଗ୍ରନ୍ଥ ରୂପାୟନ, ଶିଳ୍ପୀ ଓ ଡ଼ିଜାଇନର୍- ଏମିତି ନାନା ପରିଚୟର ପୀରାମିଡ୍ ଭିତରେ ପାଲଟି ସାରିଛନ୍ତି 'ଅଲ୍‌ରାଉଣ୍ଡର୍'। ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚଳାଇ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ତିଆରି କରିପାରିଛନ୍ତି ସେ। କବିତା, ଗଳ୍ପ, ଉପନ୍ୟାସ, ଗୀତ, ଶିଶୁସାହିତ୍ୟ, ଅନୁବାଦ ଆଦି ବିଭାଗରେ ଲେଖନୀ ଚଳାଇ ସେ ହୋଇ ସାରଛନ୍ତି ବିଶାଳ ଏକ ସୃଜନ-ସାମ୍ରାଜ୍ୟର ବାଦଶାହା। ୧୯୭୬ ମସିହାରେ ଜନ୍ମ ଗ୍ରହଣ କରିଥିବା ଶ୍ରୀବଳ କିଛିକାଳ 'ସମ୍ବାଦ' ଓ 'ସର୍କାର' ତଥା ଅନ୍ୟାନ୍ୟ କାଗଜରେ କାର୍ଯ୍ୟ କରିଛନ୍ତି। ତିନି ଦଶନ୍ଧିରୁ ଅଧିକ ସମୟ ସାହିତ୍ୟ ଜଗତରେ ରାଜ୍ କରି ବହି ପ୍ରକାଶନକୁ ମୁଖର କରିବା ସହ ନବାଗତ ଲେଖକଙ୍କ ପାଇଁ ସାଜିଛନ୍ତି ଆକାଶ। ଯେଉଁଠି ସେମାନେ ଫୁଟି ପାରନ୍ତି ତାରା ପରି ଅନବରତ। ଜଣେ ସଫଳ ପ୍ରକାଶକ ଭାବରେ ବେଶ୍ ସଫଳ ସେ। ପୁଣି ସମ୍ପାଦକ ଭାବରେ ସେ 'ସିନ୍ଦୂରା', 'ରେବତୀ', 'ମତ' ଓ 'ସାମ୍ନା' ଭଳି ପତ୍ରିକାର ସମ୍ପାଦକ ହୋଇ ଛାପ ଛାଡ଼ିଛନ୍ତି। କବିତାରେ ନିଚ୍ଛକ ବାସ୍ତବତାର ବିମ୍ବକୁ ଏକ ସରୋଜୀୟ ଶୃଙ୍ଖଳାରେ ପରଷି ଦେଉଥିବା କବି ବଳ କଥାକାର ଭାବରେ ଆହୁରି ଶାର୍ପ ଓ ବୋଲ୍ଡ୍ ବି। ନିଜର ନିଃସଙ୍ଗତାବୋଧ, ଅସହାୟତା ଓ କାରୁଣ୍ୟକୁ ବିଶ୍ୱମୟ କରିବାର ମନ୍ତ୍ର ହିଁ ସରୋଜ ବଳଙ୍କ ସୃଜନ ଶାସ୍ତ୍ର। ପତ୍ନୀ ଏବଂ ପୁଅ ସମାସଙ୍କ ସହିତ ଭୁବନେଶ୍ୱରରେ ରହୁଥିବା ଏଇ 'ହ୍ୱାଟ୍ ନଟ୍' ଲେଖକଙ୍କୁ ସାକ୍ଷାତ କରିଥିଲେ ସଙ୍ଘମିତ୍ରା ଭୁତିଆ।

♥ ଆପଣଙ୍କ ପାଇଁ କବିତା କ'ଣ ? ଆଉ କେବେ ପ୍ରଥମ କରି ବୋଧ ହେଉଥିଲା ଯେ ଆପଣ ଏବେ କବିତାର ପାଖରେ ?

♥♥ କବିତା ମୋ ପାଇଁ ଅମ୍ଳଜାନ। ଆପଣ ଯଦି ମୋତେ କଣ ଖାଇ ବଞ୍ଚେ ବୋଲି ପଚାରିବେ, ମୁଁ ଭାତ-ଡାଲି-ଆଳୁଭଜା ଭିତରେ କବିତାକୁ ବି ଗୋଟେ ଆଇଟମ୍ କରି ରଖିବି। କବିତା ମୋତେ ଆମ୍ବତୋଟା ଠୁ ବଞ୍ଚାଇ ରଖି ଆସିଛି ଆରମ୍ଭରୁ। ହଁ, କିଛିଟା ପରିଚୟ ଦେଇଛି ସେ ମୋତେ, ହେଲେ ତାହାରେ ରକ୍ତକ୍ଷରଣ, ଲକ୍ଷେ ଆଘାତ, କୋଟିଏ ନିଃସଙ୍ଗତାବୋଧରେ ଆବଦ୍ଧ ପାଉଛୁ କରେଇଛି ମୋତେ। ଭାଙ୍ଗିଛି ଥରକୁଥର, ପୁଣି ନିଜେ ନିର୍ମାଣ ଧରି ଗଢ଼ିଛି ମୋତେ। ଠେଲିଦେଇ ପୁଣି ଉଠେଇଛି ହାତଧରି। ବୋଧେ ମୋତେ ସୁନା ଭାବି ଜଳେଇଛି ସମୟର ନିଆଁରେ। ଆଉ ମୁଁ ଉଜ୍ଜ୍ୱଳି ଉଠିବି କଣ, ପାଉଁଶ ହେଇଯିବାକୁ ଲାଗିଛି ଦିନକୁଦିନ। କବିତା ମୋତେ ପାଖରେ ପକେଇଛି କି ମୁଁ କବିତାକୁ, ସେଇଟା ଜାଠଗଡ଼ାରେ ବିଚାର ହେବା କଥା। ସେ ଜାଣିଛି ମୋତେ ୧୩ ବର୍ଷ ହେଉଥିବା ବେଳେ ବାପଛେଉଣ୍ଡ ହେଇଯିବା ଦେଖି ମୋ ନିଃସଙ୍ଗତାର ସୁଯୋଗ ନେଉଥିଲା ଓ ପ୍ରାଣ ବୁଲିଥିଲା, ମୁଁ ସିଧା ପଚାରିବିନି। କିମ୍ବା ମୁଁ ବି ଜାଣିଛି ଅଭାବୀ ପରିବାରର ଚୁଲୁରାଣ ମେଣ୍ଟେଇବା ଭୂଲି, ମେସ୍‌ରେ ବଗଡ଼ା ଭାତ ଆଉ ପାଣିଆ ଡାଲି ହାପୁଡ଼ି, ରାଜନୀତି ବିଜ୍ଞାନରୁ 'ଓଡ଼ିଆ ଭାଷାସାହିତ୍ୟ'କୁ ଅନର୍ସ ବିଷୟ ବଦଳାଇ ହାତଲେଖା ପତ୍ରିକାରେ ମାତିଲି, ସେ ବି ମୋତେ ପଚାରି ପାରିବନି। ତେବେ ଆମେ ପରସ୍ପରକୁ ସେବେଠୁ ପାଖରେ ପକେଇ ଏଯାବତ୍ ଅଭିଯୋଗବିହୀନ ହେଇ ରହିଛୁ। ଦେଖିବା, ଆଗକୁ କଣ ହେଉଛି।

♥ କବିତାରେ ଅନେକ ବେପରୁଆ ତଥା ମାତାଲ୍ ଧାଡ଼ିଙ୍କୁ ଯୋଡ଼ି ଅଦୃଶ୍ୟରେ କେମିତି ଖଞ୍ଜନ୍ତି ସଂଯତ ଦର୍ଶନ ?

♥♥ ମାତାଲ କରିଛି ସ୍ୱପ୍ନ ମୋତେ, ବେପରୁଆ କରିଛି ଲକ୍ଷ୍ୟହୀନ ଯୌବନ। ଅଭାବୀ ସମୟ ମୋତେ ଯାଚିଛି ଭାବ। ସେଇମାନଙ୍କୁ ଗୋଟାଗୋଟି କରି ବସ୍ତାରେ ପୁରେଇ ଫେରିଲାବେଳେ ଗୋଟେ ଏକୁଟିଆ ଡରା କି ତଳଓଠ ରାଗରେ କାମୁଡ଼ିଥିବା ଫାଳିକିଆ କହୁଆଡ଼କୁ ଚାହିଁ ଅନ୍ୟମନସ୍କ ହେଉଛି। ଗୋଟେ ନିମ୍ନମଧ୍ୟବିତ୍ତ ପରିବାରର ସଂକୁଚିତ ମନ ଓ ଅଣଓସାରିଆ ରାସ୍ତାରେ ଦର୍ଶନମାନେ ତ ଖଡେଇ ହେବା କଥା। ରାସ୍ତାକଡ଼ ଘରର ବାଲ୍‌କୋନିରେ ଠିଆହେଲ; ତାହା ହିଁ ହେଉଛି। ସଂଘର୍ଷ ମୋତେ ଭେଟି ଦେଉଛି ଦର୍ଶନ ଓ କିଛି କହିନପାରିବାର ଅସହାୟତା ଏମିତି କିଛି ନିରର୍ଥକ ଦର୍ଶନର ଲାଖ ଉକେ ଦେଣ ନକେ ଖଞ୍ଜି ଉଦ୍ରେଇ ଦେଉଛି କବିତାରେ। କଣ ବା ତାର ମାନେ ଅଛି !

♥ 'ହାସରାତି'ଠୁ ଆରମ୍ଭ କରି 'ରାତିର ନଦି' ଯାଏଁ ସବୁଠି ମନେହୁଏ ପ୍ରେମ ଓ ବିଦ୍ରୋହ ହିଁ ଆପଣଙ୍କ କବିତାରେ ସ୍ରୋତସ୍ୱିନୀ। ସତରେ କ'ଣ ଜୀବନ ଏ ଦୁଇଟିର ଉତ୍ତମ ମିଶ୍ରଣ ?

♥♥ ମିର୍ଜା ଗାଲିବ୍‌ଙ୍କ ପରି ଖୁ' କମ୍ ବୟସରୁ ବି ମୁଁ ବୁଝି ନେଇଥିଲି ଯେ ମୋତେ 'ଜୀନେକୀ ଦେକେ ଜୀନେକୀ ମିଲା'। ଜୀବନ କଣ ସତରେ କିଛି ଦିଏ ? ଖାଲି ଭୋଗାଏ। ଭବାଏ। ରେଗାଏ ଓ ଭୁଲାଏ। ଅତଏବ ଆମ ପରି ଗାଉଁଲି ଲୋକଙ୍କ ପାଇଁ ଭୋଗିହେବାଟା ହିଁ ଏକମାତ୍ର ଜୀବନ। ଜୀବନ ପାଇବାକୁ ହେଲେ ଜୀବନକୁ ଖୁଚୁରା ପଇସା ପରି ଖର୍ଚ୍ଚ କରିବାକୁ ପଡ଼େ, ଟାରଣା ଆଠଣା କରି। ହାନିମାନିଆ ହେଇ। ଆଉ ବାକି ରହିଲା ପ୍ରେମ ! ପ୍ରେମ ତ ଗୋଟେ ସୁନାହରିଣ ! ହରିଣ ନହିଁଏ ଧରା, ଦଉଡ଼ନା ବନ୍ଦ ଖରା। ଅଭାବର ଏତେ ଖରାରେ ଅୟସରେ ଏ ହରିଣ କଣ ଧରା ଦିଏ ? ଖାଲି ଦୂରରୁ ସବୁଷ୍ଟ ହେବାକୁ ପଡ଼େ ଦେଖି ତା ନଖରା। ବିଦ୍ରୋହ ବୋଲି କିଛି ନଥିଲା କି ନାହିଁ; ଯାହା ବିଦ୍ରୋହ ପରି ଦିଶେ, ତାହା କେବଳ ପ୍ରେମର ଅନୁପସ୍ଥିତି। ଭୁଲୁଥିବା କୁକୁରକୁ ପଟେ ପାଉଁରୁଟି ଦେଲେ, ତାର ବିଦ୍ରୋହ ଶେଷ।

♥ କର୍ଣ୍ଣକ ଶବ୍ଦକୁ ଅସ୍ତ୍ର କରି ପ୍ରାୟ କବିତାରେ ଛୁରୀ ଚଳେଇଦେନ୍ତି ଆପଣ ! ନିଜ ମାନସପଟରେ ସେମିତି ଏକ ଛୁରୀ ବହନ କରିବାବେଳେ ନିଜର ସେଇ କବିତାସବୁର ଆମ୍ପିକ ତଥା ଆଙ୍ଗିକ ଗଠନ ପ୍ରତି କେତେ ସଜାଗ୍ ଥାଆନ୍ତି ଆପଣ ?

♥♥ କବିତା ନିଜେ ତ ଏକ ଛୁରୀ। ହଁ, ତାକୁ ଧାର କରିବା କାମ କବିର। କବିତାରେ ଧାରଦେବା ଏକ ଅନୁଭବୀ କାର୍ଯ୍ୟ, ମୋ ଦ୍ୱାରା ତା ହେଲା ନାହିଁ। ଘଷାଘଷି କରିବାକୁ ବେଳ କାହିଁ ? ଆଖିଲେ ଜୀବନ ଟେକି ଆଣିଲାବେଳକୁ ପାପୁଲି ଫାଙ୍କ ଦେଇ ତ ଅଧାରୁ ଅଧିକ ନିଗିଡ଼ି ଯାଇଛି ସବୁଥର। କବିତାର ଅଙ୍ଗ ହେଉ କି ଭଙ୍ଗୀ, ନିର୍ଭର କରେ ସେଇ ମୁହୂର୍ତ୍ତ ଉପରେ, ଯୋଉ ମୁହୂର୍ତ୍ତ ଫେରିବାଲା ହୋଇ କବିତା ବିକିବାକୁ ଆସିଥାଏ। ଫେରିବାଲାର ଡାଲାରେ ଥାଏ ହରେକ୍‌ମାଲ୍। ମୋ ପସନ୍ଦର ମୁଁ ଉଠେଇନିଏ।

ଗୋଟିଏ ପ୍ରକାର କଥାରେ ମୁଁ ଜଲଦି ବୋର୍ ହେଇଯାଏ। ତେଣୁ ପ୍ରଯୋଗରେ ମୁଁ ସବୁବେଳେ ଟିକେ ନୂଆ ଉପାଦାନ ଖୋଜୁଥାଏ। ମୋର ତିନି ଚାରୋଟି ସଂକଳନରେ ମୁଁ କବିତାକୁ ଗଦ୍ୟାଙ୍ଗରେ ପ୍ରକାଶ କରିବାକୁ ଚେଷ୍ଟା କରିଛି। ତାକୁ 'ଗଳ୍ପ ପରି କବିତା'ର ଆଖ୍ୟା ଦେଇ 'କବିତା' ବଦଳରେ 'ଗବିତା' ବୋଲି ବି ଡାକିଛି। ଇଏ ଏକ ପ୍ରକାର ମୌଳିକ ପାଗଳାମି। ବୋଧେ ସବୁ ସୃଜନଶୀଳ ସ୍ରଷ୍ଟା ଏଭଳି ପାଗଳାମିର ଶିକାର।

କବିତାରେ ଆତ୍ମା ଖଞ୍ଜିବା କାମ କିନ୍ତୁ କବିର ନୁହେଁ। ଶିଶୁକୁ ମା' ଦେହ ଦେଇ ଜନ୍ମଦିଏ ସିନା, ଆତ୍ମା ତ ଦିଏନି ? ଦିଏ କି ? କବିତାର ଆତ୍ମା ସ୍ଥିର କରେ ଆଉ କେହି। ହୁଏତ ସମୟ, ହୁଏତ ଦୃଶ୍ୟ, ହୁଏତ ଘଟଣା। ଈଶ୍ୱର କି ?

♥ ଖୁବ୍ କଳାତ୍ମକ ଆପଣ। ଗଳ୍ପ, କବିତା, ଉପନ୍ୟାସ, ଚିତ୍ର, ଅଭିନୟ, ପ୍ରକାଶନ, ଆୟୋଜନ, ପ୍ରସାରଣ (ଆହୁରି ଅନେକ ଦିଗକୁ ଛାଡ଼ି ଯାଉଛି ବୋଲି ସୁନିଶ୍ଚିତ) ଆଦି କ୍ଷେତ୍ରରେ ଖୁବ୍ କମ୍ ବୟସରେ ଅମାପ ପ୍ରସିଦ୍ଧି ଆପଣଙ୍କର। ଯାହାକୁ ଦେଖିଲେ ଲାଗେ ଯେମିତି ଯୋଉଠି ହାତ ମାରିଛନ୍ତି ସେଇଠି ସୁନା ଫଳକ ହେଉଛି, ଚମକ୍ ଭରିଛି। ସେମିତି କେଉଁ ଏକ କଳାର ଦିଗ ରହିଛି କି ଯାହା ଅବ୍‌ସେସ୍ ହେଇ ରହିଛି ଆପଣଙ୍କ ପାଇଁ ? ସାଧାରଣ ମଣିଷର ଭାଷାରେ ଏମିତି ଏକ କଳାତ୍ମକ ଦିଗ ଯୋଉଠି ସରୋଜ ବଳ ବି ଫେଲ୍‌ଉର୍ ?

♥♥ ହାଃ ହାଃ। ଶୁଭ ଟିକେ ଭାବେ। ଯୋଉ ଢଂଗାଳୀରେ କୁହନ୍ତିନି, ଜ୍ୟାକ୍ ଅଫ୍ ଅଲ୍ ଟ୍ରେଡ୍‌ସ୍ ମାଷ୍ଟର ଅଫ୍ ନନ୍... ମୁଁ ବୋଧେ ସେୟା। ମୁଁ ଯଦି ସତରେ କୋଉ କଥାରେ ସଫଳ ହୋଇଥାନ୍ତି, ଅନ୍ୟକୌଣସି କଥାରେ ହାତଦେବାକୁ କାହିଁକି ବା ଯାଇଥାନ୍ତି ? ମୋର ଅସଫଳପଣ ଏଠୁ ସେଠିକି, ସେଠୁ ଏଠିକି ଯିବାକୁ ପ୍ରବର୍ତ୍ତାଏ। ଲକ୍ଷ୍ୟହୀନ ସମୟ ବାଟବଣା କରେ। ସମ୍ବଳହୀନ ସ୍ୱପ୍ନ ବୋଉର ହାତସିଲେଇ କନ୍ଥା ଉପରେ ଚାଦର ଘୋଡ଼ିହେଇ ଶୁଏ ଓ ଗୋଡ଼ ହଲାଏ। ଆଉ ମୁଁ ତ ଏମାନଙ୍କ ମଝିରେ 'ଟିକ୍ ଟକ୍... ଟିକ୍ ଟକ୍' ହେଇ ଦୋହଲୁଥିବା ପୁରୁଣାକାଳିଆ ଗୋଟେ କାନ୍ଥଘଣ୍ଟାର ପେଣ୍ଡୁଲମ୍। ଦୋଳିଦୋହଲି ସମୟ କଟିଯାଏ। ଗୋଟେ ଖୁସି ଆଉ !



ଅବ୍‌ସେସ୍ ? ଗୀତର ରାସ୍ତାରେ ଯିବାକୁ ଚାହିଁଥିଲି, ସାହିତ୍ୟ ହାତ ଠାରି ଡାକିନେଲା। ପ୍ରେମର ରାସ୍ତାରେ ଯିବାକୁ ମନ ଥିଲା, ଅପ୍ରେମ ବଶ କରିନେଲା। ଆଜିବି ବୋଲି ବସିଥିଲି ନିଜର ପ୍ରୋଟ୍ରେଟ୍, ବର୍ଷା ଧୋଇଦେଲା ପ୍ୟାଲେଟ୍। ପ୍ରକାଶ ଭାଇ କେବେଠୁ ଦେଇଯାଇଛନ୍ତି କେଉଟି ହିନ୍ଦୁହିନ୍ ପିକ୍‌ର ବଂଶୀ, ତା ଭିତରେ ଝିଟିପିଟି ଅଣ୍ଡା ଦେଲାଣି। ଡାଲିକା ଲୟା। ଗୋଟେ ସିନେମା ବନେଇବି ବୋଲି ଭାବିଛି। ଭାବିବାକୁ କୋଉ ପଇସା ପଡୁଛି ? ହାଃ ହାଃ।

ସବୁଥିରେ ମୁଁ ଫେଲ୍‌ଉର୍। ବୋକାମାନେ ଫେଲ୍‌ଉର୍ ହୁଅନ୍ତି। ନଚିକେତାଙ୍କ ଗୀତର ଧାଡ଼ି ପରି 'ଆମି ତବ ବୋକାଇ ହବୋ, ଏଟାଇ ଆମାର ଅମ୍ବିସନ୍'।

♥ ଗପ, କବିତା, ଉପନ୍ୟାସ, ସଙ୍ଗୀତ, ଚିତ୍ର ସବୁଠି ଖୋଲାଖୋଲି ଭାବେ ଆପଣ ଯାହା ଦେଖେଇଛନ୍ତି ତାହା ପ୍ରେମ, ଆଉ ଯାହା ଲୁଚେଇଛନ୍ତି ତାହା କ'ଣ ?

♥♥ ଲୋକେ ଯେୟା ଦେଖେଇ ହୁଅନ୍ତି, ଯୋଉଟା ନଥାଏ। ପ୍ରେମହୀନତା ଭୋଗୁଥିବା ଲୋକ ହିଁ ପ୍ରେମକବିତା ଲେଖେ। ଇମିଟେସନ୍ ଗହଣା ବେଶି ପିନ୍ଧନ୍ତି ସେଇମାନେ, ଯୋଉମାନଙ୍କ ପାଖରେ ସୁନା ନଥାଏ। ଅବଶ୍ୟ ଗହଣା ଥିବା ଓ ଗହଣା ପିନ୍ଧିବା ଦୁଇଟା ଅଲଗା କିସମର ବଦଭ୍ୟାସ। ମୁଁ ପ୍ରେମ ପିନ୍ଧିଛି ବାରଂବାର, ତାହା ସତ। ହେଲେ ସବୁ ଇମିଟେସନ୍।

ମୋ ଜୀବନ ତ ଗୋଟେ ଖୋଲାବହି। ଯିଏ ପୃଷ୍ଠା ଓଲଟେଇଛି, ସେ ମୋତେ ପଢ଼ିଛି। ଯିଏ କଭର୍ ଦେଖି ଆଡ଼େଇ ଯାଇଛି, ସେ ମୋତେ ଗର୍ବୀ, ଅହଙ୍କାରୀ, ନିଷ୍ଠୁର, ପାଗଳ, ଦଲାଲ୍, ଲମ୍ପଟ, ଠକ, ମାଫିଆ... କଣକଣ କହିଛି। ଡୁ କେୟାର୍। ମୋ ଆଗରେ ମୁଁ ମୋତେ କାହିଁକି ସଫେଇ ଦେବି ? ମୁଁ କଣ ମୋତେ ଚିହ୍ନିନି ?

ହଁ ଲୁଚେଇଛି ମୋର ଅନ୍ତରଙ୍ଗ କିଛି କ୍ଷତ। ଲୁଚେଇବାର ଅପଚେଷ୍ଟା କରିଛି ବୋଲି କହିହେବ। କବିତାର ଦୁଇ ଧାଡ଼ି ମଝିରେ ଯୋଉ ଖାଲିଜାଗା, ତାରି ଭିତରେ ଦିଶି ଯାଇନିକି ମୋର କ୍ଷତ !

♥ ଗପ ଲେଖିବା ଭିତରେ କବିତାର କି କବିତା ଲେଖିବା ଭିତରେ ଗପର ଅନୁପ୍ରବେଶକୁ କେମିତି ଦେଖନ୍ତି ଆପଣ ? ଗପ ଆଉ କବିତା ଭିତରେ ଯେ ଯୋଉ ସୂକ୍ଷ୍ମ ପରଦା ଥାଏ, ତା' ସମ୍ପର୍କରେ କ'ଣ ମତ ରଖିବେ ?

♥♥ ସୂକ୍ଷ୍ମ ପରଦା କାହିଁକି ? ଉଭୟଙ୍କର ସ୍ୱତନ୍ତ୍ର ବଖରା ଅଛି। ତେବେ ପରସ୍ପରର ପଡ଼ୋଶୀ ସେମାନେ। ଗପର ବଖରାକୁ ସୁଯୋଗ ଦେଖି ବୁଲିଆସେ କବିତା, ପୁଣି କବିତାର ଛାତ ଉପରେ ଗପ ବି ଯାବେ ପାଟିଲା ପିନ୍ଧୁଳି। ଏହାକୁ ଅନୁପ୍ରବେଶ ନକହି ଆମେ ଛାୟାପ୍ରବେଶ କହିପାରିବା। (ଜାଣିଛ, ମୁଁ ମେଟ୍ରିକ୍ ପରୀକ୍ଷା ପରେ ମୋ ଅପା ଘରକୁ ଥରେ ବୁଲି ଯାଇଥିଲି ଯାଜପୁରର ନୂଆଶାସନ ଗାଁ। ଦିନେ ଝିଅଙ୍କ ପୋଷାକ ପିନ୍ଧି ଲେଡିଜ୍ ସାଇକେଲ୍‌ରେ ଧରି ବାହାରି ଯାଇଥିଲି ଅହିୟାସ ବଜାରକୁ। ଲୋକେ ପୁରା ଝିଅ ବୋଲି ଭାବିଲେ ମୋତେ। ଗୋଟୋପଣେ ଝିଅ ପରି ଦିଶୁଥିଲି। କିନ୍ତୁ ମୁଁ କଣ ସତରେ ଝିଅ ଥିଲି ?) ଗପର ନିଜସ୍ୱ ଗୋଟେ ଦେହ ଅଛି, ଆତ୍ମା ବି। ଝିଅ ବେଶରେ ଥିଲେ ବି ସେ ପୁଅଟେ। ଠିକ୍ ସେମିତି ପୁଅ ବେଶରେ ଝିଅଟେ ବି ପଶେ କବିତାର ବଖରାକୁ, ପାବଚିପି। ଇଏ ଗୋଟେ ପ୍ରକାର କୋଲାବରେସନ୍। ସପୋର୍ଟ। ପ୍ରେମ କି ? ହେଇଥିବ। ମୁଁ ବି କବିତାର ଭାଷାରେ ଗପ ଲେଖୁଛି। ପୁଣି କୋଉଠି କୋଉଠି ଗପଟେ ପୁରେଇ ଦେଉଛି କବିତାରେ, ସଚେତନରେ। କିନ୍ତୁ ଗପ ଓ କବିତାର ସ୍କେଲିଟନ୍ ଅଲଗା। ଅଲଗା ହେବାକୁ ବାଧ୍ୟ। କାରଣ ନାକ ତଳେ ହାଲକା ନିଶ ଉଠିଥିଲେ ବି ଝିଅଟେ ଝିଅ; ଓ ଗାଲ ପୁରା ଝିଅଙ୍କ ପରି ପାଲିସ୍ ଦିଶୁଥିଲେ ବି ପୁଅଟେ ପୁଅ। ଠିକ୍ ? ନା ?

♥ ପ୍ରେମର କବିତା କ'ଣ ସମାଜକୁ ଘୃଣା ଆଉ ପ୍ରତାରଣା ଦୂରେଇ ଦେଇ ପାରିବ ? ବିଦ୍ରୋହର କବିତା ପରେ କବିତା ପୃଷ୍ଠାରୁ ପବନକୁ, କିମ୍ବା ପବନରୁ ପଛାର ପଛାକୁ ସ୍ପନ୍ଦନ ସୂତ୍ର କ'ଣ ଦେଇ ଯାଇପାରିବ ?

♥♥ ମାନେ କବିତାର ବ୍ୟାବହାରିକ ଦିଗ କଥା ପଚାରୁଛ ? କବିତାର ୟୁଜର୍ସ ମ୍ୟାନୁଆଲ୍‌ରେ ଥିଲା କି ଏମିତି କିଛି ଅର୍ଥ ? ? କବିତା ଗୋଟେ ଫୁଟ୍‌ପାଥ୍। ରାସ୍ତାର ଭିଡ଼ରୁ ଫୁର୍ସତ ମିଳିଲେ ଲୋକେ ଚାଲନ୍ତି। କିମ୍ବା ଗାଡ଼ି ଖରାପ ଥିଲେ ବା ଆଦୌ ନଥିଲେ, ଚାଲନ୍ତି। ଅନେକବେଳେ ତାହା ଫାଙ୍କା ପଡ଼ିଥାଏ। ଏଇ ନଥିବାପଣର ଥିବାକଥା ହେଉଛି କବିତା। ସେ ଥାଏ ବୋଲି ଜୀବନରେ ବିକଳ୍ପଟିଏ ଦିଶେ। ସଂଭାବନାଟିଏ ଜାଗ୍ରତଟାଏ।

କବିତା କିଛି କରେନା ପ୍ରକୃତରେ। ପଢ଼ିହେବ। ପଢ଼ିରହିବା ବି କିଛି ଛୋଟ କାମ ନୁହେଁ। ଯିଏ କବିତାର ଫୁଟ୍‌ପାଥ୍‌ରେ ଚାଲେ, ସେ ଫିଟ୍ ଥାଏ। ଜୀବନର ରାସ୍ତାରେ ଦିଶାହୀନ ଦୌଡ଼କୁ ଅତି ନିକଟରୁ ଦେଖିଥାଏ। ଘୃଣାକୁ ଘୃଣା ଓ ପ୍ରେମକୁ ପ୍ରେମ ବୋଲି ଠଉରେଇ ପାରୁଥାଏ। ସେତିକି ଯଥେଷ୍ଟ ନୁହେଁ ?

♥ ସାଂପ୍ରତିକ ଓଡ଼ିଆ ତରୁଣ କବିଙ୍କ କବିତାରେ ଆପଣ କେତେ ଦୂର ସନ୍ତୁଷ୍ଟ ? ମନ୍ଦ ଦିଗଟି କ'ଣ ?

♥♥ ଏବେକାର ତରୁଣ କବିଙ୍କ କବିତା ଆମ ତାରୁଣ୍ୟର ସମୟ ଅପେକ୍ଷା ଅଧିକ ସ୍ୱାଧୀନତା ଭୋଗେ। ଅଧିକ ପ୍ରାଞ୍ଜଳ ଓ ପ୍ରସାରିତ ସେମାନଙ୍କ କାନ୍‌ଭାସ୍। ଅଧିକ ସୁଯୋଗ ନିଜକୁ ଉପସ୍ଥାପିତ କରିବାର। ତେବେ ଏଇ ଅଧିକତା ବି ଗୋଟେ ବଡ଼ ଚ୍ୟାଲେଞ୍ଜ୍। କବିତା ଟିକେ କମ୍ ଚାହେଁ। ଆକାର ଓ ଆତ୍ମାରେ ସୂକ୍ଷ୍ମପଣ ନଥିଲେ, କଥନଭଙ୍ଗୀରେ କଳାତ୍ମକତା ନଥିଲେ, ଶବ୍ଦ ଖଞ୍ଜିବାରେ ମୌଳିକତା ନଥିଲେ, କବିତା କେବଳ ଏକ ଆବେଗିକ ଉପସ୍ଥାପନା ହୋଇ ରହିଯାଏ। ସ୍ଲୋଗାନ ହେଇ ରହିଯାଏ। ସୁଲଭ ଭାବପ୍ରବଣତା ନୁହେଁ, ଦୁର୍ଲଭ ଅପ୍ରାପ୍ତି ହିଁ କବିତା। ତରୁଣ କବିଙ୍କ ଭିତରେ ଅନେକଙ୍କୁ ଖଣ୍ଡା ବୁଲାଇବା ତ ଜଣା, କିନ୍ତୁ ଶତ୍ରୁକୁ ଅକ୍ତିଆର କରିବାର ରଣକୌଶଳ ଶିଖିବା ପାଇଁ ତାଙ୍କୁ ଆହୁରି ଅଭିଜ୍ଞ ହେବାକୁ ପଡ଼ିବ। ୟୁଟ୍ୟୁବ୍‌ରୁ ପାଂଚଟା ଗଜଲ ଶୁଣିଲେ ଗୋଟେ ନୂଆ ଗଜଲ ଜଣେ ଲେଖିଦେଇ ପାରିବ, ସେଇଟା ଗୋଟେ କ୍ରିମିନାଲ୍ ସ୍କିଲ୍। କିନ୍ତୁ ଗଜଲ ତ ଛାତି ଭିତରୁ ଗୁଣୁଗୁଣୁ ହେଇକି ବାହାରିବା କଥା।

ତେବେ ତରୁଣ କବିଙ୍କୁ କିଛି କହିବା କଥା ନୁହେଁ। ସେମାନେ ଉପଦେଶକୁ ବେଖାତିର କରି ଶିଖିବା ଦରକାର, କିନ୍ତୁ ଖାତିର କରିବା ଦରକାର କବିତାର ଭୂମିକୁ, ଯାହା ଉପରେ ସେମାନେ ଛିଡ଼ା ହେଉଛନ୍ତି। 'ତାରୁଣ୍ୟ' ଅନ୍ୟର ପରାମର୍ଶକୁ ଅପେକ୍ଷା କରେନା, ଭଲମନ୍ଦ ସେ ନିଜେ ସ୍ଥିର କରେ। ସମକାଳୀନ ତରୁଣ କବିଙ୍କ ସେଇ 'ନିଜତ୍ୱ' ଉପରେ ମୋର ଅନେକଟା ଭରସା ଅଛି।

♥ କବିତାରେ ଟ୍ରୋଲ୍ ଓ ନକାରାତ୍ମକ ମତକୁ କେମିତି ଦେଖନ୍ତି ?

♥♥ ନକାରାତ୍ମକ ବୋଲି କିଛି ନାହିଁ। ତାହା କେବଳ ଦେଖିବାର ଆଙ୍ଗଲ୍ ବା ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରେ। ମହାକାଶରୁ ପୃଥିବୀ କମଳାଲେମ୍ବୁ ପରି ଦିଶେ ବୋଲି ପଢ଼ିଛି ବିଜ୍ଞାନ ବହିରେ। ହେଲେ ପ୍ଲେନ୍‌ରେ ବାଳିଶ ହଜାର ଫୁଟ ଉପରକୁ ଯାଇ ପୃଥିବୀକୁ ଅନେଇଲେ ତ ସବୁ ଧୂଆଁଧୂଆଁ ଦିଶେ। କିଏ କୋଉଠି ଛିଡ଼ା ହେଉଛି ଓ ତାକୁ କୌଣସି ଦୃଶ୍ୟ କେମିତି ଦିଶେ, ସେଇଟା ସଂପୂର୍ଣ୍ଣ ଏକ ବ୍ୟକ୍ତିଗତ ଉପଲବ୍ଧି। କବିତାରେ ବୁଝିବା ଓ ବୁଝେଇବା ଭାରି ବିପଜ୍ଜନକ ବ୍ୟାପାର। ଏସବୁ କଥାରେ ମୁଣ୍ଡ [illegible]

ଖଟିର କବି ଓ କବିତା
ଦୀନବନ୍ଧୁ ସାହୁ

ଖଟିରେ 'ଭଲ କବିତାର ଖୋଜ୍'ରେ
ଏବେ ଯେମାନେ,
ହେଲେ ଏହାର ଯଥାର୍ଥ ଅଥବା ମର୍ମାର୍ଥ
କଣ ବୁଝିଲେ ଆପଣମାନେ ?
ଶବ୍ଦର ଯାଦୁକର ନ ହେଲେ
ନ ହେଲେ ମେଘ କୋଳରେ
ଚକମକ ବିଜୁଳି ଧାଡ଼ିଏ
କେହି କଣ କେବେ ହେଇ ପାରିବ
ସାର୍ଥକ କବିଟିଏ, ଏତେ ସହଜରେ !
ଭଲ କବିତାର କୌଣସି ଭାଷା ବା ଦେଶ
ନ ଥାଏ ! ସବୁ ଧ୍ୱନି ସବୁ ସ୍ୱର
ସବୁ ନୀରବତା ଭାଷା ହେଇ ଫୁଟନ୍ତି
ଏ ବିପୁଳ ପୃଥିବୀରେ ଯେତେବେଳେ;
ସେତେବେଳେ ସବୁ ଦେଶ
ନିଜ ଛାତିରେ ହାତ ବୁଲାଇ ଧୀରେ ସାଉଁଳି ନିଅନ୍ତି
ଆଉ ଅସ୍ଫୁଟ ସ୍ୱରରେ ଉଚ୍ଚାରନ୍ତି
ବାଃ ବାଃ କବି, ସତରେ କି ସୁନ୍ଦର କି ଗଭୀର
ତମ ଅନ୍ତର୍ଦୃଷ୍ଟି ! ହଁ, କବି ହେବ ପ୍ରଜାପତି !
ଶବ୍ଦର ଗହନ ବିପିନରେ ନିଖୋଜ
କବି ବିପିନ ନାୟକ, ଶେଷରେ
କେବଳ ନିଜକୁ ଶବ୍ଦର ବିହନ କରି ନିଜକୁ ହିଁ
ପ୍ରତିରୋପଣ କରି ଚାଲିଥାନ୍ତି କବିତାରେ !
ଆଖିର ମରୁଭୂମି ଟପୁ ଟପୁ ଲଙ୍ଘା ନୁହେଁ ବରଂ
କବିତା ପଥରେ ସାରା ଜୀବନଧାର ସମର୍ପ ପ୍ରତ୍ୟକ୍ଷଟିଏ
ଯିଏ 'ଭଗ୍ନପଦ' ହେଇ ଚତୁର ବଜାରରେ
ହସି ହସି ସବୁ ଭଙ୍ଗୁରଶୀଳତାକୁ ଭାଙ୍ଗି ଦିଅନ୍ତି
ଏକ ମୁକ୍ତ ମୁଗ୍ଧ ଅଥଚ ଗଭୀର ଦୃଷ୍ଟିରେ
ଏତ କହିଲେ, କବି ସୌଭାଗ୍ୟ ମିଶ୍ର
କେମିତି ଦିଶନ୍ତି କବିତାରେ ?
ଅବଶ୍ୟ କବିର ଚଖାଏ
କୌଣସି ଜାତି ଗୋତ୍ର ଅଥବା ଦେଶ !
ତଥାପି ଗଡ଼ି ଚାଲିଥାଏ
ଶବ୍ଦରେ କବିତାର ଛାୟାଚିତ୍ର
ଗର୍ଜୁଥାଏ ଶବ୍ଦର ଫେନିଳ ସମୁଦ୍ର
ସରେ ନାହିଁ ଶବ୍ଦ ସହ କବିର ଶୃଙ୍ଗାର !
ଶବ୍ଦ ସହ କବିର
ରାଗରୁଷା ମାନ ଅଭିମାନ ଚାଲିଥିବା ବେଳେ
କବି ବନ୍ଧୁ କୃଷ୍ଣ କୁମାର ମହାନ୍ତିଙ୍କ ଭଳି କବିମାନେ
କାହିଁକି ଥାନ୍ତି 'ଭଲ କବିତାର ଖୋଜ୍'ରେ ? ?

♥ ସା/ପୋ:ପଦ୍ମାବତୀ, ଜି:ନୟାଗଡ଼-୭୫୨୦୬୩
ଫୋନ:୮୨୪୯୬୯୨୮୯୪

ପ୍ରେୟସୀ ବର୍ଷା
ଶୁଭଶ୍ରୀ ଦାଶ



ବିଶ୍ୱାସ କର ବର୍ଷା !
ଶ୍ରାବଣର ଝୀନ ଉଦାସୀୟ ଲହରୀରେ
ଯେବେଠୁ ତୁମେ ଆସିଛ
ନିଓନ୍ ଆଲୁଅର କାଚରେ ଝୁଲି ପଡ଼ିଥିବା
ଅସହାୟ ସହରଟା
ହଠାତ୍ ଚଳଚଂଚଳ ହୋଇ ଉଠିଛି।

ସକାଳର ଛୁଆଁରେ ଯେଉଁ ପକ୍ଷୀମାନେ
ଉଡ଼ିବାର ଜିଦ୍ ନେଇ ଡେଣା ମେଲିଥିଲେ
ସେମାନଙ୍କ ପକ୍ଷରେ ରଙ୍ଗୀନ୍ ସ୍ୱପ୍ନସବୁ ନେସି ହେଇଯାଇଛି।
ଫୁଲମାନେ ହସକୁ ଗହଣା କରି
ମେଘଛୁଆଁ ମାଟିର ବାସ୍ନାରେ ବିଭୋର ହେଉଛନ୍ତି।

ସବୁଠି ବର୍ଷା
ତମାମ୍ ରାତି ବର୍ଷା
କଥା ଓ କବିତାରେ ବର୍ଷା।
କଂକ୍ରିଟ୍ ସହରର ଅସହାୟତା
ପାଇନ୍ ଗଛର ଗହଳ ଜଙ୍ଗଲରେ ପ୍ରତିଧ୍ୱନିତ ହେଲାବେଳେ
ଝରି ପଡ଼ୁଛି ବେଦନାର ବର୍ଷା।

ଆହା ସେ ବର୍ଷା !
ମନରୁ ଆତ୍ମାକୁ ଛୁଇଁ ପ୍ରାଣକୁ ସଂଚି ଗଲାବେଳେ
ହୃଦୟ କନ୍ଦରରୁ ଝରିପଡେ ଧିମା ଧିମା ପ୍ରେମର ବର୍ଷା।

♥ ଶ୍ରୀରାମପୁର, ବାଲେଶ୍ୱର

ଧାନଫୁଲ
ଦୀପ୍ତି ଦାସ

ସଜ ସକାଳର
ଶହାଳି ବିଲର
ଗହନ ଉଆସେ
ଧାନଫୁଲ ହାସେ
ସଜାଉ କୁଆଁରୀ ବେନ
କାଚହାଉଁଡ଼ ଜାକର ପାଣିରେ
ଧୋଇଥିଲା ତାର ମୁହଁ।

ଧାନଫୁଲ ଜାଣେ
କିଏ ସେ ଗୋପନେ
କହିଲା ସପନେ
ତୁମେ କି ସପନ ପରି
ଦରଫୁଟା ତୁମ ଲାଜର କେଶର
ନୂଆ ନଇପାଣି କିଶୋରୀ ହସର
ଫୁଲେଇ ପବନ ଦେହର ଅତର
ଭରା ଦିହ ଟିଏ ଭରି।
ତୁମରି ଆଖିର କାଇଁଚ ପୋଖରୀ
ସପନ ପଖଲା ରାତିର ଉହଁଟୀ
ପାହିପାହି କୋଟେ ସୁଖ
ବାଢ଼ବୁଡ଼ା ପାଣି
ହସର ଭସାଣି
ଦୁଃଖର ମଶାଣି
ଭାସି ଭାସି ଯାଏ
ଦରିଆ ସେପାରି
ଧୋଉ ମନ୍ତୁଡ଼ିର ଶୋଚ !
ତୁମେ କି ସତରେ ହାଡ଼ଫୁଟା ଫୁଲ
ହସର ଫସଲ
ମାଟିରୁ ଆକାଶ ବାସ
ତୁମେ କି ସତରେ ଉକତ ନିଗିଡ଼ା
ଝାଳର କବିତା
ହାତ ପାପୁଲିର
ଦୀପର ସଳିତା
ଲଙ୍କାର ମୂଳରେ ସତୀଟିଏ ସୀତା
କାଦୁଅ ପଙ୍କର ପଦୁଅଁଠୁ ବଳି
ସୁନାଲାଳି ଝିଅ
ଧୋବଧାଡ଼ ଫୁଲ
ଜୀବନର ମୂଳ
ଅନୁଢ଼ା କିଶୋରୀ ବେଣୀ
ମାଟି ମଣିଷର ହସ।
ତୁମେ ଛାତିର ପଞ୍ଜରା
ବୀଣାଧରା ଗୀତି
ଝଡ଼ ବତାସିର
ଝରା ବରଷାର
ବନ୍ଧୁତାରିଣୀର
ସଂଗୀତ ସାତସ୍ୱର।
ଚିରାଫଟା ଶାଢ଼ି
ଡାକିପକା ହେବେ
ଜରିବୁଟି କାମ
ଶ୍ୟାମ ଶୀତତାପ ଘର।

♥ ଅଢ଼ଉବଜାର, ବାଲେଶ୍ୱର,
ଫୋନ:୮୯୨୮୮୮୪୧୪

ଜାତୀୟ ପାୱାରଲିଫ୍ଟିଂ ଚାମ୍ପିଅନସିପ୍ ୨୦୨୫ରେ ଆରଏସପି ଦଳର ଉତ୍କର୍ଷ ପ୍ରଦର୍ଶନ

ରାଉରକେଲା, ୨୩।୦୮ (ଆ.ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପାୱାରଲିଫ୍ଟିଂ ଦଳ ଜାମସେଦପୁରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ଚାମ୍ପିଅନସିପ୍ ୨୦୨୫ରେ ବହୁ ପଦକ ଜିତି ରାଉରକେଲା ପାଇଁ ଗୌରବ ଆଣିଦେଇଛି । ଆରଏସପିର ଏମଆରଡ଼ି ବିଭାଗର ଜିଏମ ସନ୍ତୋଷ ଭୂୟାଁ ମାଷ୍ଟର-୨, ୮୩ କିଲୋଗ୍ରାମ ବର୍ଗ (ବେଂଚ ପ୍ରେସ୍) ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଆରଏସପି ଦଳର ଅନ୍ୟ ସଦସ୍ୟମାନେ ମଧ୍ୟ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ । ପ୍ରଦ୍ୟୁମ୍ନ ଭୂତିଆ ମାଷ୍ଟର-୨, ୭୪ କିଲୋଗ୍ରାମ ବର୍ଗ (ବେଂଚ ପ୍ରେସ୍)ରେ କାଂସ୍ୟ ପଦକ ଜିତିଥିଲେ, ଆଶିଷ ମହାପାତ୍ର ୧୨୦ କିଲୋଗ୍ରାମ ଜୁନିଅର ଶ୍ରେଣୀରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ବନାନୀ ବିଶ୍ୱାସ ସିନିୟର, ୬୩ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ 'ଭାରତର ଶକ୍ତିଶାଳୀ ମହିଳା' ଭାବରେ ବିବେଚିତ ହୋଇଥିଲେ । ଜାତୀୟ ସ୍ତରରେ ଆରଏସପି ଦଳର ପ୍ରଶଂସନୀୟ ସଫଳତା ପୁଣି ଥରେ ପ୍ଲାଂଟର ଦୃଢ଼ କ୍ରୀଡ଼ା ସଂସ୍କୃତି ଏବଂ ସପ କାହାରେ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

ମୁଁ ମୋବାଇଲ୍ କହୁଛି

କଳାହାଣ୍ଡି, ୨୩।୦୮ (ଆ.ପ୍ର) : ମୁଁ ମୋବାଇଲ, କହୁଛି, ମୁଁ ତୁମର ତୁମର ଯୌବନ ମଧ୍ୟ ବୃଦ୍ଧ ହୋଇଯିବ । ମୁଁ ନଷ୍ଟ କରି ଦେବି । ମୁଁ ପିଲାଦିନ ଚୋରି କରିବି, ମୁଁ ଚୋରି କରିବି । ତୁମେ ଶୀଘ୍ର ତୁମର ବୈବାହିକ ଜୀବନ ତୁମ ଆଗମୀ ଭବିଷ୍ୟତ ପିଢ଼ିଙ୍କ ଜୀବନ ନଷ୍ଟ କରିଦେବି । ମୁଁ ତୁମକୁ ଅଘୋଷିତ ମାନସିକ ରୋଗୀ ରେ ପରିଣତ କରି ଦେବି । ଆବଶ୍ୟକ ପଡେ ତୁମର ସମାଜରେ ଥିବା ମର୍ଯ୍ୟାଦା, ଆତ୍ମ ସମ୍ମାନ ମଧ୍ୟ କ୍ଷଣିକରେ ଚୁର୍ ମାର୍ କରିଦେବି । ତେଣୁ ବନ୍ଧୁଗଣ, ମୋତେ ବୁଦ୍ଧିମାନ ଭାବରେ ବ୍ୟବହାର କର, ମୋର ସୁବିଧା ଏବଂ ଅସୁବିଧା ମଧ୍ୟ ଅଛି । ମୁଁ ତୁମକୁ ଖେଳିବା ପାଇଁ କିମ୍ବା ବ୍ୟାୟାମ କରିବା ପାଇଁ ସମୟ ଦେବି ନାହିଁ । ମୁଁ ତୁମର ଦକ୍ଷତାକୁ ଅଧା କରିଦେବି । ତୁମେ କମ୍ କାମ କରିବ ଏବଂ ମୋତେ ଅଧିକ ଦେଖିବ । ବନ୍ଧୁଗଣ, ମୋତେ ସତର୍କତାର ସହିତ ବ୍ୟବହାର କର, ମୁଁ ତୁମକୁ ସେହି ଲୋକଙ୍କଠାରୁ ଦୂରେଇ ଦେବି ଯେଉଁମାନେ ତୁମର ବହୁତ ନିକଟତର । ତୁମେ ମୋ ପ୍ରତି ନିଶାଗ୍ରସ୍ତ ହେବା ସହିତ, ମୁଁ ତୁମ ଉପରେ ପ୍ରଭାବ ପକାଇବା ଆରମ୍ଭ କରିବି । ପ୍ରଥମେ ମୁଁ ତୁମର ଆଖି ନଷ୍ଟ କରିବି, ତାପରେ ମୁଁ ତୁମର ନିଦ ଚୋରି କରିବି । ଧୀରେ ଧୀରେ ମୁଁ ତୁମର ସ୍ୱାସ୍ଥ୍ୟ ନଷ୍ଟ କରିବି, ମୁଁ ତୁମକୁ ସମ୍ପୂର୍ଣ୍ଣ ଅକସ୍ମା ଏବଂ ଲୋକେ ସାଧାରଣରେ ତିରସ୍କାର କରିବେ ।ସମୟ ଆସିବ ମୁଁ ସମସ୍ତଙ୍କ ପାଖରେ ଦିନ ରାତି ୨୪ ଘଂଟା ଅବିଚ୍ଛେଦ୍ୟ ହୋଇ ଯିବି । ଏପରିକି ବାଥ ରୁମ୍ ରେ ମଧ୍ୟ ସାଙ୍ଗରେ ଥିବି । ସମସ୍ତଙ୍କୁ ମିଛୁଆ କରିଦେବି । ପରିବାର ର ବିଶ୍ୱାସ ଭାଙ୍ଗି ଦେବି ସମସ୍ତେ ସମସ୍ତଙ୍କୁ ଅବିଶ୍ୱାସ କରିବେ । ଶେଷ ରେ ମୁଁ ମୋ ପାୱାର ବଳରେ ସମସ୍ତଙ୍କ ସମ୍ପର୍କ ଭାଙ୍ଗି ଦେବି । ନିଷ୍ପତି ଆପଣଙ୍କର ମୁଁ ମୋବାଇଲ୍ କହୁଛି ।

ମେଦବହୁଳତା ହ୍ରାସ ସମ୍ପର୍କରେ ବିଭ୍ରାନ୍ତିକର ବିଜ୍ଞାପନ ପାଇଁ ଭିଏଲସିସି ଲିମିଟେଡକୁ ୩ ଲକ୍ଷ ଟଙ୍କା ଜୋରିମାନା

ନୂଆଦିଲ୍ଲୀ, ୨୩।୦୮ (ପି.ଆଇ.ବି) : ମେଦବହୁଳତାରୁ ମୁକ୍ତି ପାଇବା ସହିତ ଶରୀରକୁ ପତଳା କରିବା ସମ୍ପର୍କରେ ବିଭ୍ରାନ୍ତିକର ବିଜ୍ଞାପନ ପ୍ରସାରଣ ଲାଗି ଭିଏଲସିସି ଲିମିଟେଡ୍ କୁ ୩ ଲକ୍ଷ ଟଙ୍କାର ଜୋରିମାନା ଦଣ୍ଡ ଦେଇଛି କେନ୍ଦ୍ରୀୟ ଉପଭୋକ୍ତା ପ୍ରାଧିକରଣ (ସିସିପିଏ) । ୟୁଏସ-ଏଫଡିଏ ମାନ୍ୟତାପ୍ରାପ୍ତ କୁଲ୍ ସ୍କଲ୍ପଟିଂ ପଦ୍ଧତି/ଯନ୍ତ୍ରାଂଶ ବ୍ୟବହାର କରି ମେଦବହୁଳତା ହ୍ରାସ କରିବା ଲାଗି ଭିଏଲସିସି ବିଭ୍ରାନ୍ତିକର ବିଜ୍ଞାପନ ପ୍ରସାରଣ କରିଥିଲା । ଏଥିପୂର୍ବରୁ ସିସିପିଏ କାୟା ଲିମିଟେଡ ଉପରେ ମଧ୍ୟ ସମାନ ପ୍ରକାରର ବିଭ୍ରାନ୍ତିକର ବିଜ୍ଞାପନ ପାଇଁ ୩ ଲକ୍ଷ ଟଙ୍କାର ଜୋରିମାନା ଲଗାଇଥିଲା । ଶରୀରକୁ ପତଳା କରିବା ଏବଂ ସୌନ୍ଦର୍ଯ୍ୟ କ୍ଷେତ୍ରରେ ବିଜ୍ଞାପନଗୁଡ଼ିକର ତଦାରଖ ଏବଂ ଏ ସମ୍ପର୍କରେ ଆସିଥିବା ଅଭିଯୋଗ ଅନୁଧ୍ୟାନ କରିବା ସମୟରେ ଭିଏଲସିସି ଲିମିଟେଡର ମାମଲା ସିସିପିଏର ଦୃଷ୍ଟିକୁ ଆସିଥିଲା । ପରୀକ୍ଷା କରିବା ପରେ ଜଣାପଡିଲା ଯେ ଭିଏଲସିସି ଗୋଟିଏ ଅଧିବେଶନରେ ଅବିଶ୍ୱସନୀୟ ଓଜନ ହ୍ରାସର ଅତିରଞ୍ଜିତ ଦାବି କରୁଥିଲା । ଏହା କୁଲସ୍କଲ୍ପଟିଂ ମେସିନକୁ ଦିଆଯାଇଥିବା ପ୍ରକୃତ ଅନୁମୋଦନଠାରୁ ବହୁତ ଅଧିକ ଥିଲା । ଗ୍ରାହକମାନେ ଏହାଦ୍ୱାରା ଭ୍ରମରେ ପଡୁଥିଲେ । ଭିଏଲସିସିର ବିଜ୍ଞାପନଗୁଡ଼ିକ କୁଲସ୍କଲ୍ପଟିଂ ଏବଂ ତତ୍ ସମ୍ବନ୍ଧିତ ପ୍ରକ୍ରିୟାଗୁଡ଼ିକୁ ସ୍ଥାୟୀ ଓଜନ ହ୍ରାସ ଏବଂ ଆକାର ହ୍ରାସ ସମାଧାନ ରୂପେ ପ୍ରଦର୍ଶିତ କରୁଥିଲା । ଏପରି ବିଜ୍ଞାପନ ଗ୍ରାହକମାନଙ୍କୁ ଏକ ଭୁଲ ଧାରଣା ଦେଉଥିଲା ଯେ କୁଲ୍ ସ୍କଲ୍ପଟିଂ ସ୍ଥାୟୀ ଏବଂ ଉଲ୍ଲେଖନୀୟ ଓଜନ ହ୍ରାସର ଗ୍ୟାରେଂଟି ଦିଏ । ବାସ୍ତବରେ, ଏହି ପ୍ରକ୍ରିୟା କେବଳ ଶରୀରର ନିର୍ଦ୍ଦିଷ୍ଟ ଅଂଚଳରେ ସ୍ଥାନୀୟ ଚର୍ବି ହ୍ରାସ ପାଇଁ ଉଦ୍ଦିଷ୍ଟ । ଏହା କେବଳ ୩୦ କିମ୍ବା ତା'ଠାରୁ କମ୍ ବଡି ମାସ ଇଣ୍ଡେକ୍ସ (ବିଏମଆଇ) ଥିବା ବ୍ୟକ୍ତିମାନଙ୍କ ପାଇଁ ଅନୁମୋଦିତ । ଏଭଳି ତଥ୍ୟଗୁଡ଼ିକ ଉପଭୋକ୍ତାଙ୍କୁ ଲୁଚାଇ ଭିଏଲସିସି ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ଉଲ୍ଲଂଘନ କରିଛି । ତେଣୁ ୩ ଲକ୍ଷ ଟଙ୍କାର ଜୋରିମାନା ସହିତ ଭବିଷ୍ୟତରେ ଏପରି ବିଭ୍ରାନ୍ତିକରଣ ବିଜ୍ଞାପନ ପ୍ରସାରଣ ନକରିବାକୁ ସିସିପିଏ ଏହି ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି । ଉପଭୋକ୍ତା ସୁରକ୍ଷା ଆଇନର କଡ଼ାକଡ଼ି ପାଳନ କରିବାକୁ ସିସିପିଏ ଭାରତରେ କୁଲସ୍କଲ୍ପଟିଂ ମେସିନ୍ ବ୍ୟବହାର କରୁଥିବା ସମସ୍ତ ସୌନ୍ଦର୍ଯ୍ୟ କ୍ଲିନିକ୍, ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ର ଏବଂ ସେବା ପ୍ରଦାନକାରୀଙ୍କୁ ସତର୍କ କରାଇ ଦେଇଛି । ଯେକୌଣସି ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିରେ ଜୋରିମାନା, ଭ୍ରାମକ ବିଜ୍ଞାପନ ବନ୍ଦ କରିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ସାମିଲ ରହିଛି ।

ଚୌଦ୍ୱାର କଲେଜ୍‌ରେ କାର୍ଯ୍ୟବନ୍ଦ ଆନ୍ଦୋଳନ

ଟାଙ୍ଗୀ ଚୌଦ୍ୱାର, ୨୩।୦୮ (ଆ.ପ୍ର) : ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଚୌଦ୍ୱାର ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀ ମାନଙ୍କ ନୂତନ ବେତନ ଦାବିରେ ଚୌଦ୍ୱାର କଲେଜ୍ ଗେଟ୍ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ଓଡ଼ିଶା ସରକାରଙ୍କ ୨୦୦୮ ମସିହାରୁ ୨୦୧୮ ପର୍ଯ୍ୟନ୍ତ ମଧ୍ୟରେ କଲେଜ୍ ରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ତାଂକର ନୂତନ ଦରମା ନୀତିରେ ଅନ୍ତର୍ଭୁକ୍ତ କରିବା ପାଇଁ ସମସ୍ତ ଆନ୍ଦୋଳନକାରୀ ମାନେ ଦାବୀ କରି ଅଛନ୍ତି । ଆନ୍ଦୋଳନକାରୀଙ୍କ ଅଭିଯୋଗ ଆଗରୁ ୯୪୭ଦିନ ଭୁବନେଶ୍ୱରରେ ଦିନ ରାତି ଧାରଣାରେ ବସି, ଦସ୍ତଖତ ଅଭିଯାନ କରି, ପଥପ୍ରାନ୍ତ ସଭାମାନ କରି ସମସ୍ତ ପ୍ରକାର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ୍ ଓ ଜିଲ୍ଲାପାଳଙ୍କୁ ଭେଟି ଏ ସମ୍ପର୍କରେ ବାରମ୍ବାର ଦାବି ପତ୍ର ଦେଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ସୁଫଳ ହୋଇପାରିନାହିଁ ବୋଲି ଗଣମାଧ୍ୟମଙ୍କ ଆଗରେ ପ୍ରକାଶ କରିଥିଲେ । ଯଦି ସରକାର ତାଙ୍କ କଥା ନ ଶୁଣନ୍ତି ଏହିପରି ଦୀର୍ଘଦିନ ଧାରଣା ଚାଲୁରହିବ । ଏହି ଆନ୍ଦୋଳନରେ କଲେଜ୍‌ର ଅଧ୍ୟାପକ ରତିକାନ୍ତ ସ୍ୱାଇଁ, ଆରଣ୍ୟକ ରାଉତରାୟ, ପ୍ରତାପ ଘଡ଼େଇ, ଉଦିତା ବେହେରା, ଝୁନୁ ରାନି ଦାସ, ଅଧ୍ୟାପିକା ସୁଚିଶ୍ମିତା ମହାନ୍ତି, କର୍ମଚାରୀ ପରେଶ ବେହେରା, ସୂର୍ଯ୍ୟକାନ୍ତ ସାହୁ, ସସ୍ମିତା ଆଚାର୍ଯ୍ୟ, ଲୋହରି ଲୋପାମୁଦ୍ରା ରାଉତରାୟ, ଅଶୋକ କୁମାର ଦାସ, ରଶ୍ମି ରଂଜନ ମଙ୍ଗରାଜ, ପ୍ରଭାସିନୀ ଜେନା, ଶ୍ରୀକାନ୍ତ ନାୟକ, କାହ୍ନୁ ଚରଣ ବେହେରା, ଲକ୍ଷ୍ମୀଧର ବେଉରା ପ୍ରମୁଖ ଯୋଗଦେଇଥିଲେ । ଏହିପରି ହେଲେ ଆଗକୁ ଛାତ୍ରଛାତ୍ରୀଙ୍କ ପାଠ ପଢା ଉପରେ ପ୍ରଭାବ ପକାଇବ । ଆଗକୁ ରହିଲା ସରକାର କେବେ ଅଧ୍ୟାପକ ଏବଂ କର୍ମଚାରୀଙ୍କ ଗୁହାରି ଶୁଣୁଛନ୍ତି ।

ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୦୮ (ଆ.ପ୍ର) : ନିଖିଳ ଉତ୍କଳ ବାରିକ ସମିତି ଭୁବନେଶ୍ୱର ଶାଖା ପକ୍ଷରୁ ଏକ ବୈଠକ ଜୟଦେବ ବିହାର ସ୍ଥିତ ରାମେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘର ସଭାପତି ତଥା ଭୁବନେଶ୍ୱର ଶାଖା ସଭାପତି ରୋହିତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାରିକ ମାନଙ୍କର ବିଭିନ୍ନ ସମସ୍ୟା ଓ ସତ୍ୟ ଗ୍ରହଣ ଉପରେ ଆଲୋଚନା ହୋଇଥିଲା । ସର୍ବ ପ୍ରଥମେ ସମ୍ବଲପୁରୀ ସାହିତ୍ୟର ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଭାପତି ଶ୍ରୀ ବାରିକ କହିଥିଲେ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗ ସମସ୍ତଙ୍କୁ ମର୍ମାହତ କରିଛି । ସେ ଜଣେ ବିଶିଷ୍ଟ ସାହିତ୍ୟିକ ଭାବରେ ସମ୍ବଲପୁରୀ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ବାରିକ ସମାଜ ପାଇଁ ସେ ପ୍ରେରଣାର ଉତ୍ସ ଥିଲେ । ତାଙ୍କ ଆବର୍ତ୍ତମାନରେ ବାରିକ ସମାଜର ଅପୂରଣୀୟ କ୍ଷତି ଘଟିଛି ଏବଂ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବୈଠକରେ ସୁବ୍ରତ ବାରିକ, ଶ୍ରୀଧର ବାରିକ, ଅର୍ଜୁନ ବାରିକ, ସନାତନ ବେହେରା, ଟୁକୁନା ବାରିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

ପୁଷ୍ପଗିରି ମହାବିଦ୍ୟାଳୟରେ ଇନ୍ନୋଭେସନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ମାହାଙ୍ଗା, ୨୩।୦୮ (ଆ.ପ୍ର) : ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଇନ୍ନୋଭେସନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ୨୦୨୫ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବପ୍ରଭାତ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ର ଅଧକ୍ଷ ମାନଗୋବିନ୍ଦ ପଣ୍ଡା ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ନୂତନ ଉଦ୍ୟୋଗ ପ୍ରତିଷ୍ଠା କରି ଭବିଷ୍ୟତରେ ଜଣେ ଜଣେ ଶିକ୍ଷୋଦ୍ୟୋଗୀ ହେବାକୁ ପ୍ରେରଣା ଦେଇଥିଲେ । ଏଥିସହିତ ସ୍ଥାନୀୟ ଅଂଚଳର ଲୋକଙ୍କ ସମାଧାନ ଓ ସରଳ ଜୀବନଯାପନ କରିବା ସହ ସହଜ ଭାବରେ ବ୍ୟବସାୟ ଚଳାଇବା ସଂପର୍କରେ ମତ ଦେଇଥିଲେ । ଛାତ୍ର ଛାତ୍ରୀ ସେମାନଙ୍କ ନିଜସ୍ୱ ନିର୍ମିତ ଦ୍ରବ୍ୟ ଗୁଡିକ ପ୍ରଦର୍ଶନ କରିବା ସହ ସ୍ଥାନୀୟ ସମ୍ବଳ ଗୁଡିକୁ ବ୍ୟବହାର କରି କିପରି ନିଜର ଜୀବିକା ଅର୍ଜନ କରି ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ସୃଷ୍ଟି କରି ପାରିବେ ତା ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ୧୪ ଜଣ ଛାତ୍ର ଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲା ବେଳେ +୩ର ଦ୍ୱିତୀୟ ବର୍ଷର ଛାତ୍ର ଜୟନ୍ତ ପଡେଇ ପ୍ରଥମ, କାଜୋଲ ଦାସ ଦ୍ୱିତୀୟ ଏବଂ +୩ ତୃତୀୟ ବର୍ଷର ଛାତ୍ରୀ ଅଭିଲିପ୍ସା ସାହୁ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବିଚାରକ ଭାବେ ପ୍ରାଧ୍ୟାପକ ପ୍ରଭାତ କୁମାର ଆଚାର୍ଯ୍ୟ, ଅଧ୍ୟାପିକା ପୁଷ୍ପଶ୍ରୀ ତ୍ରିପାଠୀ ଯୋଗଦେଇ ଛାତ୍ର ଛାତ୍ରୀଙ୍କର କୃତୀତ୍ୱର ମୂଲ୍ୟାଙ୍କନ କରିଥିଲେ । ଅଧ୍ୟାପକ ଡମ୍ବରୁଧର ସାହୁ, ଡ. ଅଶୋକ କୁମାର ଖଟୁଆ, ଡ. ଗଗନବିହାରୀ ପୃଷ୍ଟି, ଅଧ୍ୟାପକ ଦିଲ୍ଲୀପ କୁମାର ସାହୁ, ଡ. ମନୋଜ କୁମାର ସାହୁ, ଡ. ରାହୁଲ ମହାନ୍ତି . ଗୀତାଞ୍ଜଳୀ ସାହୁ, ଅଧ୍ୟାପିକା ତୁଳସୀ ରାଉତ, ଭଜକୃଷ୍ଣ ବେହେରା, ପ୍ରାଧ୍ୟାପକ ଜ୍ଞାନରଂଜନ ଶତପଥି, ଜଗନ୍ନାଥ ନାୟକ, ସଞ୍ଜୟ କୁମାର ପ୍ରଧାନ, ଡ. ନଳିନୀ କୁମାର ସାହୁ, ଅଧ୍ୟାପକ ନିତ୍ୟାନନ୍ଦ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ସନ୍ତୋଷ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

୧୮୦୦ ଗ୍ରାମ ଗଂଜେଇ ଜବତ ଏକ ଗିରଫ

ନିମାପଡା, ୨୩।୦୮ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମପଂଚାୟତ ଭାଣପୁର ଗ୍ରାମର ଜଣେ ଯୁବକ ଗଂଜେଇ ବ୍ୟବସାୟ କରୁଥିବା ନେଇ ଅଭିଯୋଗ ହୋଇଥିଲା । ନିମାପଡା ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ଜନାର୍ଦ୍ଦନ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ ସଦଳବଳେ ସଭାମଣ୍ଡପ ନିକଟରେ ଚଢ଼ାଉ କରି ଗଂଜେଇ ଓ ନଗଦ ଟଙ୍କା ଜବତ କରିବା ସହ ଘଟଣାରେ ସଂଶ୍ଳିଷ୍ଟ ଯୁବକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛନ୍ତି । ଗିରଫ ଅଭିଯୁକ୍ତ ହେଉଛି ସାଗର ପଣ୍ଡା । ତାଙ୍କ ଠାରୁ ୧୮୦୦ ଗ୍ରାମ ଓଜନର ଗଂଜେଇ ଜବତ କରିବା ସହ ତାଙ୍କ ସ୍କୁଟି ରେ ଥିବା ନଗଦ ୩୬ ହଜାର ଟଙ୍କା ଜବତ କରିଛନ୍ତି । ଜବତ ଗଂଜେଇ ର ଆନୁମାନିକ ମୂଲ୍ୟ ୧୯ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ଜନାର୍ଦ୍ଦନ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏସ ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ ଆଇ ସବିତା କୁମାରୀ ଦେବୀ, ବୁଦ୍ଧିରାମ ମୁର୍ମୁ ଇନ୍ଦୁଲତା ମିଶ୍ର ଓ ରଞ୍ଜନ ବେହେରା ପ୍ରମୁଖ ସଦଳବଳେ ସେଠାରେ ଚଢ଼ାଉ କରି ଥିଲେ । ଏ ନେଇ ଚାରିଛକ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଏନଡିପିଏସର ବିଭିନ୍ନ ଧାରାରେ ଏକ ମାମଲା ରୁଜୁ କରାଯାଇଛି । କେଶ ନମ୍ବର ୧୦୧/୨୫ ନିମାପଡା ଅବକାରୀ ବିଭାଗ ନିଦ୍ରାରେ ଶୋଇଥିବା ବେଳେ ପୋଲିସ ପକ୍ଷରୁ ନିଶା ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉଥିବା ଜଣାପଡିଛି । ସେ ଅଂଚଳରେ ବ୍ୟାପକ ଚୋରା କାରବାର ହେଉଥିବା ଗୁଇନ୍ଦା ରିପୋର୍ଟ ପାଇବା ପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲ ଓ ଉପଖଣ୍ଡ ଆରକ୍ଷୀ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିବା ନେଇ ଥାନା ଅଧିକାରିଣୀ ମମତା ବିଶ୍ୱାଳ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ମୃତକଙ୍କ ପରିବାରକୁ ଭେଟିଲେ ଭଦ୍ରେଶ୍ୱର ମଣ୍ଡଳ ସଭାପତି

ମାହାଙ୍ଗା, ୨୩।୦୮ (ଆ.ପ୍ର) :ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତ ଝାଡେଶ୍ୱରପୁର ଗ୍ରାମର ଅଶୋକ ମିଶ୍ରଙ୍କ ମୃତ୍ୟୁ ଖବର ପାଇ ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଝାଡେଶ୍ୱରପୁରସ୍ଥିତ ଶ୍ରୀ ମିଶ୍ରଙ୍କ ବାସଭବନରେ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ଭରତ ଚନ୍ଦ୍ର ପ୍ରଧାନ, ମାନସ ମହାନ୍ତି, ଅଶୋକ କୁମାର ଦାସ, ହେମନ୍ତ ମହାନ୍ତି, ଫଗୁ ବେହେରା, ଗୋବିନ୍ଦ ସାହୁ, ବିନ ସ୍ୱାଇଁ, ଦେବାଶିଷ ମହାନ୍ତି, ସନସ୍ୱର ଖାଁ, ସଂଗ୍ରାମ ପ୍ରହରାଜ, କାର୍ତ୍ତିକ ବାରିକ, ଶୁଭେନ୍ଦୁ ରାଉତ ପ୍ରମୁଖ ପହଞ୍ଚି ତାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜ୍ଞାପନ କରିବା ସହ ସାନ୍ତ୍ୱନା ଦେଇଥିଲେ ।

ପ୍ରଫେଟ ମହମ୍ମଦଙ୍କ ପବିତ୍ର ଜନ୍ମ ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ



ଭଦ୍ରକ, ୨୩।୦୮ (ଆ.ପ୍ର) : ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରଫେଟ ମହମ୍ମଦଙ୍କ ଜନ୍ମ ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଭଦ୍ରକର ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ସୁଧିର ରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଂଟିଆ ଙ୍କ ସମେତ ଶାନ୍ତି କମିଟିର ସଦସ୍ୟ ଏବଂ ମୁସଲିମ ଜମାତର କର୍ମକର୍ତାଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରଫେଟ ମହମ୍ମଦଙ୍କ ପବିତ୍ର ଜନ୍ମ ବାର୍ଷିକ ଉତ୍ସବ କିପରି ଶାନ୍ତି ଶୃଙ୍ଖଳା ଏବଂ ଭାଇଚାରାର ସହିତ ଭଦ୍ରକ ସହର ସମେତ ଜିଲ୍ଲାରେ ପାଳନ କରାଯିବ ସେଥିପାଇଁ ଜିଲ୍ଲାପାଳ ଶ୍ରୀ ରାଉତରାଏ ସମସ୍ତ କର୍ମକର୍ତାଙ୍କ ସହଯୋଗ କାମନା କରିଥିଲେ । ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଶାନ୍ତି କମିଟିର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ଆଜିର ବୈଠକର ଉଦ୍ଦେଶ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ପଦକ୍ଷେପ ନିଆଯାଇଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଚଳିତ ବର୍ଷ ପ୍ରଫେଟ ମହମ୍ମଦଙ୍କ ପବିତ୍ର ଜନ୍ମ ବାର୍ଷିକ ଉତ୍ସବରେ ଡିଜେର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରାଯିବା ସହିତ ବିଦେଶୀ ପତାକାର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯିବା, ସୋସିଆଲ ମିଡିଆରେ (ସାମାଜିକ ଗଣମାଧ୍ୟମ) ଯେପରି କୌଣସି ଧର୍ମକୁ ଆକ୍ଷେପ କିମ୍ବା ଗୁଜବ ପ୍ରଚାର ନକରିବା ଦିଗରେ ଦୃଢ଼ ପଦକ୍ଷେପ ନିଆଯିବବୋଲି ଆଲୋଚନା କରାଯାଇଥିଲା । ଏଥିସହ ସମ୍ବେଦନଶୀଳ ଜାଗାମାନଙ୍କରେ ସିସିଟିଭି ମାନ ଲଗାଯିବା ନେଇ ଆଲୋଚନା ହୋଇଥିଲା । ପ୍ରାରମ୍ଭରେ ସିରତ କମିଟି, ମୁସଲିମ ଜମାତର ସଭାପତି ଅବଦୁଲ ମୋକିତ୍ ଖାଁ ଚଳିତ ବର୍ଷ ପ୍ରଫେଟ ମହମ୍ମଦଙ୍କ ପବିତ୍ର ଜନ୍ମ ବାର୍ଷିକ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ ସହିତ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ଉକ୍ତ ଉତ୍ସବ ଟି ସେପ୍ଟେମ୍ବର ୫ କିମ୍ବା ୬ ରେ ପାଳନ କରାଯିବା ନିମନ୍ତେ ଧାର୍ଯ୍ୟ କରାଯାଇଅଛି । ନିର୍ଦ୍ଧାରିତ ସମୟରେ ବିଭିନ୍ନ ସାହି ବସ୍ତିରୁ ୭୫ ଗୋଟି ତାଜିଆ ବାହାରିବା ସହିତ ଏହି ଶୋଭାଯାତ୍ରାରେ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ ମୁସଲିମ ସଂପ୍ରଦାୟରେ ଧାର୍ମିକ ବ୍ୟକ୍ତି ବିଶେଷମାନେ ଯୋଗ ଦେବେ ବୋଲି ସିରତ କମିଟି, ମୁସଲିମ ଜମାତ, ଭଦ୍ରକର ସଭାପତି ଅବଦୁଲ ମୋକିତ୍ ଖାଁ ସୂଚନା ପ୍ରଦାନ କରିଥିଲେ । ସେହିପରି ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ରୋଟାରିଆନ ତଥା ଶାନ୍ତି କମିଟିର ସଦସ୍ୟ ଅତିଶ ବେହେରା, ସମାଜ ସେବୀ ସୁଧାକର ରାଉତ, ଗୌରାଙ୍ଗ ପଣ୍ଡା, ସେକ ଉମର ଅଲ୍ଲୀ, ଏସ ଏମ ଫାରୁକ, ସେକ ମହମ୍ମଦ ଜକାଉଲ୍ଲା, ସେକ ଏନାମ ମହମ୍ମଦ, ହବିବୁଲ୍ଲା ଖାଁ, କମିଲ ଅକତର ଖାଁ, ମିର୍ଜା ଏକ୍ରାମ ବେଗ, ସେକ ରଜାଏ ରସୁଲ, ଅସରଫ ଅଲ୍ଲୀ ଖାଁ ପ୍ରମୁଖ ପ୍ରଫେଟ ମହମ୍ମଦଙ୍କ ପବିତ୍ର ଜନ୍ମ ବାର୍ଷିକ ଉତ୍ସବକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ନିମନ୍ତେ ଦିଗଦର୍ଶନ ପ୍ରଦାନ କରିଥିଲେ । ଉତ୍ସବ ପୂର୍ବରୁ ସହରରେ ରାସ୍ତାଘାଟର ମରାମତି, ଆଲୋକୀକରଣ, ପାନୀୟ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥା, ସହରରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ବେଆଇନ ମାଦକ ଦ୍ରବ୍ୟ ଉପରେ କଟକଣା, ଅଗ୍ନିଶମ ବିଭାଗ ସେବାର ସୁବିନିଯୋଗ, ଯାନ ବାହନ ଚଳାଚଳ ନିୟମ କୁ କଡାକଡି ପାଳନ କରିବା ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଡାକ୍ତରୀ ସେବା ଯୋଗାଇଦେବା ସହିତ ଆମ୍ବୁଲାନ୍ସ ସହିତ ମେଡିକାଲ ଟିମ ର ବ୍ୟବସ୍ଥା ଉପରେ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସାହିପରି ରାସ୍ତାକୁ ଆର ପାର କରି କୌଣସି ତୋରଣ କରାଯିବ ନାହିଁ, ଲାଉଡ ସ୍ପିକର ପାଇଁ ଉପଜିଲ୍ଲାପାଳ, ଭଦ୍ରକ ଓ ମାର୍ଗ ଅନୁମତିପାଇଁ ସିଟି ଡିଏସପିଙ୍କ ପାଖରୁ ଅନୁମତି ନେବେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ (ରାଜସ୍ୱ) ଧନ୍ୟବାଦ ଅର୍ପଣ କରିଥିଲେ ।

'ପୁନଃଉତ୍ପାଦନକାରୀ କୃଷି କାର୍ଯ୍ୟକ୍ରମ' ଅଧୀନରେ ବିଭିନ୍ନ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଏବଂ ବୃକ୍ଷ ରୋପଣ ଅଭିଯାନ

ଭବାନୀପାଟଣା, ୨୩।୦୮ (ଆ.ପ୍ର) : ୱେଲସ୍ପନ୍ ଫାଉଣ୍ଡେସନ୍ ଫର୍ ହେଲ୍ଥ ଆଣ୍ଡ ନଲେଜ୍ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଏବଂ ଭବାନୀପାଟଣା ବ୍ଲକର ସ୍କୁଲ ଏବଂ ଗ୍ରାମଗୁଡ଼ିକରେ ୱେଲକ୍ରିଷିର ଏକ ଉତ୍କଳ ପଦକ୍ଷେପ ବିକାଶ ମାଧ୍ୟମରେ ପ୍ରକଳ୍ପ 'ପୁନଃଉତ୍ପାଦନକାରୀ କୃଷି କାର୍ଯ୍ୟକ୍ରମ' ଅଧୀନରେ ବିଭିନ୍ନ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଏବଂ ବୃକ୍ଷ ରୋପଣ ଅଭିଯାନ ପାଳନ କରିଛି । ଏହି ଉତ୍ସବରେ ବିଭିନ୍ନ ଗାଁରେ ସ୍ୱଚ୍ଛତା ଅଭିଯାନ, ବୃକ୍ଷ ରୋପଣ, ସ୍କୁଲ ପିଲାମାନଙ୍କର ମଧ୍ୟରେ ସାମାଜିକ ଏବଂ ପରିବେଶଗତ ସମସ୍ୟା ସମ୍ପର୍କରେ ସଚେତନତା ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଏବଂ ଶିକ୍ଷକ, ଝଗଡ଼ ସଦସ୍ୟ, ପଂଚାୟତ ସଦସ୍ୟ ଏବଂ ନାଗରିକ ସମାଜ ସଦସ୍ୟ, ଡରଏକ କର୍ମଚାରୀମାନେ ଅଂଶଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ପରିଚାଳକ ସାନ୍ତନୁ କୁମାର ପତି ଶିଶୁ ଶ୍ରମିକ ସମସ୍ୟା, ପ୍ଲାଷ୍ଟିକ୍ ପ୍ରଦୂଷଣ, ଜଳ ସଂରକ୍ଷଣ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ଡରଏକ କ୍ଷେତ୍ର କର୍ମଚାରୀ ପ୍ରତାପ ବାଗ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ସମ୍ମାନିତ କରିଥିଲେ ଏବଂ ଡରଏକ କ୍ଷେତ୍ର କର୍ମଚାରୀ ପ୍ରଭାସ ନାୟକ, ପ୍ରମୋଦ ବ୍ୟାଗ, ପ୍ରେମଚାନ୍ଦ ସାହୁ, ସୁନୀଲ ସାହୁ, ଚିତ୍ରଦ୍ୱାଜ ସାହୁ, ରଥଙ୍କା ନାୟକ, ସୁସାନ୍ତ ନାଏକ ସମସ୍ତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଧାମରା ବନ୍ଦରରେ ପରିବହନ କ୍ଷେତ୍ରରେ ଅସମତା ପ୍ରସଙ୍ଗ

ଭଦ୍ରକ ଜିଲ୍ଲା ଡମ୍ପର ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ,୨୩/୦୮ (ଆ.ପ୍ର) : ଧାମରା ବନ୍ଦର କଂପାନୀ ଲିମିଟେଡ୍ ଭଳି ଏକ ବିଶାଳ କଂପାନୀ ପ୍ରକଳ୍ପ ପରିବହନ କ୍ଷେତ୍ରରେ ସ୍ଥାୟୀତ୍ୱର ଆକାଂକ୍ଷାକୁ ପୂରଣ କରିବାରେ ବିଫଳ ହୋଇଛି । ଫଳରେ ଧାମରା ବନ୍ଦରରେ ପରିବହନ ଜନିତ କର୍ମଯୋଗାଣ କ୍ଷେତ୍ରରେ ବିପର୍ଯ୍ୟସ୍ତ ଦେଖାଦେଇଛି ବୋଲି ଭଦ୍ରକ ଜିଲା ଟିପର /ଡମ୍ପର ମାଲିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଛି । ବିଶେଷକରି ପରିବହନ ସାମଗ୍ରୀର ତୁରନ୍ତ ପୁନଃ ବଂଟନ ପାଇଁ ନିର୍ଦ୍ଦେଶ ଦେବାକୁ ଆଜି ଭଦ୍ରକ ଟିପର(ଡମ୍ପର) ମାଲିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଧାମରା ବନ୍ଦରର ଏଭଳି ନୀତି ଯୋଗୁଁ ଭଦ୍ରକର ଅଧିକାଂଶ ଟିପର ମାଲିକମାନେ ସମ୍ମୁଖୀନ ହେଉଥିବା ଗୁରୁତର ଆର୍ଥିକ ସଂକଟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଯାହା ଜଣାଯାଏ ଧାମରା ବନ୍ଦର ନିର୍ମାଣ କ୍ଷେତ୍ରରେ ବନ୍ଦରର ପ୍ରତିଷ୍ଠା ସହିତ ମୁଖ୍ୟତଃ ପରିବହନକୁ ବୃଦ୍ଧି କରିବା ଏବଂ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରି ବେକାରୀ ସମସ୍ୟା ଦୂରୀକରଣ ପାଇଁ ଆଶା ପୋଷଣ କରାଯାଇଥିଲା । କିନ୍ତୁ ତାହା ଏବେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ସେମାନଙ୍କ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି । ଜିଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗ ମୁତାବକ ୨୦୧୦ ରେ ଧାମରା ବନ୍ଦର କାର୍ଯ୍ୟକ୍ଷମ ହେବା ପରଠାରୁ ଭଦ୍ରକରେ ଟିପର/ ଡମ୍ପର/ଟ୍ରକ୍ ସଂଖ୍ୟାରେ ନିରନ୍ତର ବୃଦ୍ଧି ଘଟିଛି । ଫଳରେ ଆଶା କରାଯାଉଛି ଯେ ସେମାନେ କାର୍ଗୋ ପରିଚାଳନାରେ ମାଲ୍ ପରିବହନ କ୍ଷେତ୍ରରେ ନିୟୋଜିତ ହେବେ । ଗତ କିଛିବର୍ଷ ମଧ୍ୟରେ ପରିବହନ କାର୍ଯ୍ୟର ୬୦ ପ୍ରତିଶତରୁ ଅଧିକ ୨ଟି ସ୍ଥାନୀୟ ସଂଘକୁ ବଂଟନ କରାଯାଇଥିବାବେଳେ ଅବଶିଷ୍ଟ ଅଂଶ ଦୁଇଟି ସ୍ଥାନୀୟ ସଂଘକୁ ଦିଆଯାଇଛି । ଯେତେବେଳେକି ବଳକା ଅଂଶ ହାତେଇ ନେଉଥିବା କିଛି ମୁଷ୍ଟିମେୟ ଅନ୍ୟ ସଂଘ ତାହାକୁ ଅକ୍ତିଆର କରିନେଉଛନ୍ତି । ଏହି ଏକପାଖିଆ ବ୍ୟବସ୍ଥା ଜିଲାର ଆଶାୟୀ ଓ ଆକାଂକ୍ଷୀ ଟିପର ମାଲିକଙ୍କ ମଧ୍ୟରେ ଘୋର ନିରାଶ ସୃଷ୍ଟି କରିଛି । ଯାହା ଜଣାଯାଏ ଜିଲା ପ୍ରଶାସନ କିମ୍ବା ବନ୍ଦର ପରିଚାଳନା କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଅଭାବରୁ କିଛି ସ୍ଥାନୀୟ ଅପରେଟର କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ଯେତେବେଳେ ପ୍ରକୃତ ଟିପର ମାଲିକମାନେ ସେମାନଙ୍କ ନ୍ୟାର୍ଯ୍ୟ ଜୀବିକାରୁ ବଂଚିତ ହେଉଛନ୍ତି । ଭଦ୍ରକର ୭ଟି ବ୍ଲକ୍‌ରେ ସ୍ଥାନୀୟ

ବାସିନ୍ଦାଙ୍କ ମାଲିକାନାରେ ଥିବା ପ୍ରାୟ ୬ ଶହ ଟିପର ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ ଧାମନଗର, ଭଣ୍ଡାରିପୋଖରୀ, ଭଦ୍ରକ, ବନ୍ତ, ତିହିଡି ଓ ବାସୁଦେବପୁର ଭଳି ଅଂଚଳର ଅଟେ । ଧାମରା ଏବଂ ତତ୍‌ସଂଲଗ୍ନ ୮ଟି ପଂଚାୟତର ଲୋକଙ୍କ ପାଖରେ କେବଳ ଅଳ୍ପ ସଂଖ୍ୟକ ଯାନବାହନ ରହିଛି । ଏହି ସଂଖ୍ୟାକୁ ଦୃଷ୍ଟିରେ ରଖି ଧାମରା ଭିତିକ ମାଲିକମାନଙ୍କୁ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ କାର୍ଯ୍ୟ ନିୟନ୍ତ୍ରଣ କରିବାକୁ ଅନୁମତି ଦିଆଯାଇଛି । ଯାହା ପାତରଅନ୍ତର ନୀତିର ଏକ ଜ୍ୱଳନ୍ତ ଉଦାହରଣ । ଟିପର ଓ ଟ୍ରକ୍ ସମେତ ସବୁଠାରୁ ପୁରୁଣା ପରିବହନ ସଂସ୍ଥା ଭଦ୍ରକ ଜିଲା ଟିପର (ଡମ୍ପର) ମାଲିକ ସଂଘ ସହିତ ଜଡିତ ଲୋକଙ୍କ ମଧ୍ୟରେ ଏହା ବିଶ୍ୱାସ ଘାତକତାର ଏକ ଦୃଢ ଭାବନା ସୃଷ୍ଟି କରିଛି । ପ୍ରତିଯୋଗିତା ମୂଳକ ଆର୍ଥିକ ପରିସ୍ଥିତିରେ ସେମାନଙ୍କର ଜୀବିକା ନିର୍ବାହ ପାଇଁ ପ୍ରକୃତ ଟିପରମାଲିକମାନେ ଧାମରା ବନ୍ଦରରେ ଚାଲୁଥିବା କନସାଇନ୍‌ମେଂଟରେ ସେମାନଙ୍କର ବୈଧ ଅଂଶ ଖୋଜନ୍ତି । ତେଣୁ ଧାମରା ବନ୍ଦରରେ କନସାଇନମେଂଟ ଏବଂ ସୁଯୋଗ ଗୁଡିକର ସଂପୂର୍ଣ୍ଣ ପୁନଃ ବଂଟନ ଓ ବିଭିନ୍ନ ସଂଘ ମଧ୍ୟରେ ଲୋଡିଂ ପରିମାଣର ନ୍ୟାୟ ସଂଗତ ବଂଟନ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱାଧୀନ ସଂସ୍ଥା ଗଠନ କରିବାକୁ ଏହି ସଂଘ ଜିଲାପାଳଙ୍କ ନିକଟରେ ଦାବି କରିଛି । ବିଶେଷକରି ଏଭଳି ସମାଧାନ ଜନିତ ପରିସ୍ଥିତିର କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାନଗଲେ ଆଗାମୀ ଦିନରେ ଏକ ବଡ ଧରଣର ପ୍ରତିବାଦର ସ୍ୱର ଉଠିବା ପୂର୍ବରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଜିଲାପାଳ ସମୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ସାଧାରଣ ସଂପାଦକ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ହେମନ୍ତ ନାୟକ, ସୌମ୍ୟରଂଜନ ବାରିକ, ରଜତ ପତି, ନନ୍ଦିଘୋଷ ବେହେରା, ଓମ୍‌ପ୍ରକାଶ ନାୟକ, ଡାଲଧନ ବେହେରା, ବଳରାମ ପଣ୍ଡା, ଅଶୋକ କୁମାର ବାରିକ, ପ୍ରଫୁଲ୍ଲ ମୁଣ୍ଡି, ସୁନନ୍ଦ ଦାସ, ସାଜନ ସେନାପତି, ଅମ୍ଳାନ ଜ୍ୟୋତି ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ, ରାକେଶ ଦାସ, ଚନ୍ଦନ ନାୟକ, ହରିଶ ଦାସ, ନାରାୟଣ ମିଶ୍ର ପ୍ରମୁଖ ଅନୁରୋଧ କରିଛନ୍ତି ।

ସୁବର୍ଣ୍ଣ ରେଖା ନଦୀରୁ ବେଆଇନ୍ ବାଲି ଚାଲାଣ
କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଜଣାଇଲେ ପଂଚାୟତବାସୀ

ବାଲିଆପାଳ, ୨୩/୦୮ (ଆ.ପ୍ର) : ସବର୍ଣ୍ଣ ରେଖା ନଦୀରୁ ଏବେ ଟ୍ରକ୍, ଟ୍ରାକ୍ଟର, ଜେସିବି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି । ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୁଖ୍ୟତଃ ସବର୍ଣ୍ଣ ରେଖା ଦ୍ୱିତୀୟ ସେତୁ ନିକଟ ଜଳେଶ୍ୱର ତହସିଲ୍ ଅଧିନ କଂଟାପାଳ ବାଲି ଖାଦାନ ଓ ବାଲିଆପାଳ ତହସିଲ୍ ଅଧିନ ଅଷ୍ଟି ପଂଚାୟତର ବଢାପାଳ, ଚଡ ବଢ଼ାପାଳ, ଅଷ୍ଟି ଗାଁଠଟ ନଦୀରୁ ଦୈନନ୍ଦିନ ଶତାଧିକ ଟ୍ରକ୍ ଓ ଟ୍ରେକର ଯୋଗେ ବାଲି ଚୋରା ଚାଲାଣ ହେଉଛି । ରାତିରେ ଏହି ସବୁ ବେଆଇନ୍ କାର୍ଯ୍ୟ ହେଉଛି । କିଛି ମୁଷ୍ଟି ମେୟ ଲୋକ ଉଭୟେ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ହାତ କରି ଏହି କାରବାର କରୁଛନ୍ତି । ପ୍ରଶାସନର କେତେକ ତଳିଆ କର୍ମଚାରୀ ମାସିକିଆ ବଟି ନେଇ ଚୁପ୍ ରହୁଛନ୍ତି । କେତେକ ସମ୍ବାଦ ଦାତା ମଧ୍ୟ ବାଲି ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି । କେତେକ ନିଜକୁ ପୁଲିସ, ଆର୍ ଆଇ, ସାମ୍ବାଦିକ ଆଦି ପରିଚୟ ଦେଇ ମଧ୍ୟ ଚାନ୍ଦା ଆଦାୟ କରୁଛନ୍ତି । ଏହି ସବୁ ନକଲି ସାମ୍ବାଦିକ, ପୁଲିସ୍, ଆର୍ ଆଇଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଫଳରେ ସେମାନଙ୍କ ବେଆଇନ୍ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇ ବାରେ ଲାଗିଛି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଶୁକ୍ରବାର ଅଷ୍ଟି ଗ୍ରାମ ପଂଚାୟତ ସଧାରଣ ଲୋକ ଦୃଢ଼ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ଦୁଇ ବାଲି ଖାଦାନ ନିଲାମକୁ ନେଇ ପ୍ରଶାସନର ଟାଳ ଟୁଳ ନୀତି ଚୋରା ବାଲି ଚାଲାଣ କାରୀକୁ ଖୁବ୍ ସୁହାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବାଲି ଖାଦାନ ନିଲାମ ହେଲେ ଚୋରି ଅନେକାଂଶରେ ରୋକା ଯାଇ ପାରନ୍ତା । ମାତ୍ର ଦୀର୍ଘଦିନ ଧରି ଦୁଇ ଖାଦାନର ନିଲାମ ବନ୍ଦ ରହିଛି । ନିର୍ଦ୍ଦିଷ୍ଟ ସମୟରେ ବାଲିଖାଦାନ ନିଲାମ ହେଲେ ଚୋରା ଚାଲାଣ ହୁଅନ୍ତା ନାହିଁ । କିନ୍ତୁ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ୭/୮ ବର୍ଷ ହେବ ଖାଦାନ ନିଲାମ ହୋଇ ପାରୁ ନାହିଁ । ଏଥି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି । ଏଥି ଯୋଗୁଁ ବାଲି ମାଫିଆମାନେ ମାଲେ ମାଲ ହେଉଛନ୍ତି । ଉଚ୍ଚ ନ୍ୟାୟାଳୟ ସକାଳ ୭ଟାରୁ ରାତି ୯ଟା ମଧ୍ୟରେ ବାଲି ଚାଲାଣ ହୋଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଆଇନ୍‌କୁ କେହି ମାନୁ ନାହାଁନ୍ତି । ଅନେକ ସମୟରେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି, ଥାନାରେ ମିଥ୍ୟା ମୋକର୍ଦ୍ଦୋମା ପର୍ଯ୍ୟନ୍ତ କଥା ଯାଉଛି । ଘର ତିଆରି ପାଇଁ ବାଲି ଜରୁରୀ ଆବଶ୍ୟକ ପଦାର୍ଥ ହୋଇ ଥିବାରୁ ସରକାର ଏଥିପାଇଁ କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍ । ଅନ୍ୟ ପକ୍ଷରେ ସବର୍ଣ୍ଣ ରେଖା ସେତୁର ଉଭୟେ ପାର୍ଶ୍ୱରେ ଦୁଇ ଖାଦାନ ଥିବାରୁ ସେତୁଟି ଧୀରେ ଧୀରେ ଦୁର୍ବଳ ହେଉଛି । ରାଜୀବ ଜେନା, ବନମାଳି ମାହାଳିକ, ରାଧା କୃଷ୍ଣ ଜେନା, ରବୀନ୍ଦ୍ର ନାଥ ଦାସ, ବେଣୁଧର ଦାସ, ସନ୍ତୋଷ କୁମାର ପ୍ରଧାନ, ପଙ୍କଜିନୀ ଦାସ, ପ୍ରଶାନ୍ତ କୁମାର ଜେନା, କମଳାକାନ୍ତ ପାତ୍ର, ସଞ୍ଜୟ କୁମାର ଦାସ, ହରେକୃଷ୍ଣ ଜେନା, ଭାନୁ ଚରଣ ଜେନା, ସଞ୍ଜୟ କୁମାରପରିଡା ପ୍ରମୁଖ ଶତାଧିକ ପଂଚାୟତ ବାସୀ ଚୋରା ବାଲି ଉତୋଳନକୁ ତୀବ୍ର ବିରୋଧ କରିଛନ୍ତି ।

ସ୍ୱାସ୍ଥ୍ୟ ଶିବିରରେ ଏକ୍ସପାଏରୀ ମେଡିସିନ ବଂଟନ

କଳାହାଣ୍ଡି, ୨୩/୦୮ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଧାମନପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିରରେ ଏକ୍ସପ୍ୟାରୀ ମେଡ଼ିସିନ ଦେଇଥିବା ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ଉକ୍ତ ସ୍ୱାସ୍ଥ୍ୟ ଶିବିରଟି କେଗାଁ କେନ୍ଦୁ ପତ୍ର ରେଞ୍ଜ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଚିକିତ୍ସାଳୟରୁ ଡାକ୍ତରମାନେ ଆସି ଚିକିତ୍ସା କରୁଥିଲେ । ଚିକିତ୍ସା ପରେ ସୁପତି କାଣ୍ଡ ନାମକ ଜଣେ ବୃଦ୍ଧାଲୋକଙ୍କୁ କ୍ୟାଲସିୟମ ସିରପ ଦେଇଥିଲେ । ହେଲେ ସେହି ସିରପର ଅବଧି ଗତ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଥିଲା । ଅନେକ ଲୋକଙ୍କୁ ଏକ୍ସପ୍ୟାରୀ ମେଡ଼ିସିନ ଦେଇଥିବା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଡାକ୍ତର ମାନେ ଯଦି ଏପରି ମେଡ଼ିସିନ ନିରୀହ ଲୋକମାନଙ୍କୁ ଦେବା ନିରୀହ ଲୋକଙ୍କ ଜୀବନ ଉପରେ ଖେଳ ଖେଳୁଛନ୍ତି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏ ନେଇ ଚପରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରବିନ୍ଦ ଦାସଙ୍କୁ ଫୋନ ଯୋଗେ ପଚାରିବାରୁ ସେହି ମେଡ଼ିସିନ ଗୁଡିକ ଚପରିଆ ଡକାରଖାନାରୁ ଯାଇ ନାହିଁ । ତାହା ଜିଲ୍ଲା ଚିକିତ୍ସାଳୟରୁ ଡାକ୍ତର ବିଜୟ ପଣ୍ଡା ମେଡ଼ିସିନ ଆଣି ଦେଇଥିଲେ ବୋଲି ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଆକର୍ଷଣ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି ।

ଝାଡେଶ୍ୱରପୁର ଗ୍ରାମକୁ ନୂତନ ପଂଚାୟତ ଭାବେ ଘୋଷଣା କରିବାକୁ ଉଠିଲା ଦାବି

ମାହାଙ୍ଗା, ୨୩/୦୮ (ଆ.ପ୍ର) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର ଗ୍ରାମକୁ ନୂତନ ପଂଚାୟତର ମାନ୍ୟତା ଦେବାଲାଗି ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ଝାଡେଶ୍ୱରପୁର ଗ୍ରାମର ଲୋକସଂଖ୍ୟାଠାରୁ କମ୍ ଲୋକସଂଖ୍ୟା ଥାଇ ମାହାଙ୍ଗା ବ୍ଲକରେ ବିଗତ ଦିନରେ ନୂତନ ପଂଚାୟତ ଗଠନ କରାଯାଇଥିଲା । ୨୦୨୧ ଜନଗଣନା ଅନୁଯାୟୀ ଏହି ଗ୍ରାମର ଲୋକସଂଖ୍ୟା ୩୩୬୫ ରହିଥିଲା ବେଳେ ୧୭୧୪ ଜଣ ପୁରୁଷ ଏବଂ ୧୬୫୧ ଜଣ ମହିଳା ରହିଥିବା ଜଣାପଡିଛି । ବର୍ତ୍ତମାନ ଝାଡେଶ୍ୱରପୁର ଗ୍ରାମ ଭଦ୍ରେଶ୍ୱର ପଂଚାୟତ ଅଧିନରେ ରହିଛି । ଏହି ଗ୍ରାମରେ ୮ଟି ୱାର୍ଡ ଥିଲା ବେଳେ ଗୋଟିଏ ଗୋଟିଏ ୱାର୍ଡର ଜନସଂଖ୍ୟା ଅଧିକ ରହିଛି । ୱାର୍ଡକୁ ଭାଙ୍ଗିଲେ ଝାଡେଶ୍ୱରପୁର ଗ୍ରାମରେ ୧୦/୧୨ ଟି ୱାର୍ଡ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି । ଏପରିକି ନୂତନ ଜନଗଣନା କରାଗଲେ ଏହାର ଜନସଂଖ୍ୟା ୪ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି । ରାଜ୍ୟ ସରକାର ଏବେ ନୂତନ ପଂଚାୟତ ଗଠନ ପାଇଁ ଗୁରୁତ୍ୱ ଦେଉଛନ୍ତି । ଏଣୁ ଭଦ୍ରେଶ୍ୱରକୁ ବ୍ଲକର ମାନ୍ୟତା ପ୍ରଦାନ କରାଯିବା ସହିତ ଝାଡେଶ୍ୱରପୁର ଗ୍ରାମକୁ ଏକ ପଂଚାୟତ ରୂପେ ଘୋଷଣା କରିବାକୁ ସାଧାରଣରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି ।

ଝୋଟେଶ୍ୱର ମନ୍ଦୀରର ମୁଖ୍ୟ ପୂଜକଙ୍କ ଦେହାନ୍ତ

ଟାଙ୍ଗୀ ଚୌଦ୍ୱାର,୨୩/୦୮ (ଆ.ପ୍ର) : ଚୌଦ୍ୱାରର ଅଷ୍ଟଶମ୍ଭୁ ମନ୍ଦିରରେ ଆସୁଥିବା ମୁଣ୍ଡମାଳ ସ୍ଥିତ ଝୋଟେଶ୍ୱର ମନ୍ଦୀରର ମୁଖ୍ୟ ପୂଜକ ବାବାଜୀ ଶତପଥୀ(୭୦)ଙ୍କ ହୃଦଘାତରେ ମଙ୍ଗଳବାର ଦେହାନ୍ତ ହୋଇଛି । ସେ ମଣ୍ଡମାଳ ଗ୍ରାମର ବ୍ରାହ୍ମଣ ସାହିରେ ସପରିବାରଙ୍କ ସହ ରହୁଥିଲେ । ମଙ୍ଗଳବାର ରାତିରେ ଶୋଇଥିବା ବେଳେ ଛାତିରେ ହଠାତ ଯନ୍ତ୍ରଣା ଅନୁଭବ କରିଥଲେ । ପାରିବାର ଲୋକେ ଆମ୍ବୁଲାନ୍ସ ସହାୟତାରେ ଚିକିତ୍ସା ପାଇଁ କଟକ ବଡ ମେଡିକାଲ ନେଇଯାଇଥିଲେ । ସେଠାରେ ଚିକିତ୍ସିତ ଅବସ୍ଥାରେ ରାତି ପ୍ରାୟ ୨ଟାରେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ବୁଧବାର ତାଙ୍କର ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରାଇ ସ୍ଥାନୀୟ ଶ୍ମଶାନରେ ସତ୍କାର କରାଯାଇଥିଲା । ବଡ ପୁଅ ଚିତ ରଞ୍ଜନ ଶତପଥୀ ମୁଖାଗ୍ନି ଦେଇଥିବା ବେଳେ ଗ୍ରାମ ମୁରବୀ କାଳନ୍ଦୀ ରାଉତ, ହୃଦାନନ୍ଦ ମହାନ୍ତି, ରବିନ୍ଦ୍ର କର, ପୁଅ କୁଳମଣି ଶତପଥୀ, ମାନସ ଶତପଥୀ, ପୁତୁରା ରାମଚନ୍ଦ୍ର ଶତପଥୀ ସମେତ ଦୁଇ ଝିଅ ଶେଷ ଦର୍ଶନ କରିଥିଲେ ।

ରାଉରକେଲାରେ ସାଲେମ୍ ଷ୍ଟେନଲେସ୍ ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ

ରାଉରକେଲା, ୨୩/୦୮ (ଆ.ପ୍ର) : ଓଡିଶାରେ ପ୍ରଥମ ଥର ପାଇଁ, ସେଲ ସାଲେମ୍ ଷ୍ଟିଲ୍ ପ୍ଲାଂଟ, ରାଜ୍ୟରେ ଷ୍ଟେନଲେସ୍ ଷ୍ଟିଲ୍ ଘରୋଇ ଉତ୍ପାଦ ବିକ୍ରି ପାଇଁ ଏହାର ପ୍ରଥମ ଖୁଚୁରା ଆଉଟଲେଟ୍, 'ସାଲେମ୍ ଷ୍ଟେନଲେସ୍ ସପ୍' ଶୁଭାରମ୍ଭ କରିଛି । ରାଉରକେଲାର ଆମ୍ବାଗାନ୍‌ର ଇସ୍ପାତ ସେଂଟ୍ରାଲ୍ ମାର୍କେଟ୍ ନିକଟରେ ଅବସ୍ଥିତ ଏହି ଆଉଟଲେଟ୍‌କୁ ଅଗଷ୍ଟ ୨୨ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧକ୍ଷା ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ, ସାଲେମ ଷ୍ଟିଲ ପ୍ଲାଂଟର ସିଜିଏମ ଅପରେସନ ଟି ପି ଶିବଶଙ୍କର, ବିତ ଓ ଲେଖା ବିଭାଗର ସିଜିଏମ ରାକେଶ ଦାସଗୁପ୍ତା, ଦୀପିକା ମହିଳା ସଂଘତିର ଉପାଧକ୍ଷା ପ୍ରଭାତୀ ମିଶ୍ର, ଗୀତା ରାଣୀ, ବନ୍ଦନା ସିଂହ, ଏବଂ କାରଖାନାର ଅନେକ ବରିଷ୍ଠ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଆଉଟଲେଟ୍ ଓଡ଼ିଶାରେ ପ୍ରଥମ ଥର ପାଇଁ ଖୋଲାଯାଇଛି, ଯାହା ସେଲ୍‌ର ସାଲେମ୍ ଷ୍ଟିଲ୍ ପ୍ଲାଂଟର ଐତିହ୍ୟକୁ ସିଧାସଳଖ ଗ୍ରାହକମାନଙ୍କ ନିକଟରେ ପହଂଚାଉଛି, ଯାହା ଜନସାଧାରଣଙ୍କୁ ଉଚ୍ଚମାନର, ବିଶ୍ୱସ୍ତ ଏବଂ ପରିବେଶ ଅନୁକୂଳ ଉତ୍ପାଦ ପ୍ରଦାନ କରିବା ପାଇଁ ସେଲ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି । ସାଲେମ୍ ଷ୍ଟେନଲେସ୍ ସପ୍ ଏହାର '୩୦୪ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲ୍' ପାଇଁ ଜଣାଶୁଣା ବିଭିନ୍ନ ଉତ୍ପାଦ ଉପଲବ୍ଧ କରୁଛି, ଯାହା ଦୀର୍ଘସ୍ଥାୟୀ, ସୁନ୍ଦର ଡିଜାଇନ୍ ଗୁଣଗୁଡ଼ିକ ପାଇଁ ପରିଚିତ ଅଟେ । ଏହି ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ ଅବସରରେ ସାଲେମ୍ ଷ୍ଟେନଲେସ୍ ସପ୍ ଏହାର ସମସ୍ତ ଉତ୍ପାଦ ଉପରେ ପ୍ରାରମ୍ଭିକ ୨୫% ରିହାତି ପ୍ରଦାନ କରୁଛି, ଯାହା ବାସିନ୍ଦାମାନଙ୍କୁ ଏକ ବିଶେଷ ମୂଲ୍ୟରେ ଉଚ୍ଚମାନର ଷ୍ଟେନଲେସ୍ ଷ୍ଟିଲ୍ ବାସନକୁସନ ଏବଂ ଘରୋଇ ସାମଗ୍ରୀ କିଣିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରୁଛି । ସେଲ୍‌ର ଯେକୌଣସି ଷ୍ଟିଲ୍ ସିଟିରେ ଖୋଲାଯାଇଥିବା ଏହି ବିକ୍ରୟ କେନ୍ଦ୍ର, ଓଡ଼ିଶାରେ ସେଲ୍‌ର ଖୁଚୁରା ଉପସ୍ଥିତିକୁ ବିସ୍ତାର କରିବା, ସମାଜକୁ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଘରୋଇ ସମାଧାନ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ସାହିତ୍ୟ ଏକାଡେମୀର ସଚିବ କେ ଶ୍ରୀନିବାସରାଓଙ୍କୁ ବାବୁ ଗଙ୍ଗାଶରଣ ସିଂହ ପୁରସ୍କାର

ପାଟନା, ୨୩/୦୮ (ଆ.ପ୍ର) : କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓଙ୍କୁ ଆଜି ବିହାର ସରକାରଙ୍କ ମନ୍ତ୍ରୀମଣ୍ଡଳ ସଚିବାଳୟ (ରାଜଭାଷା) ବିଭାଗ ତରଫରୁ ବାବୁ ଗଙ୍ଗାଶରଣ ସିଂହ ପୁରସ୍କାରରେ ସମ୍ମାନିତ କରାଯାଇଛି । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପାଟନା ସଚିବାଳୟର ସମ୍ବାଦ ଭବନରେ ଏହି ପୁରସ୍କାର ପ୍ରଦାନ କରିଥିଲେ । ହିନ୍ଦୀ ସେବା ସମ୍ମାନ ଏବଂ ପୁରସ୍କାର ଯୋଜନା ୨୦୨୩-୨୪ ବର୍ଗରେ ଡକ୍ଟର ରାଓଙ୍କୁ ଏହା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ବିଶିଷ୍ଟ ବିଦ୍ୱାନ ତଥା ପ୍ରଶାସକ ଡକ୍ଟର ରାଓ ଇଂରାଜୀ ସାହିତ୍ୟରେ ସ୍ନାତକୋତର ଏବଂ ପିଏଚଡି ତଥା ଛତିଶଗଡ଼ର ସନ୍ଦିବ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡି.ଲିଟ୍ ଡିଗ୍ରୀ ଲାଭ କରିଛନ୍ତି । ସେ ବହୁ ଅନ୍ତର୍ଜାତୀୟ ମଂଚରେ ଲେଖକ ଗୋଷ୍ଠୀଙ୍କ ପ୍ରତିନିଧିତ୍ୱ କରିବା ପୂର୍ବକ ୨୦ରୁ ଅଧିକ ଦେଶରେ ଆୟୋଜିତ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି

କ୍ଷ ସେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏବଂ ଜାତୀୟ ଅନୁଷ୍ଠାନର ସଦସ୍ୟ ଅଛନ୍ତି । ତାଙ୍କ ଦ୍ୱାରା ପ୍ରକାଶିତ ଉଲ୍ଲେଖଯୋଗ୍ୟ ପୁସ୍ତକଗୁଡ଼ିକ ହେଉଛି:- ମିଥସ, ପ୍ଲେଜ ଏଣ୍ଡ ଗିରିଶ କର୍ଣ୍ଣାଡ, ଭାରତୀୟ ସାହିତ୍ୟ ଓ ସଂସ୍କୃତି, ଇଣ୍ଡିଆନ ଷ୍ଟୋରିଜ, ଭିତାସ୍ତା: ୟୁନାଇଟିଙ୍ଗ କଲଚର ଇତ୍ୟାଦି । ସେ ଦିଲ୍ଲୀ ତେଲୁଗୁ ଏକାଡେମୀ ପୁରସ୍କାର, କିନ୍ନରା ଉଗାଦି ପୁରସ୍କାର, ଭାରତୀୟ ବାଙ୍ମୟ ପୀଠ ପୁରସ୍କାର, ନନ୍ଦୀ ସେବା ଟ୍ରଷ୍ଟର ସୃଜନ ଶିଖର ସମ୍ମାନ, ଦିଲ୍ଲୀ ହିନ୍ଦୀ ଏକାଡେମୀର ହିନ୍ଦୀ ସେବା ସମ୍ମାନ, ଜୀ ନ୍ୟୁଜର 'ଶିକ୍ଷା ଜନକ୍ଲେଭ ୨୦୨୫' ରେ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ସ୍ୱତନ୍ତ୍ର ପୁରସ୍କାର, ଆନ୍ଧ୍ର ପ୍ରଦେଶ ସରକାରଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନ କଳା ରତ୍ନ ପୁରସ୍କାର ଇତ୍ୟାଦି ବହୁ ପୁରସ୍କାର ଲାଭ କରିଛନ୍ତି । ବିଶ୍ୱର ସର୍ବବୃହତ୍ ସାହିତ୍ୟ ମହୋତ୍ସବ ଭାବେ ମାର୍ଚ୍ଚ ୨୦୨୪ରେ ଅନୁଷ୍ଠିତ ସାହିତ୍ୟ ଏକାଡେମୀର ସାହିତ୍ୟ ଉତ୍ସବ ପାଇଁ ବୁକାଇର ଆଇନଷ୍ଟାଇନ ୱାର୍ଲ୍ଡ ରେକର୍ଡସ୍ ଦ୍ୱାରା ବିଶ୍ୱ ରେକର୍ଡର ପ୍ରମାଣପତ୍ର ସେ ପାଇଛନ୍ତି ।

ଜଳସେଚନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଅବସର, ବିଦାୟ ସମ୍ବର୍ଦ୍ଧନା

ମାହାଙ୍ଗା, ୨୩/୦୮ (ଆ.ପ୍ର) : ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଂଚାୟତର ପୁରୁଂଶ ଜଳସେଚନ ବିଭାଗରେ କାର୍ଯ୍ୟରତ ଥିବା କନିଷ୍ଠ ବିଭାଗୀୟ କର୍ମଚାରୀ (କନିଷ୍ଠ ପେଟ୍ରୋଲ) ହରିଚନ୍ଦନ ସେନାପତିଙ୍କ ଚାକିରି ଅବସର ଗ୍ରହଣ ଅବସରରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ସେ ପୂର୍ବରୁ କେନ୍ଦ୍ରାପଡ଼ା ଡିଭିଜନର ଛତା ସେକାସନ୍‌ରେ ଅନେକ ସମୟ ଧରି ଜଣେ କର୍ତ୍ତବ୍ୟବାନ୍ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ସେ ଜଣେ ଦାୟିତ୍ୱବାନ କର୍ମଚାରୀ ଭାବରେ ସମ୍ପୂର୍ଣ୍ଣ ଅଂଚଳ ରେ ପରିଚିତ । ତାଙ୍କର ଏହି ଅବସର ପ୍ରାପ୍ତ ସମ୍ବର୍ଦ୍ଧନା ରେ ମୁଖ୍ୟ ଆୟୋଜକ ଭାବେ (ସହକାରୀ ଯନ୍ତ୍ରୀ) ଇଞ୍ଜିନିୟର ପ୍ରମୋଦ କୁମାର ସାହୁ ଏବଂ ମୁଖ୍ୟ ପରିଚାଳକ(ପେଟ୍ରୋଲ) ପ୍ରଶାନ୍ତ କୁମାର ବେହେରା, ସୋମନାଥ ପ୍ରଧାନ ଏବଂ ଉପସ୍ଥିତ ପୁରୁଂଶ ସେକସନ୍‌ର କର୍ମଚାରୀ ଶରତ ଚନ୍ଦ୍ର ଶତପଥୀ, ଗଜେନ୍ଦ୍ର କୁମାର ଦାସ(ଖଲାସୀ), ସୁଧାକର ଦାସ, ପ୍ରାଣକୃଷ୍ଣ ସାହୁ, ଶୁକଦେବ ସାହୁ ଏବଂ ସ୍ଥାନୀୟ ସୁକରପଡ଼ାର ପୂର୍ବତନ ସରପଂଚ ମୃତ୍ୟୁଞ୍ଜୟ ସ୍ୱାଇଁ ଏବଂ ସମସ୍ତ କର୍ମଚାରୀ ଉକ୍ତ ବିଦାୟ କାଳୀନ ସମ୍ବର୍ଦ୍ଧନା ରେ ପୁରୁଂଶ କାର୍ଯ୍ୟାଳୟ ପରିସରରେ ଯୋଗ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ରାଜ୍ୟ ୱାକଫ ବୋର୍ଡ ପକ୍ଷରୁ ଭବାନୀପାଟଣା ଜାମା ମସଜିଦ ପରିଚାଳନା କମିଟି ସଭାପତି ଓ ସଂପାଦକ ଭୋଟ୍ ବ୍ୟାଲଟ ପେପର ଜରିଆରେ

କଳାହାଣ୍ଡି, ୨୩/୦୮ (ଆ.ପ୍ର) : ଓଡ଼ିଶା ଇତିହାସ ରେ ରାଜ୍ୟ ୱାକଫ ବୋର୍ଡ ତରଫରୁ ପ୍ରଥମ ଥର ପାଇଁ ବାଲେଟ ପେପର ଜରିଆରେ ମସଜିଦ ପରିଚାଳନା କମିଟିର ସଭାପତି ଏବଂ ସମ୍ପାଦକ ପଦ ପାଇଁ ନିର୍ବାଚନ କରେଇ ଇତିହାସ ସୃଷ୍ଟି କରିଛନ୍ତି । ଓଡିଶାର ମୁସଲିମ ସମ୍ପ୍ରଦାୟର ଅନ୍ୟତମ ସୁନାମଧନ୍ୟ ବ୍ୟକ୍ତିତ୍ୱ ଆୟୁବ ଅଲ୍ଲୀ ଖାଁ (ସାବାନ ଭାଇ) ସଭାପତି ୫୭ ଭୋଟ ଅଧିକ ପାଇ ବିଜୟୀ ହୋଇ ଥିବା ବେଳେ ହାଜି ହନିଫ ଖାଁ ୧୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ଦୀର୍ଘ ନଅ ବର୍ଷ ଧରି ୱାକଫ ବୋର୍ଡ ଅଧୀନ ରେ ଥିବା ଏହି ଜାମା ମସଜିଦର ନିର୍ବାଚନ ହୋଇ ନ ଥିବା ଓ ନିରପେକ୍ଷ ନିର୍ବାଚନ ପାଇଁ ବ୍ୟାଲଟ ପେପର ଜରିଆରେ ଭୋଟ ଗ୍ରହଣ ନିଷ୍ପତି ଯୋଗୁଁ ଭବାନୀ ପାଟଣା ମୁସଲିମ ଜାମାତ ତରଫରୁ ଉତ୍ସାହ ବୃଦ୍ଧି ପାଇ ଥିଲା । ଦିନ ୧୦ ଘଂଟା ଠାରୁ ସଂଧ୍ୟା ୬, ୩୦ ପର୍ଯ୍ୟନ୍ତ ଭୋଟ ସହ ୱାକଫ ବୋର୍ଡ ପକ୍ଷରୁ ତିନି ଜଣିଆ ପର୍ଯ୍ୟବେକ୍ଷକ ମାନଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇ ଥିଲା । ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ ସହ ଟାଉନଥାନା ଅଧିକାରୀ ଯଶୋବନ୍ତ କୁମାର ହିଆଲ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ରଖି ଥିଲେ । ଉଭୟଙ୍କୁ ମୁସଲିମ ପିସ ଫୋରମ୍ (କଳାହାଣ୍ଡି)ର ସଭାପତି ଜନାବ ମହମ୍ମଦ ଅଲ୍ଲୀ ଖାଁଙ୍କ ସମେତ ଜିଲ୍ଲାର ଅନେକ ବୁଦ୍ଧିଜୀବୀ, ସଂଗଠନ ଏବଂ ଅନୁଷ୍ଠାନ ଅଭିନନ୍ଦନ ଜଣାଇ ଥିଲେ । ରାଜ୍ୟର ଅନ୍ୟତମ ସୁପରିଚିତ ବ୍ୟକ୍ତିତ୍ୱ ସାବାନଭାଇ ନିଜ ପ୍ରତିକ୍ରିୟାରେରେ କଳାହାଣ୍ଡିର ସଂସ୍କୃତି, ଐତିହ, ପରମ୍ପରାକୁ ବଜାୟ ରଖି ସମସ୍ତଙ୍କ ସହିତ ମହାନ ଭାଇଚାରାକୁ ବଜାୟ ରଖି ଜିଲ୍ଲା ତଥା ସହରର ଉନ୍ନତି, ସମୃଦ୍ଧି, ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଏବେ ଅବସର ନେବେନି ବିରାଟ କୋହଲି-ରୋହିତ ଶର୍ମା

ନୂଆଦିଲ୍ଲୀ, ୨୩।୦୮ (ନ୍ୟୁ.ଏ) : ସରିଛି ରୋ-କୋ ଜମାନା । ଆଉ ଦେଖିବାକୁ ମିଳିବନି ଜଲୱା । ଏମିତି ଚାଲିଥିଲା ଅନେକ ଚର୍ଚ୍ଚା । କାରଣ ଚଳିତ ୨୦୨୫ରେ, ଭାରତୀୟ ଦଳର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ନେଇଥିଲେ ଅବସର । ଯାହା ସମସ୍ତଙ୍କୁ କରିଥିଲା ଆଶ୍ଚର୍ଯ୍ୟ । ଏବେ ଏହି ଦୁଇ ଖେଳାଳିଙ୍କ ODI ରୁ ମଧ୍ୟ ଅବସର ନେବାର ଖବର ଆସୁଛି । କିନ୍ତୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (BCCI) ଏ ବିଷୟରେ ନିଜର ନୀରବତା ଭାଙ୍ଗିଛି । ବୋର୍ଡ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା କହିଛନ୍ତି ଯେ ବିରାଟ କୋହଲି ଓ ରୋହିତ ଶର୍ମା ଏପର୍ଯ୍ୟନ୍ତ ଅବସର ନେବାକୁ ଯାଉଛନ୍ତି ନାହିଁ । ସେମାନେ ଏବେ ବି ଟିମ୍ ଇଣ୍ଡିଆ ପାଇଁ ଖେଳିବାର ଦେଖାଯିବେ । ODI ରେ ଉଭୟଙ୍କର ଏକ ମହାନ ରେକର୍ଡ ରହିଛି । ଯୁପି ଟି୨୦ ଲିଗ୍ ସମୟରେ ଏକ ଟକ୍ ଶୋ'ରେ, ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ODI କ୍ରିକେଟରୁ ଅବସର ନେବାର ଆଲୋଚନାକୁ ଖାରଜ କରି କହିଥିଲେ ଯେ ଉଭୟ ODI ଖେଳିବେ । ଟକ୍ ଶୋ' ସମୟରେ, ଜଣେ ଆଙ୍କର ରାଜୀବ ଶୁକ୍ଳାଙ୍କୁ ପଚାରିଥିଲେ ଯେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ସଚିନ ତେନ୍ଦୁଲକରଙ୍କ ପରି ବିଦାୟ ମିଳିବ କି? ଏହା ଉପରେ, ବିସିସିଆଇ ଉପାଧ୍ୟକ୍ଷ ପ୍ରଶ୍ନ କରିଥିଲେ ଯେ ଲୋକମାନେ ଉଭୟ ଖେଳାଳିଙ୍କ ବିଷୟରେ ଏତେ ଚିନ୍ତିତ କାହିଁକି? ଯେତେବେଳେ ସେମାନେ ଏବେ ବି ଉଭୟ ଖେଳୁଛନ୍ତି । ରାଜୀବ ଶୁକ୍ଳା କହିଛନ୍ତି, 'ସେମାନେ କେବେ ଅବସର ନେଇଥିଲେ । ରୋହିତ ଶର୍ମା ଓ ବିରାଟ କୋହଲି, ଉଭୟ ଏବେ ବି ODIଖେଳୁଛନ୍ତି । ତେଣୁ ଯଦି ସେମାନେ ଏବେ ବି ଖେଳୁଛନ୍ତି ତେବେ ଏବେ ବିଦାୟ ବିଷୟରେ କାହିଁକି କଥା ହେଉଛି? ତୁମେ ଲୋକମାନେ ଏବେଠାରୁ କାହିଁକି ଚିନ୍ତିତ ହେଉଛ? ବିସିସିଆଇ କେବେ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ । ରାଜୀବ ଶୁକ୍ଳା ଆହୁରି କହିଛନ୍ତି ଯେ ବିସିସିଆଇ କେବେ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ । ଏହି ନିଷ୍ପତ୍ତି ସେମାନଙ୍କୁ ନେବାକୁ ପଡିବ । ବିସିସିଆଇ ଉପାଧ୍ୟକ୍ଷ କହିଛନ୍ତି, 'ଆମର ନୀତି ବହୁତ ସ୍ପଷ୍ଟ । ବୋର୍ଡ କେବେ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ । ତାଙ୍କୁ ନିଜର ନିଷ୍ପତ୍ତି ନେବାକୁ ପଡିବ' । ଟକ୍ ଶୋ' ସମୟରେ ରାଜୀବ ଶୁକ୍ଳା କହିଥିଲେ ଯେ ଟିମ୍ ଇଣ୍ଡିଆର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଏବେ ବି ସବୁଠାରୁ ଫିଟ୍ ଖେଳାଳିଙ୍କ ମଧ୍ୟରୁ ଜଣେ । ରୋହିତ ଶର୍ମା ଜଣେ ମହାନ ଏକଦିବସୀୟ ଖେଳାଳି । ସେ ପ୍ରଶଂସକମାନଙ୍କୁ କହିଥିଲେ ଯେ ଏହି ଦୁଇ ଖେଳାଳିଙ୍କ ଅବସର ବିଷୟରେ ଚିନ୍ତା କରନ୍ତୁ ନାହିଁ । ଯେତେବେଳେ ସେହି ସମୟ ଆସିବ, ଆମେ ଆପଣଙ୍କୁ କହିବୁ ଯେ ଏହା କିପରି କରିବେ? ଆପଣମାନେ ବର୍ତ୍ତମାନ ଅବସର ବିଷୟରେ କଥା ହେଉଛନ୍ତି, ଯେତେବେଳେ କୋହଲି ବର୍ତ୍ତମାନ ବହୁତ ଫିଟ୍ ଅଛନ୍ତି ଏବଂ ସେ ଭଲ ପ୍ରଦର୍ଶନ କରୁଛନ୍ତି । ରୋହିତ ଶର୍ମା ବହୁତ ଭଲ ଖେଳୁଛନ୍ତି । ଆପଣମାନେ ତାଙ୍କ ଅବସର ବିଷୟରେ ଅନାବଶ୍ୟକ ଭାବରେ ଚିନ୍ତିତ । ବିରାଟ କୋହଲି ଏବଂ ରୋହିତ ଶର୍ମା ୧୯ ରୁ ୨୫ ଅକ୍ଟୋବର ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଏକଦିବସୀୟ ସିରିଜରେ ଖେଳିବେ । ଟି-୨୦ ଏବଂ ଟେଷ୍ଟରୁ ଅବସର ନେବା ପରେ, ଏକଦିବସୀୟରୁ ଅବସର ନେବା ଖବର ସୋସିଆଲ ମିଡିଆରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । କିଛି ଲୋକ କହିଛନ୍ତି ଯେ ଅଷ୍ଟ୍ରେଲିଆ ଗସ୍ତ ଏହି ଦୁଇ ଖେଳାଳିଙ୍କ ଶେଷ ଗସ୍ତ ହୋଇପାରେ । ତଥାପି, ରୋହିତ ଶର୍ମା ଏବଂ ବିରାଟ କୋହଲି ପ୍ରଶିକ୍ଷଣ ଆରମ୍ଭ କରି ଏହି ଗୁଜବର ଅନ୍ତ ଘଟାଇଛନ୍ତି । ରିପୋର୍ଟ ଅନୁସାରେ, ବିସିସିଆଇ ଏହି ବିଷୟରେ ଶାନ୍ତ ଅଛି ଏବଂ ଏହି ଷ୍ଟାର ବ୍ୟାଟସମ୍ୟାନଙ୍କ ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନେବାକୁ ଶୀଘ୍ର ନୁହେଁ ।

ବେଜିଂରେ ନିର୍ମାଣଧୀନ ପୋଲ ଭୁଶୁଡିଲା, ୧୨ ମୃତ ୪ ନିଖୋଜ

ବେଜିଂ, ୨୩।୦୮ (ନ୍ୟୁ.ଏ) : ଚୀନର ଉତ୍ତର-ପଶ୍ଚିମ ଅଂଚଳରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଚୀନର ନିର୍ମାଣଧୀନ ଏକ ରେଳ ପୋଲ ଭୁଶୁଡ଼ି ପଡ଼ି ୧୨ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ନିଖୋଜ ରହିଛନ୍ତି । ଏପରି ଦୁର୍ଘଟଣା ଶୁକ୍ରବାର ବିଳମ୍ବିତ ରାତି କିଙ୍ଗହାଇରେ ଦେଖିବାକୁ ମିଳିଛି । ଯାହା ଚୀନର ନିର୍ମାଣ ସାମଗ୍ରୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକାଶଯୋଗ୍ୟ ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନଙ୍କୁ ଚୀନ ଦେଇଥିବା ସ୍ୱତନ୍ତ୍ର ଆଦୌ ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନଥିଲା । ଯାହାକି ଚୀନରେ ନିର୍ମିତ ସାମଗ୍ରୀ ଉପରେ ପ୍ରଶ୍ନ ଉଠିଛି । ଆଜିର ନିର୍ମାଣଧୀନ ପୋଲ ଭୁଶୁଡିବା ମଧ୍ୟ ଏହାର ଏକ ପ୍ରମାଣ ।ସୂଚନାନୁଯାୟୀ, ଏହି ସେତୁ ଏକ ରେଳ ପ୍ରକଳ୍ପର ଏକ ଅଂଶ ଯାହା ପଶ୍ଚିମ ଚୀନର ଦୁର୍ଗମ ଅଂଚଳକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରିବା ପାଇଁ ଡିଜାଇନ୍ କରାଯାଇଥିଲା । ଯେଉଁ ସେତୁଟି ୧.୬ କିଲୋମିଟର ଲମ୍ବା ଏବଂ ନଦୀ ପୃଷ୍ଠରୁ ପ୍ରାୟ ୫୫ ମିଟର (୧୮୦ ଫୁଟ) ଉଚ୍ଚ । ଏହି ସେତୁ ନିର୍ମାଣ ପାଇଁ ୧୬ ଜଣ ଶ୍ରମିକ କାମ କରୁଥିଲେ । ଏହି ସମୟରେ ଏକ ଷ୍ଟିଲ୍ କେବୁଲ୍ ଭାଙ୍ଗି ଯାଇଥିଲା । ଫଳରେ ସେଠାରେ କାମ କରୁଥିବା ସମସ୍ତ ଶ୍ରମିକ ୟେଲୋ ନଦୀରେ ପଡ଼ି ଯାଇଥିଲେ ଏବଂ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଡଙ୍ଗା, ହେଲିକପ୍ଟର ଏବଂ ପାଣି ତଳେ ରୋବୋଟ୍ ସାହାଯ୍ୟରେ ନିଖୋଜ ଶ୍ରମିକମାନଙ୍କୁ ଖୋଜା ଚାଲିଛି । ଏପର୍ଯ୍ୟନ୍ତ ୧୨ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ୪ ଜଣ ନିଖୋଜ ଶ୍ରମିକଙ୍କ ସନ୍ଧାନ ଜାରି ରହିଛି । ଅନ୍ୟପଟେ ଅଧିକାରୀମାନେ କହିଛନ୍ତି ଯେ, ଉଦ୍ଧାର କାର୍ଯ୍ୟ ଜୋରଦାରରେ ଚାଲିଛି । କିନ୍ତୁ ନଦୀର ଗଭୀରତା ଏବଂ ପ୍ରବଳ ସ୍ରୋତ ଯୋଗୁଁ ସନ୍ଧାନ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହା ସହିତ ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି । ଏହାରି ମଧ୍ୟରେ ପ୍ରଶାସନ ପୀଡିତ ପରିବାରକୁ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି ।

ଋଣ ଜାଲିଆତି: ଅନୀଲ ଅମ୍ବାନିଙ୍କ ଘରେ ପଶିଲା ସିବିଆଇ

ନୂଆଦିଲ୍ଲୀ: ଉଦ୍ୟୋଗପତି ଅନିଲ ଅମ୍ବାନିଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି । ମୁମ୍ବାଇରେ ଉଭତଙ୍ଗ ଓ ଅନିଲ କମ୍ପାନିଙ୍କ ବିଭିନ୍ନ ଠିକଣାରେ ସିବିଆଇ ଚଢଉ କରିଛି । ସିବିଆଇ ଅଧିକାରୀ ସକାଳ ୭ଟାରୁ ଅନିଲ୍ ଅମ୍ବାନିଙ୍କ ଘରେ ତଦନ୍ତ କରୁଛନ୍ତି । ଏହା ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୧୭,୦୦୦ କୋଟି ଟଙ୍କା ବ୍ୟାଙ୍କ ଜାଲିଆତି ମାମଲାରେ ଜେରା କରିଥିଲା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ୬୬ ବର୍ଷୀୟ ବ୍ୟବସାୟୀଙ୍କ କମ୍ପାନି ବିରୋଧରେ କଥିତ ରୂପେ କୋଟି କୋଟି ଟଙ୍କାର ବ୍ୟାଙ୍କ ଋଣ ସହ ଜଡ଼ିତ ମନିଲଣ୍ଡ୍ରିଂ ମାମଲାରେ ଜେରା କରିବାର ଗୋଟିଏ ସପ୍ତାହ ପରେ ସିବିଆଇ ଚଢଉ ହୋଇଛି । ସିବିଆଇ ଅନିଲ ଅମ୍ବାନିଙ୍କ ୬ଟି ସ୍ଥାନରେ ଚଢଉ କରିଛି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କମ୍ପାନି ବିରୋଧରେ ସିବିଆଇ ଜାଲିଆତି ମାମଲା ରୁଜୁ କରିଛି । ଏହି ଋଣ ଜାଲିଆତି ମାମଲାରେ ଏସବିଆଇକୁ ୨ ହଜାର କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଥିଲା । ଏସ୍‌ବିଆଇ ଜୁନ୍ ୧୩ରେ ଏହି ମାମଲାକୁ ଫ୍ରଡ୍ ଶ୍ରେଣୀରେ ରଖିଥିଲା । ଏହି ପଦକ୍ଷେପ ଆରବିଆଇର ଫ୍ରଡ୍ ରିସ୍କ ମ୍ୟାନେଜମେଂଟ ଗାଇଡ୍‌ଲାଇନ୍ ଓ ବ୍ୟାଙ୍କର ବୋର୍ଡ-ସ୍ୱୀକୃତି ନୀତି ଅଧିନରେ ନିଆଯାଇଛି । ଏହାପରେ ୨୦୨୫ ଜୁନ୍ ୨୪ରେ ବ୍ୟାଙ୍କ ଆର୍‌ବିଆଇକୁ ରିପୋର୍ଟ କରି ଅଭିଯୋଗ ଦାଖଲ କରିବା ପ୍ରକ୍ରିୟା ଆରମ୍ଭ କରିଥିଲା । ଏହି ପୂରା ମାମଲା ଉପରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଗତ ମାସରେ ଲୋକସଭାରେ ଲିଖିତ ଉତ୍ତରରେ ସୂଚନା ଦେଇଥିଲେ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସପ୍ତାହ ପୂର୍ବେ ଅନିଲ ଅମ୍ବାନିଙ୍କୁ ବ୍ୟାଙ୍କ ସହ ଜାଲିଆତି ମାମଲାରେ ପଚରାଉଚରା କରିଥିଲା । ନୂଆଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ଏହି ପଚରାଉଚରା କରାଯାଇଥିଲା । ୧୭ ହଜାର କୋଟି ଟଙ୍କାର ଜାଲିଆତି ମାମଲାରେ ଅଧିକାରୀମାନେ ଦୀର୍ଘ ଘଂଟା ଯାଏ ଜେରା କରିଥିଲେ । ଇଡି ତଦନ୍ତ ସମୟରେ ଅନେକ ଅନିୟମିତତା ମିଳିଥିଲା, ଯେଉଁଥିରେ ସୋର୍ସ ବିନା କମ୍ପାନିଗୁଡ଼ିକୁ ଋଣ ପ୍ରଦାନ କରାଯିବା, ସମାନ ନିର୍ଦ୍ଦେଶକ ଏବଂ ଠିକଣା ଥିବା ଋଣ ଗ୍ରହଣକାରୀ ସଂସ୍ଥା, ଆବଶ୍ୟକୀୟ କାଗଜପତ୍ର ଅଭାବ, ସେଲ୍ କମ୍ପାନିଗୁଡ଼ିକ ନାମରେ ଋଣ ମଞ୍ଜୁର ଏବଂ ପୁରୁଣା ଋଣ ପରିଶୋଧ କରିବା ପାଇଁ ନୂତନ ଋଣ ନେବା ଇତ୍ୟାଦି ସାମିଲ ଥିଲା । ଚଢଉ ପୂର୍ବରୁ, ସିବିଆଇ ଦୁଇଟି ଏଫ୍‌ଆଇଆର୍ ଦାଖଲ କରିଥିଲା, ଯାହା ପରେ ଇଡି ଚଢଉ କରିଥିଲା । ଏବେ ସିବିଆଇ ମଧ୍ୟ ଚଢଉ କରିଛି । ଏହି ଚଢଉ ୧୭୦୦୦ କୋଟି ଟଙ୍କାର କଥିତ ବ୍ୟାଙ୍କ ଋଣ ଠକେଇ ମାମଲାରେ ହୋଇଛି । ଆର୍ଥିକ ବର୍ଷ ୨୦୧୭- ୨୦୧୯ ମଧ୍ୟରେ ୟେସ୍ ବ୍ୟାଙ୍କ ଦ୍ୱାରା ଅନିଲ ଅମ୍ବାନିଙ୍କ କମ୍ପାନୀଗୁଡ଼ିକୁ ଋଣ ଭାବରେ ବେଆଇନ ଟଙ୍କା ସ୍ଥାନାନ୍ତର କରାଯାଇଥିଲା । ଇଡି ସୂତ୍ର ଅନୁଯାୟୀ, ଅନିଲ ଅମ୍ବାନିଙ୍କ କମ୍ପାନିଗୁଡ଼ିକୁ ଋଣ ଦିଆଯିବାର ଠିକ୍ ପୂର୍ବରୁ, ୟେସ୍ ବ୍ୟାଙ୍କର ପ୍ରମୋଟରମାନେ ସେମାନଙ୍କ ବ୍ୟବସାୟରେ ବିପୁଳ ଟଙ୍କା ପାଇଥିଲେ । ଏହି କାରଣରୁ ଲାଂଚ ଏବଂ ଉଭୟଙ୍କ ମଧ୍ୟରେ ସମ୍ପର୍କର ତଦନ୍ତ କରାଯାଉଛି ।

ଆମେରିକାକୁ ଅସ୍ଥାୟୀ ଭାବେ ଡାକ ସେବା ବନ୍ଦ କଲା ଭାରତ

ନୂଆଦିଲ୍ଲୀ, ୨୩।୦୮ (ନ୍ୟୁ.ଏ) : ଡାକ ବିଭାଗ ୩୦ ଜୁଲାଇ, ୨୦୨୫ ରେ ଯୁକ୍ତରାଷ୍ଟ୍ର ସରକାର ଦ୍ୱାରା ଜାରିକୃତ କାର୍ଯ୍ୟାଦେଶ ସଂଖ୍ୟା ୧୪୩୨୪କୁ ଧ୍ୟାନରେ ନେଇଛି । ଏହି ଆଦେଶାନୁସାରେ, ୨୯ ଅଗଷ୍ଟ ୨୦୨୫ ରୁ USD ୮୦୦ ପର୍ଯ୍ୟନ୍ତ ମୂଲ୍ୟର ପଣ୍ୟ ପାଇଁ ରହିଥିବା ଶୁଳ୍କମୁକ୍ତ "ଡି-ମିନିମିସ୍"ଛାଡ଼କୁ ବିଲୋପ କରାଯିବ । ଏହାର ପରିଣାମରୂପେ, ଆମେରିକାକୁ ପଠାଯାଇଥିବା ସମସ୍ତ ଆନ୍ତର୍ଜାତୀୟ ଡାକୀୟ ସାମଗ୍ରୀ, ସେଥିରେ ମୂଲ୍ୟ କେତେ ବି ହେଉ, IEEPA (International Emergency Economic Power Act) ଅନୁଯାୟୀ ଶୁଳ୍କ ଅଧୀନରେ ପଡିବ । ତଥାପି, ଟଙ୍କା ୧୦୦ ପର୍ଯ୍ୟନ୍ତ ମୂଲ୍ୟର ଉପହାର ସାମଗ୍ରୀ ଶୁଳ୍କରୁ ମୁକ୍ତ ରହିବ । କାର୍ଯ୍ୟାଦେଶ ଅନୁସାରେ, ଆନ୍ତର୍ଜାତୀୟ ଡାକ ଜାଳିକା ମାଧ୍ୟମରେ ପ୍ରେରଣ କରୁଥିବା ବିମାନ ବାହକ ସଂସ୍ଥାଗୁଡ଼ିକ କିମ୍ବା U.S. CBP ଦ୍ୱାରା ଅନୁମୋଦିତ "ଯୋଗ୍ୟ ପକ୍ଷଗୁଡ଼ିକ"କୁ ପୋଷ୍ଟାଲ୍ ପ୍ରେରଣରୁ ଶୁଳ୍କ ଆଦାୟ କରି ସରକାରଙ୍କୁ ଦେବାକୁ ପଡିବ । ୧୫ ଅଗଷ୍ଟ ୨୦୨୫ ରେ CBP କିଛି ନିର୍ଦ୍ଦେଶନାମା ଜାରି କରିଥିଲେ । କିନ୍ତୁ "ଯୋଗ୍ୟ ପକ୍ଷ" ଚିହ୍ନଟ, ଶୁଳ୍କ ଆଦାୟ ଓ ଦାଖଲ ପ୍ରଣାଳୀ ସମ୍ପର୍କରେ ପ୍ରମୁଖ ପ୍ରକ୍ରିୟାଗୁଡ଼ିକ ସ୍ପଷ୍ଟ ନୁହେଁ । ଏହାର ପରିଣାମରେ, U.S. bound air carriers (ଆମେରିକାଗାମୀ ବିମାନ ବାହକ) ଅପରେସନାଲ୍ ଓ ପ୍ରାୟୋଗିକ ପ୍ରସ୍ତୁତିର ଅଭାବ ଦେଖାଇ ୨୫ ଅଗଷ୍ଟ ୨୦୨୫ ପରେ ଡାକୀୟ ସାମଗ୍ରୀ ଗ୍ରହଣ କରିବାରେ ଅସମର୍ଥତା ପ୍ରକାଶ କରିଛନ୍ତି । ଏହି ପରିସ୍ଥିତିରେ, ଡାକ ବିଭାଗ ୨୫ ଅଗଷ୍ଟ ୨୦୨୫ରୁ ଆମେରିକାଗାମୀ ସମସ୍ତ ପ୍ରକାର ଡାକୀୟ ସାମଗ୍ରୀର ବୁକିଂକୁ ଅସ୍ଥାୟୀ ଭାବରେ ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛି । କେବଳ ପତ୍ର/ଦଲିଲ ଓ USD ୧୦୦ପର୍ଯ୍ୟନ୍ତ ମୂଲ୍ୟର ଉପହାର ସାମଗ୍ରୀକୁ ଛାଡ଼ ଦିଆଯିବ ଏବଂ ଏଗୁଡ଼ିକୁ CBP ଓ USPS ପକ୍ଷରୁ ପୁନର୍ବାର ସ୍ପଷ୍ଟତା ମିଳିବା ପର୍ଯ୍ୟନ୍ତ ଆମେରିକାକୁ ପଠାଯିବ । ଡାକ ବିଭାଗ ସମସ୍ତ ସମ୍ପୃକ୍ତ ପକ୍ଷ ସହିତ ସମନ୍ୱୟ ରଖି ସମସ୍ତ ପରିସ୍ଥିତିକୁ ନିକଟରୁ ନଜର ରଖୁଛି ଓ ସବୁଠାରୁ ଶୀଘ୍ର ସାଧାରଣ ସେବା ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଛି । ସମସ୍ତ ଗ୍ରାହକ ଆଗରୁ ଏମିତି ଡାକୀୟ ସାମଗ୍ରୀ ବୁକ୍ କରିଥିବେ ଯାହାକି ବର୍ତ୍ତମାନ ଆମେରିକାକୁ ପଠାଯାଇପାରିବ ନାହିଁ । ସେମାନେ ଡାକ ଶୁଳ୍କର ଫେରୋତି ଦାବିପାରିବେ । ଡାକ ବିଭାଗ ଗ୍ରାହକମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଗଭୀର ଦୁଃଖ ପ୍ରକାଶ କରୁଛି ଏବଂ ଶୀଘ୍ରତମ ସମୟରେ ଆମେରିକାକୁ ପୂର୍ଣ୍ଣ ସେବା ପୁନରାରମ୍ଭ ପାଇଁ ସମସ୍ତ ପ୍ରୟାସ ହେଉଥିବାର ଆଶ୍ୱାସନା ଦେଇଛି ।

ଭୁବନେଶ୍ୱର ଏୟାରପୋର୍ଟରୁ ପୁଣି ମାରିଜୁଆନା ଜବତ, ପ୍ରେମୀ ଯୁଗଳଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର, ୨୩।୦୮ (ଆ.ପ୍ର) : ରାଜଧାନୀରୁ ପୁଣି ମାରିଜୁଆନା ସିଜ୍ । ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଧରାପଡିଲା ୪ କୋଟିର ମାରିଜୁଆନା । ବ୍ୟାଙ୍କକରୁ ଭୁବନେଶ୍ୱର ଚୋରା ଚାଲାଣ ବେଳେ ପ୍ରେମୀଯୁଗଳଙ୍କୁ ବାନ୍ଧିଲା କଷ୍ଟମ ବିଭାଗ । ଏହା ସହିତ ଉକ୍ତ ଯୁବକ ଓ ଯୁବତୀଙ୍କୁ ଜେରା କରୁଛି ପୋଲିସ । ଖବର ଅନୁଯାୟୀ, ଗତ କିଛି ମାସ ହେଲା ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଗାତର ଭାବେ ମାରିଜୁଆନା ଜବତ ହେଉଛି । ଜୁଲାଇ ୨୯ ତାରିଖରେ ତିନି ଜଣ ଯୁବକଙ୍କୁ ଗିରଫ କରିଥିଲା ଏୟାରପୋର୍ଟ ପୋଲିସ । ଆଉ ସେମାନଙ୍କ ନିକଟରୁ ୨୫ କେଜିର ମାରିଜୁଆନା ଜବତ କରିଥିଲା । ଏହାପରେ ଅଗଷ୍ଟ ୨ ତାରିଖରେ ବ୍ୟାଙ୍କକରୁ ଚୋରାରେ ମାରିଜୁଆନା ଆଣୁଥିବା ବେଳେ ଜଣେ ଯାତ୍ରୀଙ୍କୁ ଗିରଫ କରିଥିଲା କଷ୍ଟମ ବିଭାଗ । ଗିରଫ ବ୍ୟକ୍ତିଙ୍କ ଠାରୁ ୧୦ କୋଟିର ମାରିଜୁଆନା ଜବତ କରିଥିଲେ । ସେହିପରି ଅଗଷ୍ଟ ୨ ତାରିଖରେ ଥାଇଲାଣ୍ଡରୁ ଚାଲାଣ ବେଳେ କଷ୍ଟମ ବିଭାଗର ହାତରେ ଲାଗିଥିଲା ୮ କୋଟିର ମାରିଜୁଆନା । ଆଉ ଏବେ ଭୁବନେଶ୍ୱର ଏୟାରପୋର୍ଟରୁ ପୁଣି ଥରେ ମାରିଜୁଆନା ଜବତ ହୋଇଛି । ବ୍ୟାଙ୍କକରୁ ୪ କୋଟି ଟଙ୍କାର ମାରିଜୁଆନା ଆଣୁଥିବା ବେଳେ ଭୁବନେଶ୍ୱରରେ ଧରାପଡିଛନ୍ତି ପ୍ରେମୀଯୁଗଳ । ଏୟାରପୋର୍ଟରେ ଦୁହିଁଙ୍କ ଉପରେ ସନ୍ଦେହ ହେବାରୁ କଷ୍ଟମ ଅଧିକାରୀ ସେମାନଙ୍କୁ ଯାଂଚ କରିଥିଲେ । ଆଉ ଯାଂଚ ବେଳେ ସେମାନଙ୍କ ନିକଟରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲା ଉଭୟ । ଏହାସହିତ ଯୁବକ ଓ ଯୁବତୀଙ୍କୁ ଅଟକ ରଖି ଜେରା କରୁଛି ପୋଲିସ । ତେବେ ଏହି ନିଶାଦ୍ରବ୍ୟ ବ୍ୟାଙ୍ଗକର କେଉଁ ସ୍ଥାନରୁ ଆସିଥିଲା? ଭୁବନେଶ୍ୱରର କେଉଁ କେଉଁ ଜାଗାକୁ ଚାଲାଣ ହେବାରେ ଥିଲା? ଏଥିରେ କିଏ କିଏ ସାମିଲ ଅଛନ୍ତି? ତାକୁ ନେଇ ଛାନ୍‌ଭିନ୍ ଜାରି ରଖିଛି ପୋଲିସ ।

ମନି ଗେମ୍ ବନ୍ଦ କଲା ଡ୍ରିମ-୧୧

ମୁମ୍ବାଇ, ୨୩।୦୮ (ନ୍ୟୁ.ଏ) : ସରକାରଙ୍କ ଦ୍ୱାରା ଅନଲାଇନ ଗେମ ଆଇନ ଲାଗୁ ହେବା ପରେ ଡ୍ରିମ-୧୧ ସମେତ ଦେଶରେ କାମ କରୁଥିବା ଗେମିଂ ଆପଗୁଡ଼ିକ ନିଜ ନିଜର ମନିଗେମ ଗୁଡ଼ିକୁ ବନ୍ଦ କରିଦେଇଛନ୍ତି ଓ ତା ସ୍ଥାନରେ ସୋସିଆଲ ଗେମ ଗୁଡ଼ିକ ଉପରେ ଫୋକସ କରିବା ଆରମ୍ଭ କରିଛନ୍ତି । ଡ୍ରିମ-୧୧ ପକ୍ଷରୁ ଏକ ବୟାନ ଜାରି କରି ମନି ଗେମ ବନ୍ଦ ହେବା ବିଷୟରେ ସୂଚନା ଦିଆଯାଇଛି । ମନି ଗେମର ଅର୍ଥ ହେଉଛି ଯୋଉଁ ଗେମରେ ଅର୍ଥ ଲଗାଇବାକୁ ପଡ଼େ ଓ ସେଥିରେ ଅର୍ଥ ପୁରସ୍କାର ଥାଏ । ମନିଗେମ ବନ୍ଦ କରି ଡ୍ରିମ-୧୧ ସୋସିଆଲ ଗେମରେ ଫୋକସ କରିବା ଆରମ୍ଭ କରିଛି । ଏହି ଗେମରେ କୌଣସି ଅର୍ଥ ଲଗାଇବାକୁ ପଡ଼ିନଥାଏ । ଏଥିରେ ଯୋଗ ଦେବା ମାଗଣା ଓ ପୁରସ୍କାର ବାବଦରେ ନଗଦ ଅର୍ଥ ବଦଳରେ ଆଇଫୋନ, ଆଇପ୍ୟାଡ୍ ଆଦି ପୁରସ୍କାର ରହିଛି । ସେହିପରି ମାଇ୧୧ ସର୍କଲ ପକ୍ଷରୁ ମଧ୍ୟ ମନି ଗେମ ବନ୍ଦ କରି ସୋସିଆଲ ଗେମ ଚାଲୁ କରାଯାଇଛି । ଡ୍ରିମ-୧୧ ପକ୍ଷରୁ ଏକ ବୟାନ ଜାରି କରି ମନି ଗେମ ବନ୍ଦ ହେବା ବିଷୟରେ ସୂଚନା ଦିଆଯାଇଛି । ମନି ଗେମର ଅର୍ଥ ହେଉଛି ଯୋଉଁ ଗେମରେ ଅର୍ଥ ଲଗାଇବାକୁ ପଡ଼େ ଓ ସେଥିରେ ଅର୍ଥ ପୁରସ୍କାର ଥାଏ । ମନିଗେମ ବନ୍ଦ କରି ଡ୍ରିମ-୧୧ ସୋସିଆଲ ଗେମରେ ଫୋକସ କରିବା ଆରମ୍ଭ କରିଛି । ମନି ଗେମ ଡ୍ରିମ-୧୧ ରାଜସ୍ୱର ୯୦% ଯୋଗଦାନ ଦେଇଥାଏ । ଏଣୁ ସୋସିଆଲ ଗେମ ଉପରେ ଫୋକସ କଲେ ବି ଡ୍ରିମ-୧୧ର କ୍ଷତି ଭରଣା ହୋଇପାରିବ ନାହିଁ । ଏହାକୁ ଦୃଷ୍ଟିରେ ରଖି କମ୍ପାନି ଗୋଲଡ୍ ଇନଭେଷ୍ଟମେଂଟ ଆପ୍ କ୍ଷେତ୍ରରେ ପ୍ରବେଶ କରିବାକୁ ନିଷ୍ପତି ନେଇଛି । କମ୍ପାନିର ଏହି ପରିବର୍ତ୍ତନ ସଂପର୍କରେ ନିଜର ନିୟମିତ ଓ ଅସ୍ଥାୟୀ କର୍ମଚାରୀମାନଙ୍କୁ ସୂଚୀତ କରାଯାଇଛି ।

ଉତରାଖଣ୍ଡରେ ଭୟଙ୍କର ବାଦଲଫଟା ବର୍ଷା

ଡେରାଡୁନ୍, ୨୩।୦୮ (ନ୍ୟୁ.ଏ) : ଉତରାଖଣ୍ଡର ଚମୋଲିରେ ପ୍ରଳୟ । ଚମୋଲି ଜିଲ୍ଲା ଧରାଲିରେ ଭୟଙ୍କର ବାଦଲଫଟା ବର୍ଷା ଯୋଗୁ ସବୁ ଛାରଖାର । ମାଟିରେ ମିଶିଲା ବହୁ ଘରଦ୍ୱାର । ଭାସିଗଲା ଗାଡ଼ି ମୋଟର । ଗତକାଲି ବିଳମ୍ବିତ ରାତିରେ ବାଦଲଫଟା ବର୍ଷା ଯୋଗୁ ପ୍ରବଳ କ୍ଷୟକ୍ଷତି ହୋଇଛି । ବାଦଲ ଫଟା ବର୍ଷାରେ ଧରାଲି ସମେତ ଆଖପାଖ ଗାଁ ଗୁଡ଼ିକରେ ଥିବା ଘରଗୁଡ଼ିକରେ ମାଟି, କାଦୁଅ ପଶିଯାଇଛି । ପ୍ରବଳ ବର୍ଷା ପରେ ଭୂସ୍ଖଳନ ଯୋଗୁ ସାଗୱାଡ଼ା ଗାଁରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେବି ଅନେକ ନିଖୋଜ ଅଛନ୍ତି । ବାଦଲଫଟା ବର୍ଷା ଓ ଭୂସ୍ଖଳନ ଯୋଗୁ ଧରାଲି-ଗ୍ୱାଲଦମ ଏବଂ ଧରାଲି-ସାଗୱାଡ଼ା ମାର୍ଗ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଘଟଣାସ୍ଥଳରେ ଜିଲ୍ଲା ପ୍ରଶାସନ ସହାୟତାରେ ଏନଡିଆରଏଫ, SDRF ଟିମ ପକ୍ଷରୁ ଜୋରଦାର ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି । ଆଜି ବିଜୁଳି, ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଇଏମଡି । ଏହାସହିତ ପାହାଡ଼ିଆ ଅଂଚଳରେ ଭୂସ୍ଖଳନ ଓ ବନ୍ୟାର ଆଶଙ୍କା ରହିଛି । ଏହି ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି । ସ୍ଥିତି ଉପରେ ନଜର ରଖିଛନ୍ତି । ପ୍ରଭାବିତଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ବିପର୍ଯ୍ୟୟ ପରେ ଜିଲ୍ଲା ପ୍ରଶାସନ ଲୋକମାନଙ୍କୁ ନଦୀକୂଳରୁ ଦୂରେଇ ରହିବାକୁ ଏବଂ ଅନାବଶ୍ୟକ ଯାତ୍ରା ନ କରିବାକୁ ପରାମର୍ଶ ଦେଇଛି । ରାଜ୍ୟରେ ଜାରି ରହିଥିବା ଭାରୀ ବର୍ଷାର ସତର୍କକୁ ଦୃଷ୍ଟିରେ ରଖି ଚମୋଲି, ପିଠୋରାଗଡ଼, ଅଲମୋଡ଼ା ଏବଂ ରୁଦ୍ରପ୍ରୟାଗ ଜିଲ୍ଲାରେ ସମସ୍ତ ସ୍କୁଲ ଏବଂ ଆଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିଛି । ଏହି ଘଟଣା ଉତରାଖଣ୍ଡରେ ବାରମ୍ବାର ଘଟୁଥିବା ବାଦଲ ଫଟା ବର୍ଷା ଏବଂ ବନ୍ୟା ଜନିତ ବିପର୍ଯ୍ୟୟ ଉପରେ ଆଲୋକପାତ କରିଛି । ଏଥିସହ ଜାଣିରଖନ୍ତୁ ଯେ, ଜଳବାୟୁ ପରିବର୍ତ୍ତନ ଓ ବେଆଇନ ନିର୍ମାଣ ଏହାର ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

କୌଣସି ଆସୁରିକ ଶକ୍ତିକୁ ଭୟ କରେନି: ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା

ନୂଆଦିଲ୍ଲୀ, ୨୩।୦୮ (ନ୍ୟୁ.ଏ) : ଜନଶୁଣାଣି ସମୟରେ ଆକ୍ରମଣର ଶିକାର ହୋଇଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । ଗୁଜରାଟର ରାଜେଶ ନାମକ ଜଣେ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ । ଏହି ଘଟଣାକୁ ଚାଲିଛି ରାଜନୈତିକ ବୟାନବାଜି । ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହାରି ଭିତରେ ସାମ୍ନାକୁ ଆସିଛି ମୁଖ୍ୟମନ୍ତ୍ରୀଙ୍କ ବୟାନ । ସେ କହିଛନ୍ତି ଯେ ଆକ୍ରମଣ ସତ୍ତ୍ୱେ, ତାଙ୍କର ସାହସ ଏବଂ ସଂକଳ୍ପ ପୂର୍ବ ଅପେକ୍ଷା ଅଧିକ ଦୃଢ଼ ହୋଇଛି । ସେ ଝଡ଼ ସହିତ ଲଢ଼ିବାରେ ଅଭ୍ୟସ୍ତ ଏବଂ ସେ ଆସୁରିକ ଶକ୍ତିକୁ ଭୟ କରନ୍ତି ନାହିଁ ବୋଲି କହିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶ୍ରୀରାମ କଲେଜ ଅଫ୍ କମର୍ସ (SRCC)ର ବାର୍ଷିକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କଲେଜର ଶିକ୍ଷକ, ଛାତ୍ର ଏବଂ ପୂର୍ବତନ ଛାତ୍ରଙ୍କ ସହିତ ତାଙ୍କ କଲେଜ ଦିନଗୁଡ଼ିକୁ ମଧ୍ୟ ମନେ ପକାଇଛନ୍ତି । କହିଛନ୍ତି- ଦେଶର ରାଜଧାନୀ ଦିଲ୍ଲୀକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା କେନ୍ଦ୍ର କରିବା ତାଙ୍କର ପ୍ରାଥମିକତା ମଧ୍ୟରେ ରହିଛି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା SRCC କଲେଜ କ୍ୟାମ୍ପସରେ ତାଙ୍କ କଲେଜ ଦିନଗୁଡ଼ିକୁ ମନେ ପକାଇ ଆଜିର ଘଟଣା ସହିତ ଯୋଡ଼ି କହିଛନ୍ତି ଯେ ତାଙ୍କ କଲେଜ ଦିନଗୁଡ଼ିକରେ, ଉଟକ୍ଷ ସଭାପତି ଥିବା ସମୟରେ ଏକ ପ୍ରତିବାଦରେ ସେ ଗୁରୁତର ଆହତ ହୋଇଥିଲେ । ସେତେବେଳେ ମଧ୍ୟ, ସେ ସାହସ ହରାଇ ନଥିଲେ ଏବଂ ଆଜି ମଧ୍ୟ ତାଙ୍କ ସହିତ ସମାନ ଆଗ୍ରହ ରହିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେ ଏବେ ଆହୁରି ଦୃଢ଼ତାର ସହିତ କାମ କରୁଛନ୍ତି । ତାଙ୍କର ଉଦ୍ଦେଶ୍ୟ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ରେଖା କହିଛନ୍ତି, 'ମୁଁ କୌଣସି ଆସୁରିକ ଶକ୍ତିକୁ ଭୟ କରେ ନାହିଁ । ମୁଁ ଝଡ଼ ସହିତ ଲଢ଼ିବାରେ ଅଭ୍ୟସ୍ତ ଏବଂ ଦିଲ୍ଲୀର ଲୋକମାନେ ମୋର ସବୁଠାରୁ ବଡ଼ ଶକ୍ତି । ଆଜି ମୋ ପାଖରେ ଦିଲ୍ଲୀବାସୀଙ୍କ ପ୍ରେମ ଏବଂ ଆଶୀର୍ବାଦ ଅଛି । ମୁଁ ଆହୁରି ଦୃଢ଼ତାର ସହିତ କାମ କରୁଛି' ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das